୬ ▶ ୨୦ ଛକା, ୩୧ ଚୌକା ବର୍ଷା କରି ଇତିହାସ ରଚିଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୧୫ ● ୧୩ ଡିସେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-315 ● 13th December 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

# ଜନଗଣନା ପାଇଁ ଖର୍ଚ୍ଚ ହେବ ୧୧,୭୧୮ କୋଟି

**ନୂଆଦିଲ୍ଲୀ, ୧୨।୧୨**

ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ତିନୋଟି ପ୍ରମୁଖ ନିଷ୍ପତ୍ତି ନେଇଛି। ଜନଗଣନା ପାଇଁ ୧୧,୭୧୮ କୋଟି ଟଙ୍କାର ବଜେଟକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ସେହିପରି କୋପ୍ରା ଏମଏସପି ବୃଦ୍ଧି କରାଯାଇଛି ।

ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, '୨୦୨୭ ଜନଗଣନା ସମ୍ପର୍କରେ ଏକ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୧୧,୭୧୮ କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହୋଇଛି। ଦ୍ୱିତୀୟତଃ, କୋଇଲା କିମ୍ବା ଶକ୍ତି କ୍ଷେତ୍ରରେ ଏକ ପ୍ରମୁଖ ସଂସ୍କାର କରାଯାଇଛି। ତୃତୀୟତଃ, କୃଷକମାନଙ୍କ ସହ ଜଡିତ ଏକ ନିଷ୍ପତ୍ତି ନିଆଯାଇଛି।'



କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, '୨୦୨୭ ଜନଗଣନା ପ୍ରଥମ ଡିଜିଟାଲ ଜନଗଣନା ହେବ। ତଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଜନଗଣନାର ଡିଜିଟାଲ ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ଏହା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟ ୧ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଘର ତାଲିକା ଏବଂ ଗୃହ ଗଣନା ହେବ। ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରୀ ୨୦୨୭ରେ ଜନଗଣନା ହେବ। କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, 'ପ୍ରଥମ ଥର ପାଇଁ ଏକ ଡିଜିଟାଲ ଜନଗଣନା କରାଯିବ, ଯେଉଁଥିରେ ଏକ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯିବ। ଏହି ଆବେଦନ ହିନ୍ଦୀ, ଇଂରାଜୀ ଏବଂ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ।'

ସେହିପରି କ୍ୟାବିନେଟ ପରମାଣୁ ଶକ୍ତି ବିଲ୍ ୨୦୨୫ *(ପୃଷ୍ଠା ୭ରେ)*

# ମାଲକାନଗିରି ହିଂସା : ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଲେ ଉପ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୧୨**

**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ସ୍ଥିତି ନେଇ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଶ୍ରୀ ସିଂହଦେଓ ଓ ଶ୍ରୀ ମଲ୍ଲିକ ଶୁକ୍ରବାର ମାଲକାନଗିରି ଗସ୍ତ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ଥିତି ସମୀକ୍ଷା କରିଥିଲେ।

ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ମାଲକାନାଗିରି ଆଇନ ଶୃଙ୍ଖଳା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ ଓ *(ପୃଷ୍ଠା ୭ରେ)*



## ଆଜିର ମୁଖ୍ୟ ଖବର

- ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ଅବସ୍ଥା ସଙ୍କଟାପନ୍ନ।
- ଭାରତରେ ପ୍ରଥମଥର ପାଇଁ କୋଇଲା ରପ୍ତାନିକୁ ଅନୁମତି।
- ରେଡ୍ ଫୋର୍ଟ ଚାରିପାଖେ କଡା ସୁରକ୍ଷା; ୟୁନେସ୍କୋ ବୈଠକ ଆରମ୍ଭ।
- ଭାରତ ପୁରୁଷ ହକି ଚାମ୍ପିଅନସିପ୍ ଫାଇନାଲକୁ ପ୍ରବେଶ।
- ଏସିଆ ଭାରୋତ୍ତୋଳନ : ମୀରାବାଇ ଚାନୁ ଜିତିଲେ ରୌପ୍ୟ ପଦକ ।
- ଭାରତ ଟି–୨୦ ଶ୍ରେଣୀକରଣରେ ପ୍ରଥମ ସ୍ଥାନ ରଖିଲା।
- ରାଷ୍ଟ୍ରୀୟ ସଡ଼କ ସୁରକ୍ଷା ଡିଜିଟାଲ ଡାଶବୋର୍ଡ ଆରମ୍ଭ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୩୨୦ (+୨୪୫)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୧୦ (+୨୨୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୯୯୦ (+୧୪୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୧୫ (+୬)

# ଓଡ଼ିଶା ୱାଟରମ୍ୟାନସିପ୍ ଏବଂ ଲାଇଫଗାର୍ଡ ପ୍ରତିଷ୍ଠାନ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୨।୧୨**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଉପକୂଳ ସୁରକ୍ଷା, ଜଳ ଦକ୍ଷତା (ୱାଟରମ୍ୟାନସିପ୍) ଏବଂ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ମାଇଲଖୁଣ୍ଟ ସ୍ଥାପନ କରି, ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋଣାର୍କ ନିକଟସ୍ଥ ରାମଚଣ୍ଡୀଠାରେ ଓଡ଼ିଶା ୱାଟରମ୍ୟାନସିପ୍ ଏବଂ ଲାଇଫଗାର୍ଡ ପ୍ରତିଷ୍ଠାନ ଉଦ୍‌ଘାଟନ କରିଛନ୍ତି ।

ଏହି ଅବସରରେ ରାଜ୍ୟରେ ଉନ୍ନତ ଅଣ୍ଡରୱାଟର ଉଦ୍ଧାର ତାଲିମକୁ ବ୍ୟାପକ କରିବା ପାଇଁ ପରିକଳ୍ପିତ ଅତ୍ୟାଧୁନିକ ସ୍କୁବା କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇଥିଲା। ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ମଧ୍ୟରେ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷର ହୋଇଥିଲା ।

ଓଡ଼ିଶା ପର୍ଯ୍ୟଟନ, ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ଏନଆଇଡବ୍ଲୁଏସ୍ ଗୋଆ ମଧ୍ୟରେ ଜଳ କ୍ରୀଡ଼ା ସୁରକ୍ଷା ମାନକ ବିକଶିତ କରିବା, ବୃତ୍ତିଗତ ଲାଇଫଗାର୍ଡ ତାଲିମ ପରିଚାଳନା କରିବା, କ୍ଷମତା ବୃଦ୍ଧି କରିବା ଏବଂ ରାଜ୍ୟରେ ଦୁଃସାହସିକ ଓ ଉପକୂଳ ପର୍ଯ୍ୟଟନର ପରିସରକୁ ବୃଦ୍ଧି କରିବା *(ପୃଷ୍ଠା ୭ରେ)*

## ମୁମ୍ବାଇର ଗିରଗାଓଁ ଚୌପାଟି ବେଳାଭୂମି



ଡୁବନ୍ତା ସୂର୍ଯ୍ୟଙ୍କ ବିଦାୟକାଳୀନ ଦୃଶ୍ୟ, ସୁନ୍ଦର ଭାବେ କଏଦ ହୋଇଛି କ୍ୟାମେରାରେ।

# ଏସ୍‌ଆଇଆରର ତଦାରଖ ନିମନ୍ତେ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଭୁବନେଶ୍ୱର, ୧୨।୧୨ : ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମବଙ୍ଗ, ତାମିଲନାଡୁ, ଉତ୍ତର ପ୍ରଦେଶ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ର ତଦାରଖ ପାଇଁ ଭାରତର ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ତାଲିକା ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସ୍ୱତନ୍ତ୍ର ତାଲିକା ପର୍ଯ୍ୟବେକ୍ଷକ ପୂର୍ବରୁ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିସାରିଛନ୍ତି । ଫେବୃଆରୀ ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବା ପର୍ଯ୍ୟନ୍ତ ସେମାନେ ଏହି ରାଜ୍ୟଗୁଡ଼ିକରେ ସପ୍ତାହରେ ଦୁଇ ଦିନ ଉପସ୍ଥିତ ରହିବେ । ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳର ରାଜ୍ୟସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ ନେତୃତ୍ୱ ସହିତ ଏହି ସ୍ୱତନ୍ତ୍ର ତାଲିକା ପର୍ଯ୍ୟବେକ୍ଷକ ମାନେ ବୈଠକ କରିବେ ।

ସମଗ୍ର ପ୍ରକ୍ରିୟାକୁ ସୁଗମ ଓ ସ୍ୱଚ୍ଛ ରଖିବା ସହିତ ସେମାନଙ୍କର ଅଂଶଗ୍ରହଣକାରିତାକୁ ବଜାୟ ରଖିବା ପାଇଁ ଏହି ସ୍ୱତନ୍ତ୍ର ତାଲିକା ପର୍ଯ୍ୟବେକ୍ଷକ ମାନେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଆଗତ ବୈଠକରେ ଯୋଗଦେବେ।

ସ୍ୱତନ୍ତ୍ର ତାଲିକା ପର୍ଯ୍ୟବେକ୍ଷକ ମାନେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ କରି ଏହା ସୁନିଶ୍ଚିତ କରିବେ ଯେ କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ୍ ପଡ଼ି ନାହାନ୍ତି କିମ୍ବା କୌଣସି ଅଯୋଗ୍ୟ ବ୍ୟକ୍ତି ଭୋଟର ତାଲିକାରେ ସାମିଲ ହୋଇନାହାନ୍ତି ।

## ଏକାଳ ପଖାଳ



କୁଟିଲେ ଛେଚିଲେ ଫିଙ୍ଗି ଫୋପାଡିଲେ
ଘାଣ୍ଟିଲେ ଖେଳକୁ ପୂରା
ଦକ୍ଷିଣ ଆଫ୍ରିକା ମାଡରେ ବୋଲର
ପାଦରୁ ଖସିଲା ଧରା
ବ୍ୟାଟର ହେଲେ ବିଚରା
ଏମିତି ଖେଳିଲେ ଆଗକୁ ପିଲାଏ
ଦର୍ଶକ ହେବେ ଯେ ଟେରା।

# ଭୁବନେଶ୍ୱରରେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

**ଭୁବନେଶ୍ୱର, ୧୨।୧୨**

**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରରେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ । ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ମହିଳା କମିଶନ ସଦସ୍ୟା ପହଞ୍ଚି ତଦନ୍ତ କରିଛନ୍ତି । ଅଭିଯୁକ୍ତ ଘର ମାଲିକଙ୍କୁ ଗିରଫ କରିଛି ପୋଲିସ । କ୍ୟାପିଟାଲ ହସ୍ପିଟାଲ ସଖିରେ ପୀଡିତା ଏବଂ ପରିବାରଙ୍କୁ ଭେଟି ବୟାନ ରେକର୍ଡ କରିଛନ୍ତି।

# କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି ବଦଳିଲା ମନରେଗାର ନାମ

**ନୂଆଦିଲ୍ଲୀ, ୧୨।୧୨**

କେନ୍ଦ୍ର ସରକାର ଶୁକ୍ରବାର ପୁଣି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ମନରେଗାର ନାଁ ବଦଳାଇ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା ନାଁରେ ନାମିତ କରିଛନ୍ତି । ଏପରିକି ସରକାର ଯୋଜନାରେ ସର୍ବନିମ୍ନ ନିଯୁକ୍ତି ଦିବସକୁ ମଧ୍ୟ ବୃଦ୍ଧି କରିଛନ୍ତି। ପୂର୍ବରୁ ସର୍ବନିମ୍ନ ୧୨୫ ଦିନ ନିଯୁକ୍ତି ଦିବସ ଥିବାବେଳେ ଏହାକୁ ୨୪୦ ଦିନ ଯାଏ ବୃଦ୍ଧି କରାଯାଇଛି। ପ୍ରଥମେ ଏହାର ନାଁ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି (ନରେଗା) ରହିଥିଲା। ପରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି (ମନରେଗା) ହୋଇଥିଲା। ବର୍ତ୍ତମାନ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା (ପିବିଜିଆରୱାଇ) ନାଁରେ ନାମିତ କରାଯାଇଛି।

# ତୃତୀୟ ବିଶ୍ୱ ଯୁଦ୍ଧ ଆଡକୁ ମୁହାଁଉଛି ବିଶ୍ୱ



**ନ୍ୟୁୟର୍କ, ୧୨।୧୨**

ବିଶ୍ୱ ତୃତୀୟ ବିଶ୍ୱ ଯୁଦ୍ଧ ଆଡକୁ ମୁହାଁଉଛି। ରୁଷ୍ ଓ ୟୁକ୍ରେନର ଯୁଦ୍ଧ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଶଙ୍କା ପ୍ରକାଶ କରିଛନ୍ତି । ଗତ ମାସରେ ଯୁଦ୍ଧରେ ୨୫,୦୦୦ ଲୋକ, ଅଧିକାଂଶ ସୈନିକ, ପ୍ରାଣ ହରାଇଥିଲେ ଏବଂ ନିରନ୍ତର ରକ୍ତପାତ ହେଉଛି ବୋଲି ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଆମେରିକା ରାଷ୍ଟ୍ରପତି ପ୍ରକାଶ କରିଛନ୍ତି । ଏହି ଦୁଇ ଦେଶ ମଧ୍ୟରେ ଶତ୍ରୁତାର ତୁରନ୍ତ ଅନ୍ତ ପାଇଁ ସେ ଚେଷ୍ଟା କରୁଥିବା କଥା କହିଛନ୍ତି । ରୁଷ–ୟୁକ୍ରେନ ସଂଘର୍ଷ ସମ୍ଭାବ୍ୟ ଭାବରେ "ତୃତୀୟ ବିଶ୍ୱଯୁଦ୍ଧ"ରେ ପରିଣତ ହୋଇପାରେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି । ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ସେ ଏ ବିଷୟରେ ଆଶଙ୍କା କରିଥିଲେ । *(ପୃଷ୍ଠା ୭ରେ)*


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

KALINGA INSTITUTE OF SOCIAL SCIENCES
KISS Deemed to be University
(Established U/S 3 of UGC Act 1956), Bhubaneswar, Odisha, India

WELCOME



Mr. Fabio Azevedo
President, FIVB
&
Senior Leadership & Officials of FIVB

FIVB VOLLEYBALL FESTIVAL WEEK
11th-14th December 2025

Under the KIIT–KISS Kanya Kiran Women Empowerment Initiative for Women Empowerment and Grassroots Volleyball Development

in collaboration with

International Volleyball Federation | FIVB Volleyball Foundation | Odisha Volleyball Association (OVA)

Over 200 volleyball coaches, players, and experts from across the globe, including India, will participate in the event, in addition to 500 participants from Odisha.

KIIT-DU, Patia, Bhubaneswar Odisha, India 751024 | kiit@kiit.ac.in | kiit.ac.in
KISS-DU, KISS Campus-3, Bhubaneswar Odisha, India 751024 | info@kiss.ac.in | kiss.ac.in





# ସ୍ଥିର ହୋଇପାରୁନି ଉଚ୍ଛେଦ ଗିରି ମାର୍କେଟର ରୂପରେଖ

ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ, ଅସୁରକ୍ଷିତ ହୋଇପଡ଼ିଥିବା ଗିରି ମାର୍କେଟ୍ ଉଚ୍ଛେଦ ହୋଇସାରିଛି । ଉଚ୍ଛେଦ ହେବାର ତିନି ବର୍ଷ ବିତିଗଲାଣି । ହେଲେ ଗିରି ମାର୍କେଟ୍‌ର ଚୁଡ଼ାନ୍ତ ରୂପରେଖ ସ୍ଥିର ହୋଇପାରୁନି । ଫଳରେ ଏହି ବ୍ୟବସାୟିକ ପେଣ୍ଠରୁ ରାଜସ୍ୱ ହରାଉଛି ବିଇଏମ୍‌ସି । ତିନି ବର୍ଷ ଭିତରେ ବିଇଏମ୍‌ସି କେବଳ ଗିରି ମାର୍କେଟ୍ ବାବଦରେ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କା ହରାଇଲାଣି । ଏହି ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ହେବାକୁ ଅନ୍ୟୁନ୍ୟ ୨ ରୁ ୩ ବର୍ଷ ଲାଗିବ । ତେଣୁ ବିଇଏମ୍ ?ସି କେବଳ ଏହି ମାର୍କେଟ୍ ବାବଦରେ ଆଉ ଦୁଇ କୋଟିରୁ ଅଧିକ ଟଙ୍କା ହରାଇବ । ଏପରି ଭାବେ ଗିରି ମାର୍କେଟ୍ ନିର୍ମାଣ ସରିବା ବେଳକୁ ବିଇଏମ୍‌ସି ପାଖାପାଖି ୫ କୋଟି ଟଙ୍କା ରାଜସ୍ୱ ହରାଇବ ବୋଲି ଅନୁମାନ କରାଯାଉଛି । ହୋଲ୍ଡିଂ କିଟସ ଓ ଦୋକାନ ଗୃହ ଭଡ଼ା ଆଦାୟ ବିଇଏମ୍‌ସିର ନିଜସ୍ୱ ଆୟର ପ୍ରମୁଖ ଉତ୍ସ । ସେଥିରେ ଗିରି ମାର୍କେଟ୍‌ର ଭଡ଼ା ସିଂହ ଭାଗ ରହିଥିଲା । ଏହି ମାର୍କେଟ୍ କମ୍ପ୍ଲେକ୍ସର ତଳ ମହଲା ଏବଂ ପ୍ରଥମ ମହଲାକୁ ମିଶାଇ ମୋଟ ୧୭୩ଟି ଦୋକାନ ଗୃହ ରହିଥିଲା । ଦୋକାନ ମାଲିକଙ୍କ ଠାରୁ ଭିନ୍ନ ଭିନ୍ନ ମୂଲ୍ୟର ଭଡ଼ା ଆଦାୟ କରାଯାଉଥିଲା । ୨ ହଜାରରୁ ଆରମ୍ଭ କରି ୪ ହଜାର ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା । ସମସ୍ତ ଦୋକାନ ଗୃହରୁ ପ୍ରତି ମାସରେ ଭଡ଼ା ବାବଦରେ ୬ ଲକ୍ଷ ୬୨ ହଜାର ୨୨୦ ଟଙ୍କା ଆଦାୟ ହେଉଥିଲା । ତଳ ମହଲା ନିର୍ମାଣ ହେବାର ୪୮ ବର୍ଷ ଏବଂ ପ୍ରଥମ ମହଲା ନିର୍ମାଣକୁ ୨୨ ବର୍ଷ ହୋଇଯାଇଥିଲା । ଏତେ ବଡ଼ ବ୍ୟବସାୟିକ ପେଣ୍ଠକୁ ନିୟମିତ ରକ୍ଷଣାବେକ୍ଷଣର ଅଭାବ ରହିଥିଲା । ସେଥିପାଇଁ ଗିରି ମାର୍କେଟ୍ କମ୍ପ୍ଲେକ୍ସର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ୨୦୨୧ରେ ବିଇଏମ୍‌ସି ଏହି ମାର୍କେଟ୍ ତଦାରଖ କରି ଅସୁରକ୍ଷିତ ଘୋଷଣା କରିଥିଲା ଏବଂ ମାର୍କେଟ୍ ଖାଲି କରିବାକୁ ବ୍ୟବସାୟୀଙ୍କୁ କହିଥିଲା । ୨୦୨୨ ନଭେମ୍ବର ମାସରେ ଏହାର ଉଚ୍ଛେଦ କରାଯାଇଥିଲା । ମାର୍କେଟ୍ ଉଚ୍ଛେଦ ହେବାର ତିନି ବର୍ଷ ବିତିଗଲାଣି । ନୂଆ କୋଠା ପାଇଁ ବାରମ୍ବାର ଡ଼ିପିଆର୍ ପ୍ରସ୍ତୁତ ହେଉଛି । ମାତ୍ର ପାଣ୍ଠି ଅଭାବରୁ କୋଠା ନିର୍ମାଣ ଆଗକୁ ବଢ଼ିପାରୁନି । ଫଳରେ ତିନି ବର୍ଷ ଭିତରେ ବିଇଏମ୍ ?ସି କେବଳ ଗିରି ମାର୍କେଟ୍‌ରୁ ୨ କୋଟି ୩୮ ଲକ୍ଷ ୩୯ ହଜାର ୯୨୦ ଟଙ୍କା ରାଜସ୍ୱ ହରାଇଲାଣି । ଗିରି ମାର୍କେଟ୍ ଉଚ୍ଛେଦ ପରେ ପ୍ରଥମେ ଡ଼ିପିଆର୍ ପ୍ରସ୍ତୁତ ହୋଇ ୩୦ କୋଟି ଟଙ୍କାରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ନେଇ ସ୍ଥିର ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ପ୍ରକଳ୍ପରେ ପରିବର୍ତ୍ତନ କରାଯାଇଥିଲା । ଏହାକୁ ଦୁଇଟି ଭାଗରେ ନିର୍ମାଣ କରିବାକୁ ସଚିବ ସ୍ତରରେ ନନିଷ୍ପତି ହୋଇଥିଲା । ଗୋଟିଏ ମାର୍କେଟ୍ କମ୍ପ୍ଲେକ୍ସ ଏବଂ ଅନ୍ୟଟି ଭେଣ୍ଡିଂ ଜୋନ୍ । ଉଭୟ ମାର୍କେଟ୍ କମ୍ପ୍ଲେକ୍ସ ଓ ଭେଣ୍ଡିଂ ଜୋନ୍ ପାଇଁ ୫୨ କୋଟି ଖର୍ଚ୍ଚ ହାଇଥାନ୍ତା ଏବଂ ୨୦୨୫ରେ ନନିର୍ମାଣ ଶେଷ ହୋଇଥାନ୍ତା । କିନ୍ତୁ ପ୍ରସ୍ତାବରେ ପରିବର୍ତ୍ତନ ହେଲା ଏବଂ ରୂପରେଖ ବଦଳିଲା । ପରବର୍ତ୍ତୀ ସମୟରେ ଭେଣ୍ଡିଂ ଜୋନ୍ ?କୁ ବାଦ ଦେଇ ଯୋଜନା କରାଯାଇଥିଲେ ବି କାମ ଆଗକୁ ବଢ଼ିପାରିନଥିଲା । ଏବେ ଗିରି ମାର୍କେଟ୍ ନିର୍ମାଣ ପାଇଁ ଡ଼ିପିଆର୍ ରାଜ୍ୟ ସରକାରଙ୍କୁ ପଠାଯାଇଛି। ଅନ୍ୟପଟେ ଓଡ଼ିଶା ସହରାଞ୍ଚଳ ଭିତିଭୂମି ଉନ୍ନୟନ ପାଣ୍ଠି ରୁ ୪୦ କୋଟି ଟଙ୍କା ଋଣ ଆଣି କୋଠା ନିର୍ମାଣ କରିବାକୁ ଯୋଜନା କରାଯାଇଛି ।

# ଜବରଦଖଲକାରୀଙ୍କ କବ୍‌ଜାରେ ପ୍ରସ୍ତାବିତ ଦୋବଲ ବସ୍‌ଷ୍ଟାଣ୍ଡ

ଧାମନଗର, ନ୍ୟୁଜ ବ୍ୟୁରୋ, ଧାମନଗର-ଦୋବଲ ରାସ୍ତାର ମୁସ୍ତଫାପୁର ଘୋଡ଼ଗଣ୍ଡ ନାଳ ପାଖରେ ପ୍ରସ୍ତାବିତ ଦୋବଲ ବସଷ୍ଟାଣ୍ଡ ଏବେ ଜବରଦଖଲକାରୀଙ୍କ କବଜାରେ। ବସ୍ ଷ୍ଟାଣ୍ଡ ନିର୍ମାଣ ଲାଗି ରହିଥିବା ୨.୫ ଏକର ଜମିକୁ ଜଣକ ପରେ ଜଣେ କବଜା କରି ଦୋକାନ କରିଲେଣି । ପାଖରେ ମଦ ଦୋକାନ ଥିବାରୁ ଏହି ଜାଗାରେ ଚାଖଣା ଦୋକାନ, ପାନ ଦୋକାନ ଓ ପ୍ୟାକେଟ ଫୁଡ୍ ଦୋକାନ ସବୁ ଗଢ଼ି ଉଠିଲାଣି। ତା ସହ ମାଟି ପଡ଼ି ପାଚେରୀ ହୋଇଥିବାରୁ ସେହି ପାଚେରୀ କଡ଼ ଏବେ ମୁକ୍ତାକାଶ ବାର୍ ହୋଇଗଲାଣି। ନିଶାଡ଼ିମାନେ ମଦ ଦୋକାନରୁ ମଦ ଆଣି ଏହି ପାଚେରୀ କଡ଼ରେ ପିଉଥିବା ଦେଖିବାକୁ ମିଳିଛି। ଦୋବଲ ସମେତ ୮ଟି ପଞ୍ଚାୟତ, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଭଣ୍ଡାରିପୋଖରୀ ଅଞ୍ଚଳର କିଛି ପଞ୍ଚାୟତର ଲୋକ ଦୋବଲ ବସଷ୍ଟାଣ୍ଡ ଉପରେ ନିର୍ଭର



କରନ୍ତି। ଏହିଠାରୁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ଘଟଗାଁକୁ ଯିବା ଆସିବା କରିଥାନ୍ତି। ହେଲେ ଷ୍ଟେଟ ବ୍ୟାଙ୍କ ସାମନାରେ ଥିବା ବସଷ୍ଟାଣ୍ଡଟି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଏହାସହ ସ୍ଥାନୀୟ ଲୋକେ ଜବରଦଖଲ କରି ନେଇଥିଲେ। ଏଣୁ ଏଠାରେ ଜବରଦଖଲ କରି ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା। ଭଦ୍ରକ ଜିଲ୍ଲା ପ୍ରଶାସନର ସୁପାରିସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଡ଼ାଗଣ୍ଡ ନାଳ ନିକଟରେ ୟୁନାନୀ ମେଡିକାଲକୁ ଲାଗି ନୂଆ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୨ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ବସଷ୍ଟାଣ୍ଡ ପାଇଁ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଆଉ ୨୦୨୩ ଅଗଷ୍ଟ ୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି ଅନୁସାରେ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ କରିଥିଲେ। ଠିକାଦାର କାମ ଆରମ୍ଭ କରିଥିଲା। ହେଲେ ବସ ଷ୍ଟାଣ୍ଡ ନିର୍ମାଣ ଲାଗି ଜାଗା ସମତୁଲ କରି ବାଉଣ୍ଡରି ୱାଲ ବା ସୁରକ୍ଷା ପ୍ରାଚୀର କରାଯିବା ଭିତରେ ରାଜ୍ୟରେ ସରକାର ବଦଳିଥିଲା। ଏଠାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ କିଛି ଲୋକ ବିରୋଧ କରିଥିଲେ। ଏ ସ୍ଥାନ ବଦଳରେ ପୁରୁଣା ବସଷ୍ଟାଣ୍ଡ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କାମ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଶାସନର ନିର୍ଦ୍ଦେଶ ପରେ ଠିକାଦାର କାମ ବନ୍ଦ କରିଥିଲେ। ଆଉ ପ୍ରକଳ୍ପ ସ୍ଥଳରେ ଗଦା କରିଥିବା ଲୁହା ରଡ଼, ସିମେଣ୍ଟ, ଚିପ୍ସକୁ ପ୍ରତ୍ୟେକ ଦିନ ଗାଡ଼ି ଲଗାଇ ଉଠାଇ ନେଇଥିଲେ। ଯାହାକୁ ନେଇ ଲୋକଙ୍କ ମନରେ ଆଶଙ୍କା ଦେଖା ଦେଇଥିଲା। ଏବେ ଏହି ଜାଗା ଜବରଦଖଲକାରୀଙ୍କ କବଜାକୁ ଚାଲିଗଲାଣି।

# ୧୫ ଦଫା ଦାବି ନେଇ ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ



ଧର୍ମଶାଳା, ନ୍ୟୁଜ ବ୍ୟୁରୋ, ରାଜ୍ୟକମିଟି ଡାକରାରେ ସେପଟେମ୍ବର ୯ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ପ୍ରତିବାଦସପ୍ତାହ ଉପଲକ୍ଷେ ଜନଜୀବନର ଜ୍ୱଳନ୍ତ ସମସ୍ୟାନେଇ ଶୁକ୍ରବାର ପୂର୍ବାହ୍ନରେ ଧର୍ମଶାଳାବ୍ଲକ୍ ଏସୟୁସିଆଇ ଆଞ୍ଚଳିକକମିଟି ପକ୍ଷରୁ ଧର୍ମଶାଳା ବ୍ଲକ୍ ସମ୍ମୁଖରେ ଗଣବିକ୍ଷୋଭ ଅନୁଷ୍ଠିତହୋଇଯାଇଛି। ଜାରକାର ଶାନ୍ତିବଜାର ଠାରୁ ଏକଶୋଭାଯାତ୍ରାରେ କର୍ମୀମାନେ ବଜାର ପରିକ୍ରମା କରିବାପରେ ବ୍ଲକସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ବିକ୍ଷୋଭସଭାରେ ବକ୍ତାମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନସ୍ୱାର୍ଥବିରୋଧୀ ତଥା ବଡ଼ବଡ଼ ଶିଳ୍ପପତି ଓ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷାକାରୀନିତୀ ପାଇଁ ଆଜି ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପ୍ରକାଶ କରିଥିଲେ। ଧର୍ମଶାଳାବ୍ଲକ୍ ରେ ବନ୍ଦଥିବା ପ୍ରାଥମିକ ବିଦ୍ୟାଳୟ ଖୋଲିବା, ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଆଲଟ୍ରାସାଉଣ୍ଡ ଏକ୍ସରେ ମେସିନରଖିବା, ଶିଶୁବିଭାଗ ଡାକ୍ତରନିଯୁକ୍ତି, କବାଟ ବନ୍ଦ ଡାକ୍ତରଖାନାକୁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତକରିବା, ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ଆଦି ୧୫ଦଫା ଦାବିପତ୍ର ବିଡ଼ିଓକୁ ପ୍ରଦାନକରିଥିଲେ। ତୁରନ୍ତଦାବି ପୁରଣନହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ବୃହତର ଗଣଆନ୍ଦୋଳନ କରିବାପାଇଁ ବକ୍ତାମାନେଚେତାବନୀ ଦେଇଥିଲେ। ଏହି ସଭାରେ ରାଜ୍ୟକମିଟିର ଅକ୍ଷୟକୁମାର ଦାସ, ଜିଲ୍ଲାକମିଟିର ଚୈତନ୍ୟ ସାହୁ, ମଧୁମିତାସାହୁ, ମନୋଜସେଠୀ, ପ୍ରଭାତୀ ମଲ୍ଲିକ, ପ୍ରଶାନ୍ତକୁମାର ସ୍ୱାଇଁ, ସଂଯୁକ୍ତାସାହୁ, ବିଚିତ୍ରଦାସ, ଦମୟନ୍ତୀମୁଦୁଲି, ପ୍ରଶାନ୍ତମଲ୍ଲିକ, କବିସେଠୀ, ଓ ଯ୍ୟୋତ୍ରିମୟୀ ବେହେରା ପ୍ରମୁଖଯୋଗଦେଇଥିଲେ।

# ୧୮ ରୁ କଳିଙ୍ଗ ନଗର ପୁସ୍ତକ ମେଳା

ବ୍ୟାସନଗ. ନ୍ୟୁଜ ବ୍ୟୁରୋ, ସ୍ଥାନୀୟ କେଏନଡିଏ ସମ୍ମିଳନୀ ଗୃହରେ କଳିଙ୍ଗନଗର ପୁସ୍ତକ ମେଳା କମିଟିର ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଇଥିଲା। ୧୦ମ ରାଜ୍ୟସ୍ତରୀୟ କଳିଙ୍ଗ ନଗର ପୁସ୍ତକ ମେଳା ଚୋରଦା କାଳୀମେଲଣ ପଡ଼ିଆରେ ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ବ୍ୟାପକ ପ୍ରସ୍ତୁତ ହୋଇଛି। କମିଟିର ସଭାପତି ବିଦ୍ୟାଧର ମହାନ୍ତି ସାଧାରଣ ସମ୍ପାଦକ ଡକ୍ଟର କୁଶଚନ୍ଦ୍ର ପ୍ରଧାନ ,ବିବେକାନନ୍ଦ ମହାନ୍ତି, ସବିତା ରାଉତ, ଅଭିମନ୍ୟୁ ମିଶ୍ର, ଚନ୍ଦ୍ରମଣି ସାମଲ, ହୃଷୀକେଶ ସାହୁ ଡକ୍ଟର ଅକ୍ଷୟ କୁମାର ପଣ୍ଡା, ଅଶ୍ୱିନୀ କୁମାର ଦାସ ମଧୁସୂଦନ ମହାପାତ୍ର, ଅକ୍ଷୟ କୁମାର ଦେଓ, ପ୍ରଫେସର ଦୁଷ୍ମନ୍ତ କୁମାର ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥଲେ। ଏହି ରାଜ୍ୟସ୍ତରୀୟ କଳିଙ୍ଗ ନଗର ପୁସ୍ତକ ମେଳାକୁ ସୁପରି ଚାଲାଣ ନିମନ୍ତେ ଶିକ୍ଷାବିଭାଗ, ଶିଳ୍ପାନୁଷ୍ଠାନ, ଜିଲ୍ଲା ପ୍ରଶାସନ ପକ୍ଷରୁ ହିମାଂଶୁ ଦ୍ୱିବେଦୀ, ଡକ୍ଟର ଅକ୍ଷୟ କୁମାର ମହାନ୍ତି ସ୍ମରଞ୍ଜନ ରାୟ, ରତ୍ନାକର ମଲ୍ଲିକ, ସୁଦର୍ଶନ ମଲ୍ଲିକ, ସନାତନ ଦାସ, ଅଭୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




# ନାରୀ ନିର୍ଯାତନା ରୋକିବା ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ





କେନ୍ଦୁଝର, ନ୍ୟୁଜ ବ୍ୟୁରୋ, ଧରଣୀଧର ବିଶ୍ୱବିଦ୍ୟାଳୟରେ ଜିଲ୍ଲା ଆଇନସେବା ପ୍ରାଧିକରଣର ମିଳିତ ସହଯୋଗରେ ବିଶ୍ୱ ମାନବାଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ଯୋଜନାର (ଏନ୍ ଏସ୍ ଏସ୍) ପ୍ରୋଗ୍ରାମ ଅଫିସର ଦିନେଶ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅକ୍ଷୟ କୁମାର ଚକ୍ର ସଭାପତିତ୍ୱ ଗ୍ରହଣ କରିଥିଲେ ଏବଂ ମାନବ ଅଧିକାର ଓ ଏହାର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଡଭୋକେଟ ଅର୍ଚ୍ଚନା ଦାସ କ୍ଷ୍ଟକ୍ଷ୍ୱଷ ଇଉଞ୍ଜ ୨୦୧୩ ବିଷୟରେ ଆଲୋକପାତ କରିଥିଲେ। ଶିଶୁ ନ୍ୟାୟ ବୋର୍ଡର ସଦସ୍ୟ ମାନସ ପଣ୍ଡା ଶିଶୁ ସୁରକ୍ଷା ଏବଂ ଅଧିକାର ବିଷୟରେ ଆଲୋଚନା କରିଥିଲେ । କେନ୍ଦୁଝର ଟାଉନ ପୋଲିସ ଷ୍ଟେସନର ଉପନିରୀକ୍ଷକ ପୂର୍ଣ୍ଣାମୟୀ ସେଠୀ ନାରୀ ନିର୍ଯାତନା ଓ ସୁରକ୍ଷା ଉପରେ ଆଲୋଚନା କରିଥିଲେ । ଜିଲ୍ଲା ଲୋକ ଅଦାଲତର ଅବସର ପ୍ରାପ୍ତ ବିଚାରପତି ଇ. ବିଘ୍ନେଶ୍ୱର ରାଓ ମାନବାଧିକାରର ଉତ୍ପତ୍ତି ଓ ଗୁରୁତ୍ୱ ଉପରେ ବିଶଦ ଆଲୋଚନା କରିଥଲେ । କେନ୍ଦୁଝର ଜିଲ୍ଲାର ପୋଲିସ ଉପ-ଅଧିକ୍ଷକ ପୋସ୍କ ନିୟମ ଉପରେ ସଚେତନ କରାଇଥିଲେ । ଜିଲ୍ଲା ବରିଷ୍ଠ ବିଚାରପତି ସସ୍ମିତା ନନ୍ଦିନୀ ତ୍ରିପାଠୀ ବିଭିନ୍ନ ପ୍ରକାର ମାନବିକ ଅଧିକାର, ମୌଳିକ ଅଧିକାର ଏବଂ କର୍ତ୍ତବ୍ୟ ପ୍ରତି ସଚେତନ କରିଥିଲେ । ବିଶ୍ୱ ବିଦ୍ୟାଳୟର ଦୁଇ ଜଣ ଛାତ୍ରୀ ଶୁଭଶ୍ରୀ ସାହୁ ଓ ଓମ୍ ମୟୀ ମହାନ୍ତ ମାନବାଧିକାର ବିଷୟରେ ନିଜର ମତ ଅଭିବ୍ୟକ୍ତ କରିଥିଲେ। ସମାଜ ବିଜ୍ଞାନର ବିଭାଗର ବିଭାଗୀୟ ମୁଖ୍ୟ ସୁଶ୍ରୀ ସଙ୍ଗୀତା ନାଏକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶେଷରେ ରାଜନୀତି ବିଜ୍ଞାନର ଅଧାପିକା ସୁଶ୍ରୀ ସ୍ନେହଲତା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସମ୍ମାନର ସହ ବଞ୍ଚିବା ମହିଳାମାନଙ୍କ ମୌଳିକ ଅଧିକାର

ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ - ୨୦୨୫ ଜିଲ୍ଲା ତାଲିମ କେନ୍ଦ୍ର, ସୁବର୍ଣ୍ଣପୁର ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଉଷାରାଣୀ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଯାଇଅଛି। ଉକ୍ତ ସଭାରେ ଦେବାଶିଷ ଦାସ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା ଦୈତ୍ୟ ନାରାୟଣ ପାଢ଼ୀ, ଅଧକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡା.ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ , ଉଝଡଙ ଅନିତା ଗୁରୁ ଓ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଉପସ୍ଥିତ ରହି ଆଜିକାର ଦିବସର ସ୍ୱାସ୍ଥ୍ୟ ବାର୍ତ୍ତା - ଉପରେ ଗୁରୁତ୍ୱାରୋପ କରି 'ସମ୍ମାନ ର ସହିତ ବଞ୍ଚିବା ସମସ୍ତ ମହିଳା ଓ ଝିଅ ମାନଙ୍କର ମୌଳିକ ଅଧିକାର 'ଲିଙ୍ଗ ଭିତ୍ତିକ ହିଂସା ଏକ ଜନସ୍ୱାସ୍ଥ୍ୟ ସମସ୍ୟା' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆମେ ସମସ୍ତେ ମିଶି ଏକ ସୁସ୍ଥ ସୁନ୍ଦର ସମାଜ ଗଠନ ରେ ସହାୟକ ହୋଇପାରିବା ଉପରେ ଆଲୋକପାତ କରି ଥିଲେ । ସଖୀ କେନ୍ଦ୍ରରେ ଉପଲବ୍ଧ ସହାୟତା ଉପରେ ବିଶେଷ ଆଲୋଚନା ହୋଇଥିଲା। ଉକ୍ତ ସଭାରେ ଅଧକ୍ଷ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ,ବ୍ଲକ କାର୍ଯ୍ୟକ୍ରମ ପରିଚାଳକ, ବ୍ଲକ ଆକାଉଣ୍ଟପରିଚାଳକ, ସଖୀ, ରେଆର ଶ୍ରଦ୍ଧା ସଂସ୍ଥାର ପରାମର୍ଶଦାତା ତଥା କର୍ମଚାରୀ ବୃନ୍ଦ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ପ୍ରମୋଦ କୁମାର ସାହୁ ସ୍ୱାସ୍ଥ୍ୟ ପରିଦର୍ଶକ, ସୋଭାନା ଦାସ ଓ ତରଣିସେନ୍ ପ୍ରଧାନ ଆଶା ସଂଯୋଜକ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଶେଷରେ ରୂପକ କୁମାର ମହାପାତ୍ର ଉଚଗ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏକ ପୋଷ୍ଟର ପ୍ରଦର୍ଶନ କରାଯାଇ ସମସ୍ତଙ୍କୁ ସଚେତନ ପାଇଁ ବଣ୍ଟନ କରାଯାଇଥିଲା।



# ସିବିଆଇ ମାଲଖାନାରୁ ବାହାରିଲା ଶ୍ରୀ ଗୋପାଳଜୀ ମହାପ୍ରଭୁଙ୍କ ୧୨ଟି ପ୍ରାଚୀନ ମୂର୍ତ୍ତି

ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ, ସୋନପୁର ଶ୍ରୀ ଗୋପାଳଜୀ ମନ୍ଦିରରୁ ଚୋରି ହୋଇଥିବା ୧୨ ଗୋଟି ପ୍ରାଚୀନ ମୂର୍ତ୍ତି ଜବତ ହେବା ଘଟଣାକୁ ୪୨ ବର୍ଷ ବିତି ଯାଇଥିଲେ ମଧ ଏଯାଏଁ ସୋନପୁର ଫେରି ନ ଥିଲା । ଏହି ସବୁ ପ୍ରାଚୀନ ମୂର୍ତ୍ତି ୧୯୯୩ ରେ ଦିଲ୍ଲୀରୁ ସିବିଆଇ ଜବତ କରିଥିଲେ ମଧ ଗୋପାଳଜୀ ମନ୍ଦିରକୁ ଏହି ମୂର୍ତ୍ତି ନ ଫେରି ବିଭିନ୍ନ ମାମଲା ଯୋଗୁଁ ସିବିଆଇ ମାଲଖାନାରେ ପଡି ରହିଥିଲା । ୧୯୮୩ ମସିହାରେ ରାଜବାଟୀ ସମ୍ମୁଖ ବଡ ଗୋପାଳଜୀ ମନ୍ଦିରରୁ ୧୨ଟି ପ୍ରାଚୀନ ମୂର୍ତ୍ତି ଚୋରି ହୋଇଥିଲା । ଚୋରି ଘଟଣାକୁ ଦୀର୍ଘ ୪୨ ବର୍ଷ ବିତି ଯାଇଥିଲେ ମଧ ବଡ ଗୋପାଳଜୀ ମନ୍ଦିରର ୧୨ଟି ମୂର୍ତ୍ତି ବସିଥିବା ସେହି ସ୍ଥାନ ସବୁ ଆଜି ବି ଖାଁ ଖାଁ ଲାଗୁଥିଲା । ଏପରିକି ୭ ଅଗଷ୍ଟ ୨୦୦୯ ରେ ଗୋପାଳଜୀ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟକୁ ମୂର୍ତ୍ତି ଫେରାଇ, ପୂର୍ବ ସ୍ଥାନରେ ପୁନଃ ସ୍ଥାପିତ କରି ପୂଜା ବିଧି କରିବା ପାଇଁ ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ୍ ସିବିଆଇ କୋର୍ଟ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆଜି ଯାଏଁ ସେହି ୧୨ଟି ବିଭିନ୍ନ ଧାତୁ ର ଦୁର୍ଲଭ ପିତ୍ତଳ ମୂର୍ତ୍ତି ସିବିଆଇ ମାଲଖାନାରେ ପଡ଼ି ରହିଥିଲେ । ଏପଟେ ସୋନପୁରରେ ଭକ୍ତଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା ସୋନପୁର ଚୌହାନ ବଂଶର କୂଳ ଦେବତା ବଡ ଗୋପାଜୀ ମନ୍ଦିରକୁ ଦୀର୍ଘ୍ୟ ୪୨ ବର୍ଷ ପରେ ପିତ୍ତଳ ପ୍ରତିମୂର୍ତ୍ତି ଫେରୁଛନ୍ତି । ଝଲସି ଉଠିବ ପ୍ରଭୁଙ୍କ ସିଂହାସନ। ମହାରାଜ ମଦନ ମୋହନ ସିଂଦେଓ ଭାଇ ସନ୍ନ୍ୟାସୀ ବଂଶୀ ଗୋପାଳ ସିଂଦେଓ ଭାଇ ଭାଗରେ ଗୋପାଜୀ ମନ୍ଦିର ଓ ପୁରୀର ରାମଜୀ ମଠ ପ୍ରତିଷ୍ଠା ଲାଭ କରିଥିଲା । ଏହି ଗୋପାଳଜୀ ମନ୍ଦିରରେ ଅଶୀ ଦଶକ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଚାଲିଥିଲା। ୧୯୮୩ ମସିହାରେ ଦୁର୍ବୃତ୍ତମାନେ ୧୨ଟି ମୂଲ୍ୟବାନ ମୂର୍ତ୍ତି ଚୋରି କରିଥିଲେ । ପରେ ୧୦ ଅକ୍ଟୋବର ୧୯୯୩ରେ ଦିଲ୍ଲୀ ଚାନ୍ଦିନି ଚୌକର ଫତେପୁରୀ ନିକଟରୁ ସିବିଆଇ ଦ୍ୱାରା ଜବତ ହୋଇଥିଲା ଗୋପାଳଜୀ ମନ୍ଦିରରୁ ଚୋରି ହୋଇଥିବା ସମସ୍ତ ୧୨ଟି ମୂର୍ତ୍ତି । ଏହି ମୂର୍ତ୍ତି ଜବତ କରିଥିଲେ ସିବିଆଇ ଡିଏସ୍ ?ପି ମାହାର ସିଂହ । ଏଥିରେ ଏକାଧିକ ଲୋକମାନଙ୍କ ସଂପୃକ୍ତି ରହିଥିବା ନେଇ ଏକ ମାମଲା ରୁଜୁ ହୋଇଥିଲା। । ଏହି ଘଟଣା ନେଇ ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ୍ ସିବିଆଇ କୋର୍ଟରେ ଗତ ୪ ଅଗଷ୍ଟ ୨୦୦୯ରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା । ୭ ଅଗଷ୍ଟ ୨୦୦୯ ରେ ଚୂଡ଼ାନ୍ତ ରାୟ ଶୁଣାଇ କୋର୍ଟ ଶୁଣାଣି କରିଥିଲେ । ଏହି ମୂର୍ତ୍ତି ସବୁ ବଡ ଗୋପାଳଜୀ(ବାହାର) ମନ୍ଦିରକୁ ଫେରାଇ ପୁନଃ ସ୍ଥାପନ ପାଇଁ କୋର୍ଟ ପରାମର୍ଶ ଦେଇଥିଲେ । ଏହା ସତ୍ତ୍ୱେ ସୋନପୁରକୁ ଫେରି ପାରି ନ ଥିଲା ଏହି ପୁରାତନ କିର୍ତ୍ତୀରାଜି । ଏଥି ପାଇଁ ଆଇନଗତ ପ୍ରତିବନ୍ଧକ ରହିଥିଲା । ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଏଡିଜେ-୩ କୋର୍ଟ ରାୟ ପରେ ମୂର୍ତ୍ତି ଫେରିବାର ନେଇ ଆଶା ଉଜ୍ଜୀବିତ ହୋଇଥିଲା । ଗତ କିଛି ମାସ ହେଲା ବିଭିନ୍ନ ପତ୍ରିକା ରେ ନିରନ୍ତର ବ୍ୟବଧାନରେ ଏହି ସମ୍ପର୍କ ଖବର ପରିବେଷଣ କରାଯାଉଥିଲା। ଦୀର୍ଘଦିନ ଧରି ମୂଲ୍ୟବାନ ମୂର୍ତ୍ତି ଫେରିବା ସମ୍ଭବ ହୋଇ ନ ଥିବାରୁ ଭକ୍ତମାନଙ୍କ ମଧରେ ନୈରାଶ୍ୟଜନକ ଭାବ ରହିଥିଲା। କିନ୍ତୁ ଏହି ପ୍ରସଙ୍ଗକୁ ବିଭିନ୍ନ ମିଡ଼ିଆଙ୍କ ଖବର ଓ ଜିଲ୍ଲା ପ୍ରଶାସନ, କୋର୍ଟର ଉଚ୍ଚ ପଦବୀ ଅଧିକାରୀଙ୍କ ପ୍ରଚେଷ୍ଟା ହିଁ ଉଜ୍ଜୀବୀତ କରିଥିଲା । ବର୍ତ୍ତମାନ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ସ୍ୱତନ୍ତ୍ର ଦୃଷ୍ଟି ଦେବାରୁ ସମ୍ବେଦନଶୀଳ ଓ ସୋନପୁର ଐତିହାସିକ ମୂକସାକ୍ଷୀ ଥିବା ୧୨ଟି ମୂର୍ତ୍ତି ମାଲଖାନାରୁ ବାହାରିଲା । ଏହି ସମ୍ପର୍କରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ କହିଛନ୍ତି ବିଗତ ସପ୍ତାହରେ ଏହି ମାମଲା ନେଇ ଶୁଣାଣି ହୋଇଥିଲା । ଆମର ଆଇନ ସମ୍ମତ ଥିବାରୁ ଅପିଲ କୋର୍ଟ ଶୁଣିଲେ । ମାଲିକାନା ଥିବାରୁ ମୂର୍ତ୍ତିମାନେ ହସ୍ତାନ୍ତର ହେବ । ବଡ ଗୋପାଳଜୀ ମନ୍ଦିରରେ ମୂର୍ତ୍ତି ମାନେ ସ୍ଥାପନା ହେବ । କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କଡା ସୁରକ୍ଷା ଓ ସିସିଟିଭି ବ୍ୟବସ୍ଥା କରାଯିବ । ଆଗାମୀ ଦିନରେ ପୂର୍ବ ପରି ପୂଜାର୍ଚ୍ଚନା କରାଯିବ ବୋଲି କହିଛନ୍ତି। ସୋନପୁରକୁ ମୂର୍ତ୍ତି ମାନଙ୍କୁ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ଉପଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ, ଡିଏସପି ଚନ୍ଦ୍ରଶେଖର ଶବର ବୁଧବାର ରାତିରେ ଭୁବନେଶ୍ୱରରୁ କଡା ପୋଲିସ ସୁରକ୍ଷାରେ ଆଣିବେ ବୋଲି ଜଣାପଡିଛି । ଗତ ଦୁଇ ପୀଢ଼ି ଦେଖି ନ ଥିବାର ଭକ୍ତ ମାନେ ମୂଲ୍ୟବାନ ମୂର୍ତ୍ତି ଦର୍ଶନ ପାଇବେ ବୋଲି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଏହା ସୋନପୁର ବାସୀଙ୍କ ପାଇଁ ସବୁଠୁ ଖୁସି ଖବର ନିଶ୍ଚିତ । ଶ୍ରୀ ଗୋପାଳଜୀ ମହାପ୍ରଭୁ ଜିଲ୍ଲାର ଅସ୍ମିତାର ପ୍ରତୀକ ଅଟନ୍ତି । ଦୀର୍ଘ ୪୨ ବର୍ଷ ପୂର୍ବରୁ ଯେଉଁ ଅସ୍ମିତା ହଜି ଯାଇଥିଲା ସୁବର୍ଣ୍ଣପୁରର ଲୋକ ପ୍ରିୟ ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ବଳିଷ୍ଠ ନେତୃତ୍ୱ, ଦୃଢ଼ ଇଚ୍ଛାଶକ୍ତି ଓ ଶ୍ରୀ ଗୋପାଳଜୀଙ୍କ ଆଶିର୍ବାଦ ମା ସୁରେଶ୍ୱରୀଙ୍କ ଶକ୍ତି ଓ ସୋନପୁର ଶକ୍ତି ପୀଠର ଶକ୍ତିର ପ୍ରଭାବରେ କୋର୍ଟର ସମସ୍ତ ମାନ୍ୟବର ବିଚାରପତିଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ସମସ୍ତ ଶୁଭେଚ୍ଛୁଙ୍କ କୋଡ଼ିନେଶନରେ ଜିଲ୍ଲା ପ୍ରଶାସନ ମୁଖ୍ୟ ଡ଼. ସାହୁ ତାଙ୍କ ମୁଖିଆ ପଦବୀକୁ ସାକାର କରି ପାରିଛନ୍ତି । ସହର ଓ ଜିଲ୍ଲା ବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ଓ ସଂପୃକ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହା ସୋନପୁରର ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ନିଶ୍ଚିତ ।



# କେନ୍ଦୁଝର ଜିଲ୍ଲାର ୩୮୪ ଗ୍ରାମ ପରିମଳ ଘୋଷିତ

କେନ୍ଦୁଝର, ନ୍ୟୁଜ ବ୍ୟୁରୋ, କେନ୍ଦୁଝର ଜିଲ୍ଲାରେ ପଞ୍ଚାୟତ ରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର ଅଧୀନରେ ଥିବା ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ଆୟୋଜିତ 'ବିଶ୍ୱ ଶୌଚାଳୟ ଦିବସ-୨୦୨୫' ଅଭିଯାନ ଆଜି ସଫଳତାର ସହ ଉଦ୍‌ଯାପିତ ହୋଇଛି। ନଭେମ୍ବର ୧୯ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନର ଜିଲ୍ଲା ସ୍ତରୀୟ ଉଦ୍‌ଯାପନୀ ସମାରୋହ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରଥିବାରେ ଦରବାର ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ଏହି ସମୟ ମଧ୍ୟରେ ଜିଲ୍ଲାର ମୋଟ ୧୩ଟି ବ୍ଲକର ଗ୍ରାମଗୁଡ଼ିକରେ ପରିମଳ ଓ ସ୍ୱଚ୍ଛତା ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୫୮୯ଟି ଗ୍ରାମ ମଧ୍ୟରୁ ୩୮୪ଟି ଗ୍ରାମ ପରିମଳ କ୍ଷେତ୍ରରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିଥିବାର ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାରେ ପାନୀୟ ଜଳ ଯୋଗାଣ ଏବଂ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସୁବିଧା ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱ ଦେବା ଦିଗରେ ନିଷ୍ପତ୍ତି ନିଆଯାଇଥିଲା। ଶୌଚାଳୟ ନିର୍ମାଣ ଓ ବ୍ୟବହାର, ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିନଥିବା ପଞ୍ଚାୟତ ଗୁଡ଼ିକୁ ସେମାନଙ୍କର ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଅବଶିଷ୍ଟ କାର୍ଯ୍ୟ ଶେଷ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉଦ୍‌ଯାପନୀ ସମାରୋହରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଜଳ ଓ ପରିମଳର ଗୁରୁତ୍ୱ ଏବଂ ଏହି କ୍ଷେତ୍ରରେ ଜିଲ୍ଲାର ସଫଳତା ଉପରେ ଆଲୋକପାତ କରାଯାଇଥିଲା । ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଅଭିଯାନରେ ସାମିଲ ହୋଇଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଧାର୍ଯ୍ୟ ଲକ୍ଷ୍ୟସ୍ଥଳରେ ସଫଳତାର ସହ ପହଞ୍ଚିଥିବା ୩ଟି ପଞ୍ଚାୟତ କମ୍ୟୁନିଟି ସେଣ୍ଟର କମ୍ପ୍ଲେକ୍ସକୁ ଉନ୍ନତ ପରିମଳ ବ୍ୟବସ୍ଥା ପାଇଁ ଓ ୫ ପଞ୍ଚାୟତକୁ ବ୍ୟକ୍ତିଗତ ଶୌଚାଳୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲ। ଏଥିସହ ସ୍ୱଚ୍ଛ ଭାରତ ମିଶନର ଦ୍ୱିତୀୟ ପର୍ଯ୍ୟାୟ ଲକ୍ଷ୍ୟ ହାସଲ ପାଇଁ ଯୋଜନା ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥଲା। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭାଗୀୟ ମୁଖ୍ୟ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସମ୍ପୃକ୍ତ ସମସ୍ତ ପଦାଧିକାରୀ ଯୋଗଦେଇଥିଲେ।





# ଦଳିତ ବସ୍ତିରେ କମ୍ବଳ ବଣ୍ଟନ

ରମ୍ଭା,ନ୍ୟୁଜ ବ୍ୟୁରୋ, ସଂପ୍ରତି ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଆର୍ଥିକ ଅନଗ୍ରସର ଲୋକେ ନାହିଁ ନଥିବା ସମସ୍ୟାର ମାମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି। ଯାହାକୁନେଇ ବରିଷ୍ଠ କଂଗ୍ରେସ ନେତା, ସମାଜସେବୀ ତଥା ଏସ ସି ସେଲ ରାଜ୍ୟ ସମ୍ପାଦକ ଭାଗିରଥି ବେହେରା ନେତୃତ୍ୟରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଶି ପଞ୍ଚାୟତର ଭୁଆଁଭୂଇଁ ଗ୍ରାମ ଦଳିତ ବସ୍ତି ହରିଜନ ସାହିରେ ଏକ କମଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଋଷିକୁଲ୍ୟା ରୟତ ମହାସଙ୍ଘ ସମ୍ପାଦକ ତଥା କୃଷକ ନେତା ସିମାଞ୍ଚଳ ନାହାକ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସମାଜସେବୀ ମିନି ମହାପାତ୍ର, ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ପି ସି ସି ସଭ୍ୟ ଭବାନୀ ବେହେରା ପ୍ରମୁଖ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ଦଳିତ ନିଃସହାୟ, ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, ଗରିବ ଶ୍ରେଣୀର ବ୍ୟକ୍ତି ମାନଙ୍କୁ ୫୦ ଗୋଟି କମଳ ବଣ୍ଟନ କରିଥିଲେ । ଶେଷରେ ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ଅଭିବୃଦ୍ଧି, ଶିକ୍ଷା ଓ ଦକ୍ଷତା ବିକାଶ ହୋଇପାରିବ ସେ ସମ୍ପର୍କରେ ସଚେତନତା କରାଯାଇଥିଲା । ଉକ୍ତ କାର୍ଯ୍ୟେକ୍ରମକୁ ଆଦିତ୍ୟ ଦାସ, କୁନା ରେଡି ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଡିସେମ୍ବର ୨୦୨୫ ଶନିବାର





# ବେଆଇନ ୨୭ ଗ୍ୟାସ ସିଲିଣ୍ଡର ଜବତ : ଜଣେ ଅଟକ



**ସାଲେପୁର, ନ୍ୟୁଜ**

କଟକ ଜିଲ୍ଲା ମାହାଙ୍ଗା ପୋଲିସ କୁମିଳିଛି ବଡ ସଫଳତା । ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁର ଗାଁରେ ୨୭ଟି ବେଆଇନ ଗ୍ୟାସ ସିଲିଣ୍ଡର ଜବତ କରିଛି ପୋଲିସ । ସୁଧାଂଶୁ ସାହୁ ନାମକ ବ୍ୟକ୍ତି ନିଜ ଘରେ ବେଆଇନ ଗ୍ୟାସ୍ ସିଲିଣ୍ଡର୍ ରଖି ବ୍ୟବସାୟ କରୁଥିଲେ । ଗାଁ ଭିତରେ ଶତାଧିକ ଗ୍ରାମବାସୀଙ୍କ ଘର ରହିଥିବା ବେଳେ ନିଜ ଖଞ୍ଜା ଘରେ ବେଆଇନ ଗ୍ୟାସ୍ ରଖି ବ୍ୟବସାୟ କରୁଥିଲେ । ଏହି ଘଟଣାରେ ସୁଧାଂଶୁ ସାହୁ ଙ୍କୁ ମାହାଙ୍ଗା ପୋଲିସ ଗିରଫ କରିଛି । ଖୁବ୍ ଶୀଘ୍ର ସୁଧାଂଶୁ ସାହୁ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ମାହାଙ୍ଗା ପୋଲିସ। କେଉଁ ଆଇନ ବଳରେ ସୁଧାଂଶୁ ସାହୁ ଏହି ବେଆଇନ ଗ୍ୟାସ୍ ସିଲିଣ୍ଡର ଗାଁ ଭିତରେ ରଖି ବ୍ୟବସାୟ କରୁଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହଜାର ହଜାର ଗ୍ରାମବାସୀ ଏହି ଗ୍ୟାସ୍ ସିଲିଣ୍ଡର୍ ପାଇଁ ପ୍ରତିଦିନ ବିପଦ ସଙ୍କୁଳ ଅବସ୍ଥାରେ ଜୀବନ ଯାପନ କରୁଥିଲେ । କେଉଁ ମୁହୂର୍ତ୍ତରେ ଗୋଟେ ବଡ ଦୁର୍ଘଟଣା ହୋଇଥାନ୍ତା ବୋଲି ଏହାକୁ ଏଡାଇ ଦିଆ ଯାଇନପରେ ।ଏଭଳି ବ୍ୟକ୍ତି ଉପରେ ପୋଲିସ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାକୁ ବାକି ରହିଲା।

## ପର୍ଯ୍ୟଟନ ବିଭାଗ ଶାସନ ସଚିବଙ୍କ ଯାଜପୁର ଗସ୍ତ

# ବିକଶିତ ହେବ ଯାଜପୁରର ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ର

**ଯାଜପୁର, ନ୍ୟୁଜ ବ୍ୟୁରୋ**





ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂ ଏକଦିନିଆ ଯାଜପୁର ଗସ୍ତରେ ଆସି ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣି ଗୁମ୍ଫା ଗସ୍ତ କରିବା ସହ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ଏବଂ ଲଳିତଗିରି ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ଏହା ପରେ ସେ ଜିଲ୍ଲାର ପୁରାତନ ବୌଦ୍ଧ କୀର୍ତ୍ତିରାଜି ଉଦୟଗିରି ଏବଂ ରତ୍ନଗିରି ପରିଦର୍ଶନ କରିବା ସହ ବୌଦ୍ଧଧର୍ମ ଗୁରୁ, ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଏହାର ଉନ୍ନତି ପାଇଁ ପ୍ରସ୍ତାବିତ ଭିତ୍ତିଭୂମି ବୁଲି ଦେଖିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଆଗକୁ ପର୍ଯ୍ୟଟନ ବିଭାଗ ଦ୍ୱାରା ଯାଜପୁର ଜିଲ୍ଲାରେ ଏକ ସମନ୍ୱିତ ବୌଦ୍ଧ ସର୍କିଟ ବିକଶିତ ହେବାକୁ ଯାଉଅଛି। ଏହି ପ୍ରକଳ୍ପ ଅଧୀନରେ ଏଠାରେ ଏକ ଇଣ୍ଟରପ୍ରିଟେସନ କେନ୍ଦ୍ର, ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ସହ ବୌଦ୍ଧ କୀର୍ତ୍ତିରାଜିର ସଂରକ୍ଷଣ, ପ୍ରଚାର ପ୍ରସାର କରାଯିବ। ଆସନ୍ତା ଜାନୁଆରୀ ୨୦୨୬ରେ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ଉଦୟଗିରିଠାରେ ହେବାକୁ ଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀକୁ ଦୃଷ୍ଟିରେ ରଖି ସଚିବ ଶ୍ରୀ ସିଂ ପ୍ରସ୍ତୁତି ପର୍ବକୁ ମଧ ସମୀକ୍ଷା କରିଥିଲେ। ଏହି ସମ୍ମିଳନୀରେ ଦେଶ ବିଦେଶରୁ ଅନେକ ବୌଦ୍ଧ ଧର୍ମାବଲମ୍ବୀ ଯୋଗ ଦେବା ସହ ସ୍ୱର୍ଣ୍ଣିମ ତ୍ରିଭୁଜ ଯଥା ଉଦୟଗିରି, ରତ୍ନଗିରି ଓ ଲଳିତଗିରି ପରିଦର୍ଶନ କରିବେ। ସନ୍ଧ୍ୟାରେ ସଚିବ ବଳବନ୍ତ ସିଂ ଯାଜପୁର ସହରରେ ନିର୍ମାଣାଧୀନ ଥିବା ସୁଉଚ୍ଚ ଧ୍ୟାନମଗ୍ନ ଶିବ ମୂର୍ତ୍ତି ପ୍ରକଳ୍ପ, ବରାହପୀଠରେ ଥିବା ସଂଗ୍ରହାଳୟ ଆଦି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀ, ବିଡ଼ିଓ, ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ଯୁବକ ମୃତ : ଆତଙ୍କିତ ଗ୍ରାମବାସୀ

**ବାରିପଦା, ନ୍ୟୁଜ ବ୍ୟୁରୋ**

କିଛି ଦିନ ହେଲାଣି ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ବନଖଣ୍ଡ ରେ ଚିନ୍ତା ବଢ଼ାଇଛନ୍ତି ହାତୀପଲ। ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଜାରି ରହିଛି। ଶୁକ୍ରବାର କରଞ୍ଜିଆ ବନଖଣ୍ଡର ପୃଥକ ପୃଥକ ସ୍ଥାନରେ ରହିଛନ୍ତି ୫୧ଟି ହାତୀ । ବନ ବିଭାଗର ଚିନ୍ତା ବଢ଼ାଇଛନ୍ତି ଝାଡ଼ଖଣ୍ଡ ହାତୀପଲ । ଏହି ହାତୀପଲ ଯୋଗୁଁ ୧୦୦ରୁ ଊର୍ଦ୍ଧ୍ୱ ଗାଁରେ ଲାଗି ରହିଛି ଆତଙ୍କ। ପାଚିଲା ଧାନ କ୍ଷେତରେ ପଶି ଧାନ ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରୁଛନ୍ତି ହାତୀପଲ। କେତେବେଳେ ଯେ ହାତୀ ଆକ୍ରମଣର ଶିକାର ହୋଇଯିବେ ସେ ନେଇ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଅଞ୍ଚଳବାସୀ। ତେବେ ରରୁଆଁ ବ୍ଲକ ଅନ୍ତର୍ଗତ ଜବାସାହି ରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ଝାଡ଼ଖଣ୍ଡ ଅଞ୍ଚଳ ର ବୋଲି ଜଣାପଡିଛି । ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏବେ ମଧ ଜବାସାହି ନିକଟରେ ୨୪ଟି ଝାଡ଼ଖଣ୍ଡି ହାତୀ ଥିବାର ସୂଚନା ରହିଛି। ସନ୍ଧ୍ୟା ନଇଁଲେ ରାତି ତମାମ ଲୋକମାନେ ନ ଶୋଇ ଘର ସମ୍ମୁଖରେ ନିଆଁ ଜାଳି ଜଗି ରହୁଛନ୍ତି।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ରାସ୍ତା ପାର୍ଶ୍ୱରୁ ଅନଧିକୃତ ପାର୍କିଂ ହଟାଇବାକୁ ନିଷ୍ପତ୍ତି

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ରଘୁରାମ୍.ଆର୍.ଆଇ.ଆର୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିବହନ ଅଧିକାରୀ ଲୋକନାଥ ମେହେରଙ୍କ ପରିଚାଳନାରେ ଆୟୋଜିତ ଏହି କମିଟି ବୈଠକରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡା ଏସଡିପିଓ ଜୌତିରଞ୍ଜନ ଗୌଡ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷାର ବିଭିନ୍ନ ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ପୋଲିସ୍ ଏବଂ ଆର୍‌ଟିଓ ଦଳ ଦ୍ୱାରା ଅନଧିକୃତ ପାର୍କିଂ ଏବଂ ନିୟମିତ କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରାଯାଇଛି । ତିନିମୁହାଣୀ ଠାରୁ କସୋଟୀ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ରଖା ଯାଇଥିବା ଗାଡି ଗୁଡିକୁ ହଟାଇବା, ସମ୍ବେଦନଶୀଳ ସ୍ଥାନରେ ସାଇନବୋର୍ଡ ଲଗାଇବା, ସ୍କୁଲ, କଲେଜ, ଚିକିତ୍ସାଳୟ ନିକଟରେ ସାଇନବୋର୍ଡ ସ୍ଥାପନ କରିବା, ନଭେମ୍ବର ମାସ ଶେଷ ସୁଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଇଥିବା ଦୁର୍ଘଟଣାର ସମୀକ୍ଷା କରାଯାଇ ଥିଲା। ଜାତୀୟ ରାଜ ପଥରେ ବେଆଇନ ଭାବରେ ଗାଡି ରଖିବା ଏବଂ ହମ୍ପସ୍ ନିର୍ମାଣ କରିବା ସଂପର୍କରେ ଆଲୋଚନା କରା ଯାଇଥିଲା । ପୌର ପାଳିକା ଦ୍ୱାରା ବୁଲୁଥିବା ଗୋରୁଙ୍କ ପାଇଁ ଗୋଶାଳା ଓ ଆଶ୍ରୟସ୍ଥଳ ନିର୍ମାଣ, ୨୦୨୪-୨୦୨୫ ବର୍ଷ ପାଇଁ ସଡକ ସୁରକ୍ଷା ଦୁର୍ଘଟଣାର ମୃତ୍ୟୁହାର ଓ ତଥ୍ୟ ବିଶ୍ଳେଷଣ ଉପରେ ଆଲୋଚନା, ଦୁର୍ଘଟଣା ଏବଂ ସଡକ ସୁରକ୍ଷା ପାଇଁ ସହର ଭିତରେ ସିସିଟିଭି ନିରୀକ୍ଷଣ ମାଧ୍ୟମରେ ଚାଲାଣ ଜାରି କରିବା, ଦୁର୍ଘଟଣା ଓ ଦ୍ରୁତ ଗତିରେ ଗାଡି ଗୁଡିକୁ ନିୟନ୍ତ୍ରଣ କରିବା ଉପରେ ଆଲୋଚନା କରାଯାଇଥିଲା। ହେଲମେଟ ଯାଞ୍ଚ କରିବା ଓ ମଟର ସାଇକଲେ ରେ ବେଆଇନ ଲଗା ଯାଇଥିବା ସାଇଲେନ୍ସର ପାଇପକୁ ଜବତ କରିବା ଆଦି ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହିତ ଜିଲ୍ଲା ବସ ଓ ହାଇୱା ମାଲିକ ସଂଘର କର୍ମକର୍ତ୍ତା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଚିତ୍ତରଞ୍ଜନ ମହାନ୍ତି କଳାର ପୂଜାରୀ'

**ଗୁଣପୁର, ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ସକାଳେ ଗୁଣପୁର ସଙ୍ଗୀତ କଳା ନିକେତନ ଗୃହରେ ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟ କ୍ରମରେ ଗୁଣପୁରର ବରିଷ୍ଠ ବ୍ୟକ୍ତିମାନେ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଶିକ୍ଷୟତ୍ରି । ଜୟଶ୍ରୀ ଶତପଥି ପ୍ରଶିକ୍ଷିତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି ସ୍ୱର୍ଗତ ଚିତ୍ତରଞ୍ଜନ ମହାନ୍ତିଙ୍କ ଜିବିତ ଅବସ୍ଥାରେ ଅନେକ ପ୍ରଚେଷ୍ଟା ବଳରେ ଗଢିତୋଳି ଥିଲେ ଏହି ଅନୁଷ୍ଠାନ, ହେଲେ ଏହାର ରକ୍ଷଣା ବେକ୍ଷଣକୁ ନେଇ ଇଂ.ବିଷ୍ଣୁ ପଟ୍ଟନାୟକ ଚିନ୍ତା ପ୍ରକଟ କରି କହିଲେ ଜେ ଏହି ଅନୁଷ୍ଠାନକୁ ରାଜ୍ୟ, ସ୍ତରିୟ କରିବାକୁ ଉପସ୍ତିତ ସହର ର ସମସ୍ତ ସଭ୍ୟ ଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟ କ୍ରମରେ ବରିଷ୍ଠ ନାଗରିକ. ଜଗନ୍ନାଥ ମିଶ୍ର, ଗୌରି ତ୍ରିପାଠୀ, ଇଂ ବିଷ୍ଣୁ ପଟନାୟକ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ।



# ସମସ୍ୟା ଘେରରେ ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**




ଗଞ୍ଜାମ ଜିଲ୍ଲା କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଅବ୍ୟବସ୍ଥା ଅଭିଯୋଗ। ଶିକ୍ଷାବର୍ଷ ଶେଷ ହେବାକୁ ଯାଉଥିବା ବେଳେ ଏଯାଏଁ ଛାତ୍ର ଛାତ୍ରୀଙ୍କୁ ମିଳିନି ସମ୍ପୂର୍ଣ୍ଣ ୟୁନିଫର୍ମ ପୋଷାକ ଓ ଯୋତା। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କୋଦଳାରେ ଚାଲିଛି ଟ୍ରିପଲ ଇଞ୍ଜିନ ସରକାର। ଏଠି ଏନଏସି ଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସରକାର ବିଜେପି ନେତୃତ୍ୱାଧୀନ ଥିବା ବେଳେ ଏଭଳି ଅବ୍ୟବସ୍ଥାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଦଳା ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥାର ଖବର ମିଳିଛି। ବର୍ଷ ଶେଷ ହେବାକୁ ଯାଉଛି। ଅଥଚ ପିଲାମାନଙ୍କୁ ୟୁନିଫର୍ମ ଓ ଯୋତା ଦିଆଯାଇନି। ଛାତ୍ରୀଛାତ୍ରଙ୍କୁ ତୁରନ୍ତ ୟୁନିଫର୍ମ ଯୋଗାଇ ଦେବାକୁ ଗତ ମାସରେ ନିର୍ଦ୍ଦେଶ ଦେଇଥିଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏପରିକି ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଦେବାରେ ବିଳମ୍ବକୁ ନେଇ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ହେଲେ ଏଠାରେ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର କରାଯାଉଥିବା ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖୋଦ୍ କୋଦଳା ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଏହି ବିଦ୍ୟାଳୟକୁ ଗତ ୨ ଦିନ ତଳେ ପରିଦର୍ଶନରେ ଯାଇ ବିଦ୍ୟାଳୟର ଶ୍ରେଣୀ ଗୃହରେ ଛାତ୍ର ଛାତ୍ରୀଙ୍କ ସୁବିଧା ଅସୁବିଧା ବୁଝିଥିଲେ। ମଧ୍ୟାହ୍ନ ଭୋଜନ ଠିକରେ ମିଳୁଛି କି ନାହିଁ, ଏପରିକି କୌଣସି ସମସ୍ୟା ଥିଲେ ମୋତେ ସିଧା ସଳଖ ଫୋନ୍ କରି ଜଣାଇବାକୁ ଛାତ୍ର ଛାତ୍ରୀଙ୍କୁ ନିଜ ମୋବାଇଲ ନମ୍ବର ବି କଳାପଟା ରେ ଲେଖିଦେଇଥିଲେ। କିନ୍ତୁ ଦୁଇଦିନ ବିଦ୍ୟାଳୟରେ ଅଣ୍ଡା ମିଳିନଥିବାକୁ ନେଇ ଅଭିଭାବକ ଏବଂ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହୋଇଥିଲେ ବି କେମିତି କିଛି ଜାଣିପାରୁ ନଥିଲେ ? ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କୁ ପୋଷାକ ଜୋତା ମିଳିଛି କି ନାହିଁ,ତାହା ବି ବୁଝି ନଥିଲେ। ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନଥିବା ବେଳେ ବିଦ୍ୟାଳୟର ପରିବେଶ ଅତି କଦର୍ଯ୍ୟ ହୋଇଛି। ପୂର୍ବରୁ ଏଠାରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଧକ୍ଷଙ୍କ ହାତ ବାରିସି ସାଜିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଖୋଦ ବିଦାୟୀ ଶିକ୍ଷକ ଏହାକୁ ଅସ୍ୱୀକାର କରିନାହାନ୍ତି। ବିଦାୟୀ ଶିକ୍ଷକ ଙ୍କ ବଦଳିହୋଇଥିବା ସତ୍ତ୍ୱେ ସେ ଜିଲ୍ଲା ଶିକ୍ଷ୍ୟା ଅଧିକାରୀଙ୍କ ଅର୍ଡର କୁ ମଧ ନ ମାନି ମୋତେ ବିଧାୟକ ଓ ଅଧକ୍ଷ୍ୟ ଏଠାରୁ ଯିବାକୁ ମାନାକରିଛନ୍ତି ବୋଲି ସଫେଇ ଦେଇଥିଲେ,ଏପରିକି ଏନଏସି ଅଧକ୍ଷଙ୍କ ଚାପରେ ଗାଦି ଛାଡୁ ନଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ତେବେ ଏନେଇ ବାରମ୍ବାର ଅଭିଯୋଗ ହେବା ସହିତ ଗଣମାଧମ ରେ ଖବର ପ୍ରସାରଣ ପରେ ଏବେ ନୂତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ସରୋଜ ମାଝୀ ଦାୟିତ୍ୱ ନେଇଛନ୍ତି। ଯାହା ବି ସମସ୍ୟା ଅଛି ସମସ୍ତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଛି ବୋଲି ସେ କହିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ବର୍ଷ ଶେଷ ହେବାପରେ ଅଧକ୍ଷଙ୍କ ଏବେ କିପରି ଛାତ୍ର ଛାତ୍ରୀଙ୍କ କଥା ମନେ ପଡିଲା ? ପୂର୍ବରୁ ପ୍ରଧାନ ଶିକ୍ଷକଙ୍କୁ ପୁର୍ଣ୍ଣ ସହଯୋଗ କରିଥିବାରୁ ବଦନାମ ହେବା ଭୟରେ ବିଦ୍ୟାଳୟ ଗସ୍ତ କରି ମିଛି ମିଛିକା ଉନ୍ନତି ବୁଝୁଥିଲେ କି ? ବିଶେଷ ସୂତ୍ରରୁ ଖବର ମିଳିଛି ପ୍ରାୟ ୧୦୮ ବସ୍ତା ଚାଉଳ ଉଇ ଖାଇଯାଇଥିବା ଦର୍ଶାଇ ଛନ୍ତି ବିଦାଇ ପ୍ରଧାନ ଶିକ୍ଷକ ! ଏହାକୁ ନେଇ ଦାଇତ୍ୱ ରେ ଥିବା ପ୍ରଧାନ ଶିକ୍ଷ୍ୟକଙ୍କ ମତାମତ ନେବାରେ ସେ କହିଲେ ଯେ ୨୨୯ ବସ୍ତା ଚାଉଳ ରହିଛି କିନ୍ତୁ ମୋତେ ୭୫ ବସ୍ତା ଦେଇଛନ୍ତି ଓ ମୁଁ ରିସିଭ କରି ମାଧାନ୍ନ ଭୋଜନ କାର୍ଯ୍ୟ ତୁଲାଉଛି, ପୋଷାକ ଜୋତା ବି ଛାତ୍ରଛାତ୍ରୀ ପ୍ରତ୍ୟକ ସମୟ ରେ ମାଗୁଥିବା ବେଳେ ତାହାର ସଠିକ ତଥ୍ୟ ବି ମୋର ହସ୍ତଗତ ହୋଇନାହିଁ ! ଅତି ଶୀଘ୍ର ଏହାର ତଥ୍ୟ ବାହାର କରି ଛାତ୍ର ଛାତ୍ରୀଙ୍କୁ ସେମାନଙ୍କ ପୋଷାକ ଉପକରଣ ଯୋଗାଇବାକୁ ଚେଷ୍ଟା କରିବି ବୋଲି କହିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ମାଝୀ ! ବର୍ତ୍ତମାନ ରାଜନୈତିକ ରୁଟି ନ ସେକି ବାସ୍ତବରେ ଶିକ୍ଷାର ଉନ୍ନତି ପାଇଁ ଅଧକ୍ଷ୍ୟ କାର୍ଯ୍ୟ କରନ୍ତୁ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି।

# ଶିମିଳିପାଳରେ ଦେଶୀ ବନ୍ଧୁକ ଓ ମାଂସ ସହ ୫ ଶିକାରୀ ଗିରଫ

**ବାରିପଦା, ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ଦକ୍ଷିଣ ବନଖଣ୍ଡ ପକ୍ଷରୁ ଏଆଇ କ୍ୟାମେରା ଓ ଟ୍ରାପ୍ କ୍ୟାମେରା ଲଗାଯିବା ପରେ ଶିକାରୀଙ୍କ ଗତିବିଧି ଉପରେ କଡ଼ା ନଜର ରହିଛି । ଏହି ଗୁଇନ୍ଦା କ୍ୟାମେରାର ସୂଚନା ଓ ଗୁଇନ୍ଦା ତଥ୍ୟ ଆଧାରରେ ଜେନାବିଲ ରେଞ୍ଜ ଅଧୀନ ଜଡ଼ିଦା ଗ୍ରାମରୁ ୫ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି । ଶିକାରୀଙ୍କ ପିଛା କରି ବିଭାଗୀୟ ଟିମ୍ ଅଭିଯୁକ୍ତଙ୍କ ଘର ପଛପଟେ ଜଙ୍ଗଲରୁ ଗୋଟିଏ ଲୋଡ୍ ହୋଇଥିବା ଦେଶୀ ବନ୍ଧୁକ, ୭ଟି ଫାଶ, ୨ଟି ଟର୍ଚ୍ଚ, ୫୩୫ ଗ୍ରାମ ଶୁଖିଲା ବଣୁଆ ମାଂସ, ବାରୁଦ ଗୁଣ୍ଡ ତିଆରି ପାଇଁ ବ୍ୟବହୃତ ପଲିଥିନ ଶୀଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବିରସିଂ ହୋ (୩୩), ଚରଣ ହୋ (୪୩), ଛଲେ ହୋ (୨୩), ସାଗର ହୋ (୨୯) ଓ ସୁକ୍ରା ହୋ (୩୨)। ସମସ୍ତ ଅଭିଯୁକ୍ତ ଖୁଣ୍ଟା ଥାନା ଅନ୍ତର୍ଗତ ଡେଙ୍ଗାମ ଅଞ୍ଚଳର ଜଡ଼ିଦା ଗ୍ରାମର ଅଟନ୍ତି । ବନ୍ୟଜନ୍ତୁ ସୁରକ୍ଷା ଆଇନ ଧାରାରେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି । ଶିମିଳିପାଳରେ ଏଭଳି କଡ଼ା ପେଟ୍ରୋଲିଂ ଓ ଏଆଇ ଟେକ୍ନୋଲୋଜି ବ୍ୟବହାର ଫଳରେ ଶିକାରୀ ଗ୍ୟାଙ୍ଗ ଗୁଡ଼ିକ ଧରା ପଡୁଛନ୍ତି । ଶିକାର କାର୍ଯ୍ୟରୁ ବିରତ ରହିବା ପାଇଁ ବନ ବିଭାଗ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୧୩।୧୨।୨୦୨୫, ମାର୍ଗଶିର ଦି୨୮ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୧୨।୨୫ ଚନ୍ଦ୍ରୋଦୟ-ରାଘ୧।୧୫।୦୩**


**ନବମୀ-** ଦିଘ୪।୩୮ପର୍ଯ୍ୟନ୍ତ । **ହସ୍ତାନକ୍ଷତ୍ର ଓ କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-**ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର। **ଘାତ ଚନ୍ଦ୍ର-**ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ୪।୩୦ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪୩ ଗତେ ଘ ୮।୫୮ ମଧ୍ୟେ । ଦିଘ ୧୨।୦୨ ଗତେ ଘ ୧।୦୧ ମଧ୍ୟେ ।




**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ଓ ଅସହଯୋଗ ଦେଖାଦେବ ।




**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଅଶାନ୍ତିର ବାତାବରଣ ରହିବ । ମାନସିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ ।



**ମିଥୁନ:** ଆୟ ଯୋଗର ସମ୍ଭାବନା । ଶତ୍ରୁ ନାଶ ହେବେ । ଦେହ ଓ ମନ ଭଲ ରହିବ । ପରୋପକାରୀ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ ହେବ । ମହିଳାମାନେ ସୁଖୀ ହେବାର ସୂଚନା ।



**କର୍କଟ:** ଶରୀରରେ ସାମାନ୍ୟ ପୀଡା ଦେଖାଦେଇପାରେ । ଶୁଭକାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ରୋଜଗାର ଭଲ ହେବ ।ଦୂରଯାତ୍ରା କରି ସଫଳତା ହାସଲ କରିବେ ।




**ସିଂହ:** ଶୁଭ ଖବର ପାଇ ଆନନ୍ଦିତ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ ।



**କନ୍ୟା:** ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବ୍ୟବସାୟରେ ଲାଭବାନ ହେବେ । ରୋଜଗାର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ ।ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିପାରେ ।



**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଆୟରେ ଉନ୍ନତି ।




**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବା ଦିନଟି । ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଦୁଶ୍ଚିନ୍ତା ଦେକାଦେବ । ମନ ଅସ୍ଥିର ରହିବ ।



**କୁମ୍ଭ:**ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଆୟରେ ଉନ୍ନତି ଦେଖାଦେବ । ଦେହ ଭଲ ରହିବ ।



**ମୀନ:**ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଲାଗିଥିବା ବିବାଦରେ ବିଜୟୀ ହେବେ ।ଆୟ ଭଲ ହେବ । ଘରେ ସୁଖ ଶାନ୍ତି ରହିବ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୪।୧୨।୨୦୨୫, ମାର୍ଗଶିର ଦି୨୯ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୧୩।୦୧ ଚନ୍ଦ୍ରୋଦୟ- ରାଘ୨।୦୪।୦୬**

**ଦଶମୀ-** ସଂଘ୬।୫୦ପର୍ଯ୍ୟନ୍ତ । **ହସ୍ତାନକ୍ଷତ୍ରମଳ-** ଦିଘ ୮।୧୯ ପର୍ଯ୍ୟନ୍ତ **କନ୍ୟାଚନ୍ଦ୍ର-** ରାଘ୯।୪୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ,ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମୀନ ରାଶିର। ରାଘ ୯।୪୧ ଗତେ ମେଷ, ବୃଷ, କର୍କଟ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-**ରାଘ ୯।୪୧ ମଧ୍ୟେ ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ସଂଘ୬।୫୦ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୦୧ ଗତେ ଦିଘ ୯।୧୦ମଧ୍ୟେ । ଦିଘ ୧।୦୩ ଗତେ ଘ ୨।୫୬ ମଧ୍ୟେ ।

31 YEARS
ସମ୍ବାଦ କଳିକା

# ମାନବିକ ଅଧିକାରର ପରିସର କେତେ ବିସ୍ତୃତ

**ଜା**ତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଜାତୀୟତା ଏପରିକି ରାଜନୈତିକ ବିଚାର ନିର୍ବିଶେଷରେ ବିଶ୍ୱର ସବୁ ମଣିଷରେ ଜଣେ ମଣିଷ ଭାବେ ରହିବାର ମୌଳିକ ଅଧିକାରକୁ ମାନବିକ ଅଧିକାର ବୋଲି କୁହାଯାଇପାରେ। ସ୍ୱାଧୀନତା, ଆତ୍ମସମ୍ମାନ, ସମାନତା, ସ୍ୱାଧୀନ ଚିନ୍ତା ପରି ମୂଲ୍ୟବୋଧ ଉପରେ ଆଧାରିତ ଏହି ଅଧିକାରଟି ଜଣେ ମଣିଷର ଜନ୍ମସିଦ୍ଧ ଅଧିକାର ଅଟେ ଯାହାକୁ ତା'ଠାରୁ କଦାପି ବିଚ୍ଛିନ୍ନ କରାଯାଇ ନପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କୋଟି କୋଟି ସାଧାରଣ ମଣିଷଙ୍କ ଉପରେ ହିଟଲର ନେତୃତ୍ୱରେ ହୋଇଥିବା ଅତ୍ୟାଚାର ଓ ହତ୍ୟାର ଲୋମହର୍ଷଣକାରୀ ଘଟଣା ବିଶ୍ୱରେ ପ୍ରଥମ ଥର ପାଇଁ ମାନବିକ ଅଧିକାର ନେଇ ଆଲୋଚନାକୁ ବ୍ୟାପକ କରିବା ସହିତ ଏ ଦିଗରେ ଆର୍ନ୍ତଜାତୀୟ ସ୍ତରରେ ହସ୍ତକ୍ଷେପ କରିବାକୁ ଦେଶମାନଙ୍କୁ ବାଧ୍ୟ କରିଥିଲା। ଏହି କ୍ରମରେ ୧୯୪୮ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଆହୂତ ବୈଠକରେ ବିଶ୍ୱର ଅନେକ ଦେଶର ରାଷ୍ଟ୍ରମୁଖ୍ୟମାନେ ଅଂଶ ଗ୍ରହଣ କରି ମାନବିକ ଅଧିକାରର ସୁରକ୍ଷା ପାଇଁ ଏକ ସାର୍ବଜନିନ ଘୋଷଣା ପତ୍ର (ସନନ୍ଦ)ରେ ସ୍ୱାକ୍ଷର କରିବା ସହିତ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ମାନବ ଅଧିକାର ଦିବସ ରୂପେ ପାଳନ କରିବାକୁ ସହମତ ହୋଇଥିଲେ। ସମାଜର ବିକାଶ ସହିତ ମାନବିକ ଅଧିକାରର ଏହି ପରିଭାଷା ଓ ପରିସୀମାଟି ମଧ୍ୟ ବଦଳି ପୂର୍ବାପେକ୍ଷା ଅଧିକ ବ୍ୟାପକ ହୋଇଛି। ବର୍ତ୍ତମାନ ଖାଦ୍ୟ ଅଧିକାର, ବାସଗୃହର ଅଧିକାର, ପ୍ରଦୂଷଣମୁକ୍ତ ପରିବେଶର ଅଧିକାର, ଲିଙ୍ଗଗତ ବିଭେଦରୁ ମୁକ୍ତିର ଅଧିକାର, ଜାତିଗତ ନିର୍ଯାତନାରୁ ମୁକ୍ତିର ଅଧିକାର, ଜାତୀୟତାର ଅଧିକାର, ଶିଶୁ ଅଧିକାର ଏପରିକି ସମଲିଙ୍ଗୀମାନଙ୍କ ଅଧିକାର ବି ମାନବିକ ଅଧିକାରର ପରିଭାଷାରେ ସାମିଲ ହୋଇ ଏହାର ସୀମାକୁ ଅନେକ ମାତ୍ରାରେ ପ୍ରସାରିତ କରିଦେଇଛି। ମାନବିକ ଅଧିକାରର ପରିଭାଷାଟି ଅତ୍ୟନ୍ତ ବ୍ୟାପକ, ତା'କୁ କୌଣସି ସଂକୀର୍ଣ୍ଣ ସୀମା ମଧ୍ୟରେ ଆବଦ୍ଧ କରାଯାଇ ନପାରେ। ଏହା ଆଦୌ ସ୍ଥିର ନୁହେଁ, ବରଂ ଏକ ନିରନ୍ତର ବିକାଶମାନ ପ୍ରକ୍ରିୟା ଅଟେ। ଦିନଥିଲା ମାନବିକ ଅଧିକାର କହିଲେ କେବଳ ରାଷ୍ଟ୍ର ଦ୍ୱାରା ନିର୍ଦ୍ଧାରିତ ରାଜନୈତିକ ବା ଗଣତାନ୍ତ୍ରିକ ଅଧିକାରକୁ ବୁଝାଯାଉଥିଲା। ଜଣେ ବ୍ୟକ୍ତିକୁ ରାଷ୍ଟ୍ର ପ୍ରଦତ୍ତ ଏହିସବୁ ଗଣତାନ୍ତ୍ରିକ ଅଧିକାରରୁ ବଂଚିତ କରିବା ସ୍ଥିତିରେ ତା'ର ମାନବିକ ଅଧିକାରର ଉଲଂଘନ ହେଉଛି ବୋଲି କୁହାଯାଉଥିଲା। କିନ୍ତୁ ସମାଜର ବିକାଶ ସହିତ ମାନବିକ ଅଧିକାରର ଏହି ପରିଭାଷା ଓ ପରିସୀମାଟି ମଧ୍ୟ ବଦଳି ପୂର୍ବାପେକ୍ଷା ଅଧିକ ବ୍ୟାପକ ହୋଇଛି। ବର୍ତ୍ତମାନ ଖାଦ୍ୟ ଅଧିକାର, ବାସଗୃହର ଅଧିକାର, ପ୍ରଦୂଷଣମୁକ୍ତ ପରିବେଶର ଅଧିକାର, ଲିଙ୍ଗଗତ ବିଭେଦରୁ ମୁକ୍ତିର ଅଧିକାର, ଜାତିଗତ ନିର୍ଯାତନାରୁ ମୁକ୍ତିର ଅଧିକାର, ଜାତୀୟତାର ଅଧିକାର, ଶିଶୁ ଅଧିକାର ଏପରିକି ସମଲିଙ୍ଗୀମାନଙ୍କ ଅଧିକାର ବି ମାନବିକ ଅଧିକାରର ପରିଭାଷାରେ ସାମିଲ ହୋଇ ଏହାର ସୀମାକୁ ଅନେକ ମାତ୍ରାରେ ପ୍ରସାରିତ କରିଦେଇଛି। ଦେଶର ନ୍ୟାୟାଳୟ ମଧ୍ୟ ନିଜତା ବା ବ୍ୟକ୍ତିଗତ ଗୋପନୀୟତାକୁ ମାନବିକ ଅଧିକାର ଭାବେ ସ୍ୱୀକୃତି ଦେବା ସହ ତା'ର ଉଲଂଘନ ନକରିବାକୁ ସରକାରଙ୍କୁ ରୋକିଛନ୍ତି। ଗତ କିଛି ବର୍ଷ ହେଲା, ତଥ୍ୟ ପାଇବାର ଅଧିକାର ମଧ୍ୟ ଅନ୍ୟତମ ମାନବିକ ଅଧିକାର ଭାବେ ସ୍ୱୀକୃତି ପାଇଛି। ଏହ ବ୍ୟତିତ ମହିଳାମାନଙ୍କୁ ଗର୍ଭପାତର ଅଧିକାର, ବିବାହ ନକରି ଲିଭ୍ ଇନ୍‌ରେ ରହିବାର ଅଧିକାର ଆଦି ମାନବିକ ଅଧିକାର ଭାବେ ସ୍ୱିକୃତୀ ଲାଭ କରିଛି। ତେବେ ମାନବ ଅଧିକାରର ସୁରକ୍ଷା ପାଇଁ ଜାତିସଂଘର ତତ୍ତ୍ୱାବଧାନରେ ସାର୍ବଜନିନ ଘୋଷଣାର ସାତ ଦଶକ ପରେ ବି ଆଜି ଆମ ଦେଶରେ ମାନବିକ ଅଧିକାରର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା ପରି ମାନବିକ ଅଧିକାର କ୍ଷେତ୍ରରେ ଆମେ ବିଶ୍ୱର ଅନେକ ପଛୁଆ ଦେଶଙ୍କ ଠାରୁ ବି ପଛରେ ରହିଛେ। ନିକଟରେ ଆର୍ନ୍ତଜାତିକ ମାନବିକ ଅଧିକାର ସଂସ୍ଥା 'ହ୍ୟୁମାନ ରାଇଟସ୍ ୱାଚ୍'ର ରିପୋର୍ଟ ଅନୁସାରେ ଭାରତରେ ମାନବିକ ଅଧିକାର ଅତି ଭୟଙ୍କର ସ୍ଥିତିରେ ରହିଛି। ଦେଶରେ ଅନେକ ଗୁଡ଼ିଏ କଳା ଆଇନ ଅବ୍ୟାହତ ଥିବା ବେଳେ ପୋଲିସ ଏବଂ ସାମରିକ ବାହିନୀ ଦ୍ୱାରା ମାନବିକ ଅଧିକାର ଉଲଂଘନର ହଜାର ହଜାର ଘଟଣା ସାମନାକୁ ଆସୁଛି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୪୭)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

**ମା**ତ୍ର ବିଗ୍ରହ ପୋଡି ନ ଯିବାରୁ ତାହାକୁ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଗଙ୍ଗା ନଦୀକୁ ଫିଙ୍ଗି ଦେଇଥିଲା (ବିଶର ମହାନ୍ତି ଇତିହାସ ନା କିମ୍ବଦନ୍ତି)ବିଶର ମହାନ୍ତି ଦିନ ଦିନ ଧରି ଗଙ୍ଗା କୂଳରେ ଅପେକ୍ଷା କରି ରହିଥିଲା । ଗଙ୍ଗା ସ୍ରୋତରୁ ଜଗନ୍ନାଥଙ୍କ ଅର୍ଦ୍ଧ ଦଗ୍ଧ ଦାରୁବିଗ୍ରହରୁ ବ୍ରହ୍ମମଣି କାଢି ଆଣି ପଖୋଜ ଖୋଳ ଭିତରେ ପୁରାଇ ରଖି ଦେଇଥିଲେ । ଜଳ ପଥରେ ଏକ ବୋଇତରେ ବସି ସମୁଦ୍ର ବାଟେ ଆସି ଗଡ କୁଜଙ୍ଗର ମହାବୀର ପାଖରେ ପହଞ୍ଚିଥିଲା। (ନୀଳଶୈଳ)କୁଞ୍ଜବନ ବେଷ୍ଟିତ ଗଡରେ ପ୍ରଭୁ ପୂଜା ପାଇବାରୁ କୁଞ୍ଜବିହାରୀ ନାମରେ ନାମରେ ନାମିତ ହୋଇଥିଲେ। ପୁରୀର ରାଜା ରାମଚନ୍ଦ୍ର ଦେବ ସାତ ବର୍ଷ ପରେ ଜାଣିଲେ ଯେ ଜଗନ୍ନାଥ କୁଜଙ୍ଗରେ ପୂଜା ପାଉଛନ୍ତି । ସେ ଏକ ଆଜ୍ଞା ପତ୍ରିକା ଲେଖି କୁଜଙ୍ଗ ରାଜାଙ୍କ ପାଖକୁ ପଠାଇଥିଲେ । କୁଜଙ୍ଗ ରାଜା ସମସ୍ତ କଥା ଅବଗତ କରାଇ ନାଭି ବ୍ରହ୍ମକୁ ପୁରୀରେ ପହଞ୍ଚାଇଥିଲେ । ପୁରୀ ଯିବା ବାଟରେ ଜଗନ୍ନାଥ ହରିହରପୁର ବାଟ ଦେଇ ଯିବା କଥା କେତେକ ଲୋକଙ୍କ କୁହନ୍ତି ଏବଂ ଯେଉଁଠାରେ ନାଭି ବ୍ରହ୍ମ ନେଇ ଜୟଗଡଠାରେ ବିଶର ମହାନ୍ତି ରାତ୍ରି ଯାପନ କରିଥିଲା । ପରବର୍ତ୍ତି ସମୟରେ ସେହିଠାରେ ଜଗନ୍ନାଥ ବଳଭଦ୍ରସ୍ଥାପିତ ହୋଇଥିବାର ଜନସ୍ମୃତି ରହିଛି । ଏହି ବିଷୟବସ୍ତୁକୁ କେତେକ ସୂତ୍ରରୁ ଉଦ୍ଧାର କରିଥିଲେ ବି ଲେଖକଦ୍ୱୟ ଏଥିରେ ସନ୍ତୋଷ ପ୍ରକାଶ କରିନାହାନ୍ତି । ଅର୍ଥାତ ଏଥିରେ କୌଣସି ଐତିହାସିକ ସତ୍ୟତା ନାହିଁ ବୋଲି ଉଲ୍ଲେଖ କରିଥିଲେ ବି ଏଥିରେ ସାମାନ୍ୟ କିଛି ସତ୍ୟତା ଅଛି ବୋଲି ଉପଲବ୍ଧିରେ ଆସିଥାଏ ।

ବରିଷ୍ଠ ଶିକ୍ଷାବିତ ପ୍ରାବନ୍ଧିକ ଜଗନ୍ନାଥଙ୍କ ବିଷୟରେ ଗବେଷଣା କରୁଥିବା ଚର୍ଚ୍ଚିତ ବ୍ୟକ୍ତିତ୍ୱ ରଜତ କୁମାର କର ଏକ ପ୍ରସଙ୍ଗରେ ଆଲୋଚନା କ୍ରମେ ତାଙ୍କ ଭାଷାରେ କହିଥିଲେ ଯେ ଦ୍ୱିତୀୟ ରାମଚନ୍ଦ୍ର ଦେବ ଯେତେବେଳେ ଖବର ପାଇଲେ କୁଜଙ୍ଗରେ ବ୍ରହ୍ମନାଭି ଅଛି। କୁଜଙ୍ଗରେ ସେତେବେଳେ ରାଜା ଥିଲେ ଅନନ୍ତ ନରେନ୍ଦ୍ରଙ୍କ ପୁତ୍ର ଗୋପିନାଥ ନରେନ୍ଦ୍ର। କୁଜଙ୍ଗରୁ ବ୍ରହ୍ମ ନେବାବେଳେ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ ହୋଇ ତିନିବ୍ରହ୍ମ ପୁରୀରେ ପହଞ୍ଚିଲେ। ଏବେ ସାକ୍ଷୀଗୋପାଳ ନିକଟସ୍ଥ ଗୋଟିଏ ଗ୍ରାମର ନାମ ୨୮ଶ ରହିଛି । କଥିତ ଅଛି ବ୍ରହ୍ମ ଏଠାରେ ୨୮ ଦିନ ରହିଥିଲେ । ତେଣୁ ଗ୍ରାମର ନାମ ୨୮ ରହିଛି । ନଅଙ୍କେ ରାଜା କୁଜଙ୍ଗ ଗଡରୁ ବ୍ରହ୍ମ ଅଣାଇଲେ। ଖୁରୁଧା କଟକ ବନେଯାଗ କରି ସୁମୁରୁଚି କରାଇଲେ। ଅ୧୧ଙ୍କ ୧୮ ଦିନ ଶ୍ରାବଣ ଶୁକ୍ଳ ନବମୀ ଦିନ ଶ୍ରୀପୁରୁଷୋତ୍ତମ ବଡ ଦେଉଳରେ ରତ୍ନ ସିଂହାସନରେ ବିଜେ କରାଇଲେ । ବ୍ରହ୍ମ ଆଣିଲା ବିଶି ମହାନ୍ତିଙ୍କୁ ସୋର ନାଏକ କମ୍ପୋ ଏ ଦାରୁ ବ୍ରହ୍ମ ଘେନି ଅଇଲା। ଏହା ଭିତରେ ପଶିବ ବୋଲି ଶାଢି ଦେଲେ (ମାଦଳା ପାଞ୍ଜି) ଶ୍ରୀଯୁକ୍ତ ରଜତ କୁମାର କର ୧୯୯୭ ମସିହାରେ ପାରାଦୀପ ରଥଯାତ୍ରାକୁ ଆସିଥିବା ଅବସରରେ ଭାଷଣ ପ୍ରସଙ୍ଗରେ ପୁନର୍ବାର ଏକଥା ବି କହିଥିଲେ ଯାହା ନିମ୍ନରେ ପ୍ରକାଶ କରୁଛୁ ।" ସ୍ୱର୍ଗତଃ ସଦାଶିବ ରଥଶର୍ମାଙ୍କର ମତ ହେଲା କଳାପାହାଡ ଦ୍ୱାରା ଜଗନ୍ନାଥ ବିଗ୍ରହଙ୍କ ଦାହ କାହାଣୀକୁ ବିଶ୍ୱାସ ନ କରି ଗୋଟିଏ ତାଳପତ୍ର ଛାମୁ ଚିଟାଉର ନକଲ ପ୍ରକାଶ କରିଛନ୍ତି । ନକଲଟି ଏହିପରି ସାତ ସାହି ନାୟକ ଭୋଗ ପରିଛାଙ୍କ ଚିଟାଉ ଏହି କି ସାଲ ୯୭୫ ପହିଲି ଭୋଗ ବେଳେ କଳାପାହାଡ ବଡ ଦେଉଳ ଲୁଟିବା ସମ୍ବାଦ ପାଇ ପରିଛା ଦିବ୍ୟସିଂହ ପଟ୍ଟନାୟକ ପ୍ରଭୁଙ୍କ ପାଖେ ଅଧିଆ ପଡିବାରୁ ତୁମ୍ଭେ ନିମାବନ୍ତୁ ମଧୁ ପଣ୍ଡା, ମେରଦା ବଟ ମାଧବଙ୍କୁ କଳାଘାଟ ଦ୍ୱାରା ବିଜେକୁ ନେଇଥିବାରୁ ତୁମ୍ଭକୁ ଗୋଡଧିଆ କୁଣ୍ଡ ପାଖକୁ ତିନି ବଖରା ମେରଦା ଭୋଗକୁ ଦେଲୁ। ଏଠାରେ କୁଜଙ୍ଗ କ୍ଷଣ୍ଡ ସରଘର ମଧ ହୋଇବ । ଏହି ମଠ ମେରଦା ମଧୁପଣ୍ଡାଙ୍କୁ ଅମଳ କରାଇବ। ରାମଚନ୍ଦ୍ର ଦେବଙ୍କ ୨ୟ ଅଙ୍କ ୧୩ ଦିନ ଏହି ଚିଠି ଲେଖାଯାଇଥିବା କୁହାଯାଇଛି । ଏହି ଛାମୁ ଚିଟାଉର ନକଲ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀଯୁକ୍ତ ରଜତ କୁମାର କର ମହୋଦୟ ମତ ଦିଅନ୍ତି ଯେ, ଏହା ଏକ ଛାମୁ ଚିଟାଉ ତାଳପତ୍ରର ନକଲ । ଏହା ଉପରେ ବିଶେଷ ତର୍କ କରାଯାଇନପାରେ । ତାଙ୍କର ନିଜସ୍ୱ ମତ ହେଲା କୁଜଙ୍ଗ ରାଜାଙ୍କ ଅନୁରୋଧକ୍ରମେ ସୁଭଦ୍ରାଙ୍କ ବଇଠିରେ ମୂଳ ଭୁବନେଶ୍ୱରୀ ଚିହ୍ନିତ ସ୍ୱର୍ଣ୍ଣପଦକ ପୁରୀ ରାଜା ଦେଇଥିଲେ । ତେଣୁ ଏ କ୍ଷେତ୍ରରେ ସୁଭଦ୍ରାଙ୍କ ପ୍ରାଧାନ୍ୟ ରହିଛି । ତେବେ ଏଠାରେ ପ୍ରଶ୍ନ ଉଠିପାରେ ଯେଉଁ ରାଜା ରାମଚନ୍ଦ୍ର ଦେବଙ୍କ ଉଦ୍ୟମରେ ଶ୍ରୀଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ଶ୍ରୀମନ୍ଦିରରେ ପ୍ରବେଶ କଲେ ସେଠାରେ ରାମଚନ୍ଦ୍ର ଦେବଙ୍କ ଆଧିପତ୍ୟକୁ କିପରି ଓ କେଉଁ ଦୃଷ୍ଟିଭଙ୍ଗୀରେ ଚିତ୍ରିତ କରାଯାଇଛି । ଏଠାରେ କୁହାଯାଇଛି , "ସମସ୍ତ ସନ୍ନ୍ୟାସୀ ବ୍ରହ୍ମଚାରୀ ବ୍ରାହ୍ମଣମାନେ ଶ୍ରୀରାମଚନ୍ଦ୍ର ଦେବ ମହାରାଜାଙ୍କୁ ଦ୍ୱିତି ଇନ୍ଦ୍ର ପୂଜନ ବୋଲି ଶାଢୀ ଦେଲେ । (ଓଡ଼ିଆ ଜାତିର ଆଦିମ ଇତିହାସ ମାଦଳାପାଞ୍ଜି ୧ମ ରାମଚନ୍ଦ୍ର ଦେବଙ୍କ ରାଜତ୍ୱ ସମୟ ଖ୍ରୀ.ଅ ୧୫୯୦) । କ୍ରମଶଃ....




# ଯାତ୍ରୀଙ୍କୁ ବିମାନ ଯନ୍ତ୍ରଣା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

**ସାଂ**ପ୍ରତିକ ସମୟରେ ସମୟର ସଦୁପଯୋଗ ଦୃଷ୍ଟିରୁ ସମଗ୍ର ବିଶ୍ୱରେ ବିମାନ ପରିବହନ ଅତ୍ୟନ୍ତ ଗୁରୁତ୍ୱ ବହନ କରିଛି, ଏଥିରେ ସନ୍ଦେହର ଅବକାଶ ନାହିଁ। ଆମ ଦେଶରେ ବିମାନ ସେବା ଯେ, କେତେ ଗୁରୁତ୍ୱ ବହନ କରିଛି। ତାହା ଏକ ଘରୋଇ ଏୟାର ଲାଇନସ୍‌ର ବିମାନ ଉଡାଣ ବାତିଲ ଘଟଣା ସ୍ପଷ୍ଟ ସୂଚନା ପ୍ରଦାନ କରେ। ଉଲ୍ଲେଖଯୋଗ୍ୟ ଯେ, ଦେଶର ସର୍ବବୃହତ ଘରୋଇ ବିମାନସେବା ସଂସ୍ଥା ଇଣ୍ଡିଗୋ ଗତ କିଛି ଦିନ ଧରି ପର୍ଯ୍ୟାୟ କ୍ରମେ ୧୦୦୦ରୁ ଉର୍ଦ୍ଧ୍ୱ ବିମାନ ବାତିଲ ଯୋଗୁଁ ଦେଶର ବିଭିନ୍ନ ବିମାନ ବନ୍ଦରରେ ହଜାର ହଜାର ଯାତ୍ରୀ ଅଟକି ରହିନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଏପରି ସେମାନଙ୍କୁ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୁବିଧା, ସୁଯୋଗ ତଥା ଖାଦ୍ୟ, ପାନୀୟ ବିଶ୍ରାମ ନେବା ପାଇଁ ବ୍ୟବସ୍ଥା ଯୋଗାଇ ନଥିବା ଅଭିଯୋଗ ହୁଏ । ବିମାନ ବନ୍ଦରର ବିଶ୍ରାମ କକ୍ଷ କେବଳ ଯାତ୍ରୀଙ୍କ ଲଗେଜରେ ଭରପୁର ହୋଇଯାଇଥିବା ବେଳେ ବସିବାକୁ ସ୍ଥାନ ଟିକିଏ ମିଳିନଥିବା କହୁଯାଏ। କହିବା ବାହୁଲ୍ୟ ଯେ, ଏକ ନବଦମ୍ପତି ବିମାନ ବନ୍ଦରରେ ଅଟକି ରହିବା ଯୋଗୁଁ ସେମାନଙ୍କର ରିସେପସନ୍‌ରେ ଉପସ୍ଥିତ ହୋଇନପାରି ଆଭାସୀରେ ଯୋଗ ଦେଇଥିଲେ। ସେହିପରି ଜଣେ ମହିଳା ନିଜ ପରଲୋକଗତ ପିତାଙ୍କ ଅସ୍ଥି ବିସର୍ଜନ ପାଇଁ ଯାଉଥିବାବେଳେ ବିମାନ ବନ୍ଦରରେ ଅସ୍ଥି କଳସ ଧରି ଅଟକି ରହିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଚିକିତ୍ସା ପାଇଁ, ନିଜ ଅଫିସ କାର୍ଯ୍ୟରେ ଏବଂ ପରୀକ୍ଷା ଦେବା ପାଇଁ ଯାଉଥିବା ଯାତ୍ରୀମାନଙ୍କ ଦୁର୍ଦ୍ଦଶା ଅବର୍ଣ୍ଣନୀୟ। ଦେଶର ସର୍ବବୃହତ ଘରୋଇ ଏୟାରଲାଇନସ୍ ଭାବେ ପରିଚିତ ଇଣ୍ଡିଗୋ'ର ୬୦ପ୍ରତିଶତ ବିମାନ ସେବା ପୂରଣ କରିଥିବାବେଳେ ଅବଶିଷ୍ଟ ୩୫ପ୍ରତିଶତ ଅନ୍ୟ ଘରୋଇ ଏୟାର ଲାଇନସ୍ ପୁରଣ କରିଥାନ୍ତା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। 'ବେଡି ଉପରେ କୋରଡା ମାଡ' ଦେଶରେ ବିମାନ ଭଡା ଆକାଶଛୁଆଁ ହେବା। ବିଭିନ୍ନ ବିମାନ ବନ୍ଦରରେ ହଜାର ହଜାର ଯାତ୍ରୀ ଅଟକି ରହି ଅକଥନୀୟ ଦୁର୍ଦ୍ଦଶା ମଧ୍ୟରେ ଥିବାବେଳେ ପରିସ୍ଥିତିରୁ ଫାଇଦା ଉଠାଇ ଅନ୍ୟ ଏୟାର ଲାଇନସ୍ ଗୁଡିକ ଯାତ୍ରୀ ଭଡା ଆକାଶଛୁଆଁ କରିଛନ୍ତି। ଦିଲ୍ଲୀରୁ ଚେନ୍ନାଇ ଗୋଟିଏ ପଟ ଭଡା ୬୫ହଜାର ୯୮୫ ଟଙ୍କା। ହୋଇଥିବାବେଳେ ଦିଲ୍ଲୀ ମୁମ୍ବାଇ ଭଡା ୪୦ହଜାର ଟଙ୍କା ହୋଇଥିଲା। ସେହିପରି ଦିଲ୍ଲୀ-କୋଲକତା ଭଡା ମଧ୍ୟ ୩୯ହଜାର ଥିବା ରିପୋର୍ଟ ପ୍ରକାଶ ପାଇଛି। ଘରୋଇ ବିମାନ ସେବା ସଂସ୍ଥାଗୁଡିକର ଅହେତୁକ ଭଡା ବୃଦ୍ଧି ଉପରେ କଟକଣା ଜାରି କରି ୫୦୦କିମି ପର୍ଯ୍ୟନ୍ତ ସର୍ବାଧିକ ୭୫୦୦ ଟଙ୍କା ଏବଂ ୧୫୦୦କିମିରୁ ଅଧିକ ଯାତ୍ରୀ ପାଇଁ ସର୍ବାଧିକ ୧୮ ହଜାର ଟଙ୍କା ଧାର୍ଯ୍ୟ କରିଛନ୍ତି। ଦୂରକୁ ଦେଖି ୪ ପ୍ରକାରର ଭଡା ଧାର୍ଯ୍ୟ ମଧ୍ୟ ଅଗ୍ରହଣୀୟ। ଆହୁରି ମଧ୍ୟ ଅଟକି ରହିଥିବା ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ନେବା ପାଇଁ ଭାରତୀୟ ରେଳବାଇର ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏଥି ସହ ଯାତ୍ରୀମାନଙ୍କୁ ସେମାନଙ୍କ ଭଡା ଫେରାଇବାକୁ ଇଣ୍ଡିଗୋକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହା ନିସନ୍ଦେହ ଯେ, ଇଣ୍ଡିଗୋର ବିମାନ ସେବା ବାତିଲ ତଥା ଦୁର୍ଦ୍ଦଶା ପାଇଁ ଏହାର ପରିଚାଳନାଗତ ବିଫଳତା ଦାୟୀ ବୋଲି କୁହାଯାଇପାରିବ। ଏଭଳି ଘଟଣା ଇଣ୍ଡିଗୋ ପାଇଁ ନୂଆ ନୁହେଁ। ପୂର୍ବରୁ ଗତ ନଭେମ୍ବର ମାସରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ପାଇଲଟ ଏବଂ କର୍ମଚାରୀଙ୍କ ପାଇଁ ଇଣ୍ଡିଗୋର ରୋଷ୍ଟର ଏବଂ ଅନ୍ୟାନ୍ୟ ଦୀର୍ଘଦିନର ଦାବି ପୂରଣରେ ଅବହେଳା ଆଜି ଇଣ୍ଡିଗୋ ସମୂହ ଲ୍ୟାଣ୍ଡିଂ ପାଇଁ ଦାୟୀ। ଇତିମଧ୍ୟରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପାଇଲଟଙ୍କ ପାଇଁ ଉଦ୍ଦିଷ୍ଟ ରୋଷ୍ଟର ନିୟମ ଅନୁଯାୟୀ ଜଣେ ପାଇଲଟ ଦିନରେ ସର୍ବାଧିକ ୮ରୁ ୧୦ଘଂଟା ବିମାନ ଉଡାଇବା ବ୍ୟବସ୍ଥା ରହିଛି। କିନ୍ତୁ ଜଣେ ପାଇଲଟ ବର୍ଷକୁ ୧୦୦୦ଘଂଟାରୁ ଅଧିକ ବିମାନ ଉଡାଇ ପାରିବେ ନାହିଁ ଏବଂ ଦୈନିକ ୧୨ରୁ ୧୩ଘଂଟା ବିଶ୍ରାମ ନେବା ବାଧ୍ୟତାମୂଳକ ରହିଛି। ରାତିରେ ବିମାନ ଉଡାଇ ଥିଲେ, ଏହି ସମୟସୀମା ଆହୁରି ହ୍ରାସ ପାଇବ। କିନ୍ତୁ ଇଣ୍ଡିଗୋ କର୍ତ୍ତୃପକ୍ଷ ପାଇଲଟଙ୍କୁ ରାତିରେ ବିମାନ ଚାଳନା କାର୍ଯ୍ୟରେ ନିୟୋଜିତ କରୁଥିବା ଅଭିଯୋଗ ହୁଏ। ଯାହାର ପରିଣତି ସ୍ୱରୂପ ଇଣ୍ଡିଗୋରେ ଆଜି ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ଶିକାର ହୋଇଛନ୍ତି କେବଳ ଯାତ୍ରୀ। ଭବିଷ୍ୟତରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନହୁଏ, କେନ୍ଦ୍ର ସରକାର ଆଇନ ପ୍ରଣୟନ କରିବା ଜରୁରୀ।

# ମାଲୟାଲମ୍ ଭାଷାର ବ୍ୟାକରଣ

ଭାଷା କଥା



ଡଃ. ଦେବାଶିଷ ମହାପାତ୍ର
ବରିଷ୍ଠ ଗବେଷକ
ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର
ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର,
ସର୍ଦ୍ଦାର ପଟେଲ ହଲ୍,
ଭୁବନେଶ୍ୱର-୭୫୧୦୦୯
ମୋ-୬୩୭୨୦୮୨୬୯୦

**ମା**ଲାୟାଲାମ, କେରଳ ପ୍ରଦେଶର ପ୍ରାଦେଶିକ ଭାଷା। ଭାରତବର୍ଷର ଅନ୍ୟତମ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା। ଦ୍ରାବିଡ଼ ଭାଷା ପରିବାରର ପ୍ରମୁଖ ଭାଷା। ଦେଶବିଦେଶରେ ବ୍ୟବହାର ହେଉଥିବା ଏକ ଅଗ୍ରଣୀ ଭାରତୀୟ ଭାଷା। ଅନ୍ୟଭାଷାଭଳି ମାଲାୟାଲାମ ଭାଷାକୁ ଶୃଙ୍ଖଳିତ, ବ୍ୟବସ୍ଥିତ, ସଜଡ଼ା ଭାଷା କରିବାରେ ମାଲାୟାଲାମ୍ ଭାଷାର ଅଭିଧାନ ବ୍ୟାକରଣର ଭୂମିକା ଅଭିନନ୍ଦନୀୟ। ଅଭିଧାନ କଥା ଯଦି ପ୍ରଥମେ ଦେଖିବା, ତେବେ ୧୭୭୯ ମସିହା ଥିଲା ମାଲାୟାଲାମଭାଷାର ଏକ ସ୍ମରଣୀୟ ବର୍ଷ। ସେହି ବର୍ଷ ଜେ. ଫ୍ରାବ୍ରିକସ ଓ ଜେ. ବ୍ରେଥାପଣ୍ଡଙ୍କ ମିଳିତ ସମ୍ପାଦନାରେ ମାଡ୍ରାସରୁ ପ୍ରକାଶ ପାଇଥିଲା ଏକ ଦ୍ୱିଭାଷୀ ଅଭିଧାନ। ଏହି ଅଭିଧାନଟି ବେଶ ଆଦୃତ ହୋଇଥିଲା। ୧୮୬୪ରେ କୋଟ୍ଟାୟମରୁ ପ୍ରକାଶ ପାଇଥିଲା- 'A dictionary of High and colloquial Malayalam and English' ଏହାର ସଂକଳନ ଥିଲେ ବି. ବେଲେ। ତତ୍କାଳୀନ ଟ୍ରାଭାନକୋରର ରାଜାଙ୍କ ସହାୟତାରେ ଏହି ଅଭିଧାନଟି ପ୍ରକାଶ ପାଇଥିବାରୁ ତାଙ୍କୁ ଏହା ଉତ୍ସର୍ଗ କରାଯାଇଥିଲା। ତେବେ ବେଲେଙ୍କର ୧୮୪୯ରେ ପ୍ରଥମ ମୁଦ୍ରଣ ଓ ୧୮୬୮ରେ ଦ୍ୱିତୀୟ ମୁଦ୍ରଣ ହୋଇଥିବା 'A Dictionary: English and Malayalam' ମଧ୍ୟ ମାଲାୟାଲାମ ଭାଷାର ଏକ ଭଲ ଅଭିଧାନ। ଏଥିରେ ମାନକ ମାଲାୟାଲାମ୍‌ର ଶବ୍ଦାବଳୀ ସ୍ଥାନିତ ହୋଇଥିଲା। ୧୮୭୦ରେ ମାଙ୍ଗାଲୋରରୁ ପ୍ରକାଶ ପାଇଥିଲା ଦୁଇଟି ଅଭିଧାନ। ଗୋଟିଏ ଥିଲା ଇଂରାଜୀ, ମାଲାୟାଲାମ୍ ବିଦ୍ୟାଳୟ ଅଭିଧାନ, ଅନ୍ୟଟି ମାଲାୟାଲାମ୍ ଇଂରାଜୀ ବିଦ୍ୟାଳୟ ଅଭିଧାନ। ଏ ଉଭୟ ଅଭିଧାନର ସଂକଳନ ଥିଲେ ଜେ.ଏସ୍.ବଟଲର। ଦୁଇ ଇଂରାଜୀ ବିଦ୍ୱାନ ଏହା ପୂର୍ବରୁ ଦୁଇଟି ସଂଗ୍ରହଯୋଗ୍ୟ ଅଭିଧାନ ପ୍ରକାଶ କରିଥିଲେ। ଜଣେ ଥିଲେ ଇ.ଲାସରସନ୍। ୧୮୫୬ ମସିହାରେ ତାଙ୍କ ସମ୍ପାଦିତ 'A Dictionary of Malayam and English language' ପ୍ରକାଶ ପାଇଥିଲା। ୧୮୬୮ରେ ପି.ଜନ୍‌ଙ୍କ ସମ୍ପାଦିତ 'A Vocabulary of English and Malayam words' ପ୍ରକାଶ ପାଇଥିଲା। ଉଭୟ ଅଭିଧାନ କୋଟ୍ଟାୟମରୁ ପ୍ରକାଶ ପାଇଥିବାର ଜଣାଯାଏ। ୧୮୭୨ରେ ଏଚ୍.ଗୁଣ୍ଡେରଙ୍କ ମାଲାୟାଲାମ-ଇଂରାଜୀ ଅଭିଧାନ ଓ ୧୮୭୭ରେ ତାଙ୍କ ସମ୍ପାଦିତ ଆଉ ଏକ ଅଭିଧାନ ପ୍ରକାଶ ପାଇଥିଲା। ୧୮୯୧ରେ ଏଲ.ଜେ. ଫ୍ରନ୍‌ମେୟର ସମ୍ପାଦିତ ମାଲାୟାଲାମ -ଇଂରାଜୀ ଅଭିଧାନ ଊନବିଂଶ ଶତାବ୍ଦୀରେ ମାଲାୟାଲାମ ଅଭିଧାନ ପ୍ରକାଶନ ତାଲିକାରେ ସ୍ୱତନ୍ତ୍ର ସ୍ଥାନରେ ଆସୀନ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମଧ୍ୟ ଏହି ଧାରା ବଳବତ୍ତର ରହିଥିଲା। ୧୯୨୧ ମସିହାରେ ଟି. ଜାଚାରିୟାଙ୍କ ସମ୍ପାଦନାରେ ମାଲାୟାଲାମ୍- ଇଂରାଜୀ ଅଭିଧାନ ୧୯୩୫ରେ ଗୋପାଳ ପିଲାଇ, ବାପୁରାଓ, ଏନ୍ ଶଙ୍କରଙ୍କ ମିଳିତ ସମ୍ପାଦନାରେ 'The New English - malayalam Dictionary'କୁ ଦୃଷ୍ଟାନ୍ତ ଭାବେ ଉଦ୍ଧାର କରାଯାଇପାରେ। ଗୋପାଳ ପିଲାଇ, ବାପୁରାଓ, ଏନ୍ ଶଙ୍କରଙ୍କ ସମ୍ପାଦନାରେ ପ୍ରକାଶ ପାଇଥିବା ଅଭିଧାନର ପ୍ରକାଶକ ଥିଲେ ଶ୍ରୀ ରାମବିଳାସ ପ୍ରେସ୍। ୧୯୫୨ରେ ଏହାର ଦ୍ୱିତୀୟ, ୧୯୫୫ରେ ତୃତୀୟ ପରିମାର୍ଜିତ ଓ ପରିବର୍ଦ୍ଧିତ, ୧୯୫୬ରେ ଚତୁର୍ଥ, ୧୯୬୨ରେ ପଂଚମ ସଂସ୍କରଣ ପ୍ରକାଶ ପାଇ ଅଭିଧାନର ଚାହିଦା କିଭଳି ଥିଲା ତା'ର ସୂଚନା ଦିଏ। ସି.ମାଧବନ ପିଲାଇଙ୍କ ସମ୍ପାଦନାରେ କୋଟାୟମର ସାହିତ୍ୟ ପ୍ରବର୍ତ୍ତକ କୋ ଅପରେଟିଭ୍ ସୋସାଇଟି ଲିମିଟେଡ୍ ପ୍ରକାଶ କରିଥିବା ଇଂରାଜୀ -ମାଲାୟାଲାମ୍ ଅଭିଧାନର ଚାହିଦା ମଧ୍ୟ କିଛି କମ୍ ନଥିଲା। ସେହିଭଳି ୧୯୬୬ ମସିହାରେ ପ୍ରଥମ ଖଣ୍ଡ ଏବଂ ପରବର୍ତ୍ତୀ କାଳରେ ଆଠଖଣ୍ଡରେ ପ୍ରକାଶ ପାଇଥିଲା ତ୍ରିଭେନ୍ଦ୍ରମ୍‌ର କେରଳ ବିଶ୍ୱବିଦ୍ୟାଳୟ ପ୍ରକାଶିତ The New Malayalam Lexicon। ଏହାର ସମ୍ପାଦନା କରିଥିଲେ ଭାଷା ବିଜ୍ଞାନୀ ପି.ଏନ୍. ପିଲାଇ। ୧୯୨୧ରେ ପ୍ରଥମ ଏବଂ ୧୯୫୭ରେ ଚତୁର୍ଥ ସଂସ୍କରଣ ପ୍ରକାଶ ପାଇଥିବା Malayalam-English Dictionaryର ସଂକଳକ ଥିଲେ ବିଦେଶୀ ବିଦ୍ୱାନ ଟି. ଜାକବ। ଆମେ ଯଦି ମାଲାୟାଲାମ୍ ଭାଷାର ବ୍ୟାକରଣ କଥା ବିଚାର କରିବା ତେବେ ପ୍ରଥମେ ଦେଖିବା ୧୭୮୪ରେ ପ୍ରକାଶ ପାଇଥିବା ଡି.ଜେନି୍‌କ୍ଲେମେଙ୍କ 'ଗ୍ରାମାଟିକା ମାଲବାରା' ବ୍ୟାକରଣ ବହି। ଏ ବହିରେ ମାଲାୟାଲାମ୍ ଭାଷାର ବ୍ୟାକରଣକୁ ବୁଝାଇ ବିଶ୍ଲେଷଣ କରାଯାଇଛି। ସେହିପରି ୧୮୬୬ରେ ଏଚ୍.ଗୁଣ୍ଡେର ସମ୍ପାଦିତ 'Grammar of Malayalam Language' ୧୮୬୮ରେ ତାଙ୍କ ସମ୍ପାଦିତ 'A catechsim of Malayalam Grammar' ଗବେଷକମାନଙ୍କ ନଜରରେ ପଡ଼େ। ୧୮୩୮ରେ ଜି.ଶଙ୍କରକୁରୁପ ସମ୍ପାଦିତ 'Malayalam Grammar and Composition' ଯାହାକୁ କି ତ୍ରିଚୁରର ଭି. ସୁନ୍ଦର ଆୟାର ଆଣ୍ଡ ସନ୍ସ ଛାପିଥିଲେ ତାହା ମଧ୍ୟ ମାଲାୟାଲାମ୍ ଭାଷାର ବ୍ୟାକରଣର ପ୍ରାଥମିକ ପର୍ଯ୍ୟାୟର ଏକ ଉଲ୍ଲେଖଯୋଗ୍ୟ ଉଦାହରଣ। ଭାଷା ବିଜ୍ଞାନ ଦୃଷ୍ଟିରୁ ବିଚାରକଲେ ଏଲ.ଭି. ରାମସ୍ୱାମୀ ଆୟାରଙ୍କ ଲିଖିତ 'A Brief Account of Malayalam Phonetics' ଯାହା ୧୯୨୭ରେ କଲିକତାରୁ ପ୍ରକାଶ ପାଉଥିବା 'Journal of the Department of Letters'ର ଚତୁର୍ଦ୍ଦଶ ସଂଖ୍ୟାରେ ସ୍ଥାନ ପାଇଥିଲା ଏବଂ ତାଙ୍କ ଲିଖିତ 'A Primmer of Malayalam Phonology' ୧୯୩୮ରେ ତ୍ରୀଚୁରର ବୁଲେଟିନ୍ ଅଫ୍ ଶ୍ରୀରାମ ବର୍ମା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ଷଷ୍ଠ ସଂଖ୍ୟାରେ ସ୍ଥାନ ପାଇଥିଲା। ଏ ଉଭୟ ଗବେଷଣାମୂଳକ ଲେଖାରେ ମାଲାୟାଲାମ ଭାଷାର ଧ୍ୱନି, ଧ୍ୱନି ବିଜ୍ଞାନ, ଧ୍ୱନିତତ୍ତ୍ୱ, ଧ୍ୱନି ବୈଶିଷ୍ଟ୍ୟ ବିଷୟରେ ସୁନ୍ଦର ଭାବେ ବ୍ୟାଖ୍ୟା ଓ ବିଶ୍ଲେଷଣ କରାଯାଇଛି। ମାଲାୟାଲାମ ଭାଷାର ଭାଷାତାତ୍ତ୍ୱିକ ଆଲୋଚନା ସହ ଅଭିଧାନ, ବ୍ୟାକରଣ ବିଷୟରେ ଉପାଦେୟ ବହି ପ୍ରକାଶ ପାଇ ଏ ଭାଷାର କ୍ରମବିକାଶ କଥା କହିଛି।

କଥା ହେଉଛି ୨୦୧୩ରେ ମାଲାୟାଲାମ୍ ଭାଷାର ଶାସ୍ତ୍ରୀୟ ମାନ୍ୟତା ସର୍ବଭାରତୀୟ ସ୍ତରରେ ଏ ଭାଷାକୁ ସ୍ୱତନ୍ତ୍ର ଆସନରେ ଆସୀନ କରିଛି। ଏ ଭାଷାର ପ୍ରାଚୀନତା, ଏ ଭାଷାର କ୍ରମବିକାଶ ସ୍ୱୀକୃତ ଓ ସମ୍ମାନିତ। ଏହି ପ୍ରାଚୀନ ଓ ପୂର୍ଣ୍ଣାଙ୍ଗ ଭାଷାର ସ୍ୱାତନ୍ତ୍ର୍ୟ ଓ ସମୃଦ୍ଧିରେ ଅଭିଧାନ ଓ ବ୍ୟାକରଣର ଅବଦାନ ଅନସ୍ୱୀକାର୍ଯ୍ୟ। ଯେଉଁ ମସିହାରେ ଓଡ଼ିଆ ଭାଷା ଆଧାରରେ ଓଡ଼ିଶା ବୋଲି ଗୋଟିଏ ଭୌଗଳିକ ଭୂଖଣ୍ଡ ମାନ୍ୟତା ପାଇଥିଲା, ଅର୍ଥାତ୍ ୧୯୩୬ ମସିହାରେ ସେହି ମସିହା ତ୍ରଚୁରର ଶ୍ରୀରାମ ବର୍ମା ଇନ୍‌ଷ୍ଟିଚୁଟ୍ ୧୫୫ ପୃଷ୍ଠାର ଗୋଟିଏ କ୍ଷୁଦ୍ର ଅଥଚ ଉପାଦେୟ ପୁସ୍ତକ ପ୍ରକାଶ କରିଥିଲେ। ତାହା ଥିଲା- Evolution of Malayalam Morphology। ଲେଖକ ଥିଲେ ଏଲ.ଭି. ରାମସ୍ୱାମୀ ଆୟାର। ବହିଟିରେ ମାଲୟାଲାମ ଶବ୍ଦାବଳୀ ବିଷୟରେ ସ୍ୱତନ୍ତ୍ରଭାବେ ବିଶ୍ଲେଷଣ ରହିଛି। ୧୯୪୪ ମସିହାରେ ତାଙ୍କର ଆଉ ଗୋଟିଏ ଭଲ ବହି 'Grammar of Malayalam : A Critical and Compartive Study', କେରଳ ସାହିତ୍ୟ ଏକାଡ଼େମୀ ପ୍ରକାଶ କରିଥିଲେ। ଏଥିରେ ମାଲାୟାଲାମ୍ ବ୍ୟାକରଣ କଥା କୁହାଯାଇଥିବା ବେଳେ ସମକାଳୀନ ଦ୍ରାବିଡ଼ ଭାଷା ବ୍ୟାକରଣ ସହ ତୁଳନା କରାଯାଇ ମାଲାୟାଲାମ୍ ବ୍ୟାକରଣର ବୈଶିଷ୍ଟ୍ୟ ଦର୍ଶାଇ ଦିଆଯାଇଛି। ଡେକାନ କଲେଜ ପୁନା ପ୍ରକାଶ କରିଥିବା 'Evolution of Malayalam' ଯାହାର ଲେଖକ ଥିଲେ ଏ.ଏ.ଚନ୍ଦ୍ରଶେଖର ଯିଏ କି ଏ. ଶେଖର ଭାବେ ବିଦ୍ୱାନ ମଣ୍ଡଳୀରେ ଜଣାଶୁଣା ଏ ବହିରେ ମାଲାୟାଲାମ୍ ଭାଷାର କ୍ରମବିକାଶ କଥା ବୁଝାଇ କହିଛନ୍ତି। କେ.ଏମ୍. ଜର୍ଜ ଯିଏ କି ଜଣେ ବିଦେଶୀ ବିଦ୍ୱାନ ସେ ନିଜ ଉଦ୍ୟମ ଓ ଗବେଷଣା ଆଧାରରେ ଦୁଇ ତିନୋଟି ଗବେଷଣା ମୂଳକ ବହି ପ୍ରକାଶ କରିଥିଲେ। ୧୯୬୨ ଇଣ୍ଡିଆନ୍ ଲିଙ୍ଗୁଇଷ୍ଟିକ୍ସ ପ୍ରକାଶ କରିଥିବା ତାଙ୍କର ବହିଟିର ନାଁ ଥିଲା ' Malayalam Verb'। ମାଲାୟାଲାମ୍ ବ୍ୟାକରଣ ସହ ବିଶେଷ ଭାବେ କ୍ରିୟାର ଉପଯୋଗୀତା କଥା ଏଥିରେ କୁହାଯାଇଛି। ୧୯୬୪ରେ ଚିକାଗୋ ବିଶ୍ୱବିଦ୍ୟାଳୟ ଛାପିଥିଲେ ତାଙ୍କର ଆଉ ଏକ ବହି- 'Lectures on Malayalam Language'। ଏଥିରେ ଜର୍ଜ ବିଭିନ୍ନ ସମୟରେ ମାଲାୟାଲାମ୍ ଭାଷାର ଗଠନ ଓ ବ୍ୟବହାର ନେଇ ଦେଇଥିବା ବ୍ୟକ୍ତବ୍ୟରେ ସମ୍ପାଦନା ଅଂଶ ପ୍ରକାଶ ପାଇଛି। ମାଲାୟାଲାମ୍ ଭାଷାକୁ ଡ୍ରାବିଡ଼ ଭାଷା ପରିବାରର ଅନ୍ୟାନ୍ୟ ଭାଷା, ବିଶେଷତଃ ତାମିଲ ସହ ତୁଳନା କରାଯାଇଛି। ୧୯୬୬ରେ ତାଙ୍କ ଲିଖିତ କଥା କୋଟାୟାମ୍‌ର ନ୍ୟାସନାଲ ବୁକ୍ ଷ୍ଟଲ ପ୍ରକାଶନ ପ୍ରକାଶିତ ୨୧୮ ପୃଷ୍ଠାର ଏକ ଅତି ଉପାଦେୟ ପୁସ୍ତକ- 'Study of Early Malayalam' ଏ ସବୁ ବହି ବ୍ୟତୀତ ଭି.ଆର ପ୍ରବୋଧଚନ୍ଦ୍ରନ ନାୟାରଙ୍କ ୧୯୭୨ର 'Malayalam Verbal Farms' ଓ ୧୯୭୭ରେ ପ୍ରକାଶିତ 'Malayalam- A LinguisticDescription', ୧୯୩୮ରେ ଏଫ୍.ସ୍ୱିଙ୍ଗଙ୍କ 'Outlines of Grammar of Malayalam' ୧୯୭୧ରେ ତ୍ରିଭେନ୍ଦ୍ରମ୍‌ର ଦ୍ରାବିଡ଼ଆନ୍ ଲିଙ୍ଗୁଇଷ୍ଟିକ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ ଛାପିଥିବା Vowel Duration in Malayalam, ଯାହାର ଲେଖକ ଥିଲେ ଏସ୍ ବେଲାଲୁଧନ୍, ୧୯୭୧ରେ କୋଟାୟମ୍‌ର ସାହିତ୍ୟ ପ୍ରବର୍ତ୍ତକ କୋ- ଅପରେଟିଭ୍ ସୋସାଇଟି ଲିମିଟେଡ୍ ପ୍ରକାଶ କରିଥିବା ସି. ମାଧବନ ପିଲାଇଙ୍କ ଇଂରାଜୀ ମାଲାୟାଲାମ ଅଭିଧାନ, ୧୯୭୭ରେ ପି.ଏନ୍.କୁଞ୍ଜନ ପିଲାଇ ସମ୍ପାଦିତ ତଥା ତ୍ରିଭେନ୍ଦ୍ରମ୍‌ର କେରଳ ବିଶ୍ୱବିଦ୍ୟାଳୟ ପ୍ରକାଶିତ 'The New Malayalam Lexicon' ସମେତ ବି. ଶ୍ୟାମଳା କୁମାରୀଙ୍କ ୧୯୭୭ରେ ମହୀଶୂରର ଭାରତୀୟ ଭାଷା ସଂସ୍ଥାନ ପ୍ରକାଶ କରିଥିବା Malayalam Phonetic Reader, ୧୯୮୧ରେ କେ.ଏମ୍. ଜର୍ଜ୍‌ଙ୍କ ଲିଖିତ 'Malayalam Grammar and Reader' ଏବଂ କେ.ସି. ଚାଲୋଙ୍କ ୧୯୭୭ରେ ପ୍ରକାଶିତ 'Malayalam Through English' ଭଳି ବହୁ ଅଭିଧାନ, ବ୍ୟାକରଣ, ଭାଷାତାତ୍ତ୍ୱିକ ଆଲୋଚନା, ଗବେଷଣା ବହିରେ ମାଲାୟାଲାମ୍ ଭାଷାର ଇତିହାସ ସହ ବିଶେଷତ୍ୱ, ସାହିତ୍ୟ, ଶବ୍ଦାବଳୀର ବୈଶିଷ୍ଟ୍ୟ ଆଲୋଚିତ। ଦ୍ରାବିଡ଼ ଭାଷା ପରିବାର ଅନ୍ତର୍ଗତ ତାମିଲ, ତେଲୁଗୁ, କନ୍ନଡ଼ ଭାଷା ସହ ତୁଳନା କରାଯାଇ ମାଲାୟାଲାମ୍ ଭାଷାର ବର୍ଣ୍ଣମାଳା, କ୍ରିୟା, ଧ୍ୱନି ଉଚ୍ଚାରଣ, ଶବ୍ଦ ଗୁଂଫନ, ବାକ୍ୟଗଠନ, ଭାଷାତାତ୍ତ୍ୱିକ ମୂଲ୍ୟ ଦର୍ଶାଯାଇଛି। ମାଲାୟାଲାମ୍ ଭାଷାର ଧ୍ୱନିତତ୍ତ୍ୱ ବା ଧ୍ୱନିବିଜ୍ଞାନ, ରୂପବିଜ୍ଞାନ, ବାକ୍ୟବିଜ୍ଞାନ, ଅର୍ଥବିଜ୍ଞାନ ସହ ଭାଷାତତ୍ତ୍ୱର ସମସ୍ତ ବିଭାଗ ଏସବୁ ଉଲ୍ଲିଖିତ ପୁସ୍ତକ ଗୁଡ଼ିକ ସମେତ ଆହୁରି ବହୁ ଉପାଦେୟ ବହିରେ ଆଲୋଚିତ ହୋଇ ମାଲାୟାଲାମ୍ ଭାଷାର ବିଶେଷତ୍ୱକୁ ବିଶ୍ଲେଷଣ କରାଯାଇଛି। ସମୁଦାୟ ପଚାଶଟି ବର୍ଣ୍ଣକୁ ନେଇ ମାଲାୟାଲାମ୍ ଭାଷାର ବର୍ଣ୍ଣମାଳା ଏ ଭାଷାର ଅଭିଧାନ ଓ ବ୍ୟାକରଣ ସମୂହ କେବଳ ମାଲାୟାଲାମ୍ ଭାଷାର ନୁହେଁ ଭାରତୀୟ ଭାଷା ସମୂହର ସମ୍ପଦ ତୁଲ୍ୟ। ଏ ସବୁର ସଂରକ୍ଷଣ ଓ ଅଧିକ ଗବେଷଣା ଏକାନ୍ତ ଆବଶ୍ୟକ। ମାଲାୟାଲାମ୍ ଭାଷାରେ ୧୪ଟି ସ୍ୱରବର୍ଣ୍ଣ ଓ ୩୬ଟି ବ୍ୟଞ୍ଜନ ବର୍ଣ୍ଣ ଅଛି। ଥୁନ୍‌ଚାନ୍ତୁ ରାମାନୁଜନ୍ ଏଜୁଥାଚାନଙ୍କୁ ମାଲାୟାଲାମ୍ ଭାଷାର ଜନକ କୁହାଯାଏ। ମାଲାୟାଲାମ୍ ଭାଷା କେବଳ ଦ୍ରାବିଡ଼ ଭାଷା ପରିବାର ନୁହେଁ, ସମଗ୍ର ଭାରତବର୍ଷର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଭାଷା।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**



## ସ୍ୱପ୍ନରେ ଈଶ୍ୱର

**ସୁଶୀଲ କୁମାର ପାଣିଗ୍ରାହୀ**

ଶବ୍ଦ ସବୁ ଦେଲି
ଶୁଷ୍କ ନଦୀକୁ ....
ନଦୀ !
ଗତି କର
ଗୀତ ଗାଇ ଚାଲ

ମାଛମାନଙ୍କୁ
ନିଜର ସବୁ ସ୍ୱପ୍ନ ଦେଲି ....
ମାଛମାନେ !
ଯେଉଁଥିରେ ବଂଚିରହିବାର
ସମୁଦ୍ରଟିଏ ଅଛି
ନିର୍ଭୟ ରୁହ
ଏଠି ପ୍ରତି ବୁନ୍ଦାରେ
ଜୀବନର ତରଂଗ
ସାତରଂଗ ।

ଶ୍ୱାସରୁ କିଛି ଦେଲି
ପତ୍ରମାନଙ୍କୁ ....
ବୃକ୍ଷ !
ସବୁଜ ଦିନସବୁ ବି ନିଅ
ଗାନ କର
କୋଳାହଳରୁ ପ୍ରେମର ଶବ୍ଦକୁ
ମୁକ୍ତ କର
ବିଭୋର ହୁଅ

ଜୀବନ !
ଶୁଣ
ନଈବାଲି ପରି ଯାହା
ଦେଖାଯାଉଛି
ତାହାକୁ ଭ୍ରମ ବୋଲି ଭାବ
ଆସ ଖୋଳିବା ଚୁଆଁ
ନିଜ ଭିତରେ ହସ ଭଳି
ପାଣି ଅଛି ...
ଆମ୍ଭକୁ ସବୁଜ କରି ରଖିଛି
ବାହାରି ଆସିବ,ଦେଖିବ !

*(କଲ୍ୟାଣୀ ରେସିଡ଼େନ୍ସି
ଫ୍ଲାଟ -୨୦୩,ଜଲାନ ଗଳି
ସମ୍ବଲପୁର-୨
ଫୋନ:୮୧୪୪୨୨୮୨୦୨)*

## ।। ପତ୍ନୀ ।।

**ସୁଜିତ କୁମାର ମିଶ୍ର**

ଭାତଥାଳି ଚାରିପଟେ
ଘେରି ରହିଥିବା
ତା ସୁଆଦିଆ ବ୍ୟଞ୍ଜନରୁ ଜଣାପଡେ
ସେ କେତେ ମିଠା ମିଠା
ହୃଦୟ ଉଆସରୁ ।

ଆମ ବାଡିପଟ ଛନଛନିଆ
କୋଶଳା ସାଗର ପରି ତା ମନ,
ଗାଆଁ ପୋଖରୀ ନୀଳକଇଁ ପରି
ତା ସୁଢଳ ପ୍ରେମ,
ଖାଲି ବେପଥୁ ବର୍ଷାରେ ଭିଜୁଥାଏ ଯା
ଆକାଶେ ଉଢାରେ ତା
ମେଘ ବଉଦିଆ ମଧୁରାଗର
ଅଭିମାନ ।

ସେ ପିନ୍ଧିଥିଲେ ନୀଳଶାଢି
ଜଗତକୁ ଜିଣେ ମୁଁ
ଭାବର ରଙ୍ଗରେ,
ସେ ପିନ୍ଧିଲେ ନୀଳ ଡ୍ରେସ୍
ଜଗତକୁ ଜିଣେ ମୁଁ
ମଧୁର ଅତୀତର ମାଦକ ରସରେ,
ତା ସିନ୍ଥିର ସିନ୍ଦୂର
ମୋ ବିଜୟର ତିଳକ
କୋଟି କଷଣର କୁରୁକ୍ଷେତ୍ରରେ ।

ଦୂରେ ଥିଲେ ଦରଦୀ ବନ୍ଧୁ ସେ
ଶରତ ଆକାଶ ପରି
ଅସରନ୍ତି ଆନମନା
ପାଶେ ଥିଲେ ପାର୍ବଣ ମୁଖର ତା
ଚୋରା ଚାହାଣୀ,
ସଜେଇ ହୁଏ ମୋ ପାଇଁ
ଭାବକୋଠିର ସୁନୟନା,
ଶୁଭୁଥାଏ ନିରନ୍ତର ଟପଟପ ଶ୍ରାବଣର
ଗୀତି ମୁଖରା ମୁଗ୍ଧ ବୀଣା ।

ଛଳଛଳ ଆଖିରେ ତା ମାଳ ମାଳ ସ୍ୱପ୍ନ
ଅନୂଢ଼ା କିଶୋରୀ ପରି,
ଗଭାରେ ତା କୃଷ୍ଣ କବରୀର
ପ୍ରଲମ୍ବ ପ୍ରୀତିଫୁଲ,
ନଈଗୀତ ଗାଇ
ମୋତେ ନେଇ ଗଢେ ତା ସଂସାର,
ସିଏ ଅର୍ଦ୍ଧାଙ୍ଗିନୀ ପତ୍ନୀ
ବେଦୀରୁ ମଶାଣି ଯାଏ ମଲ୍ଲୀଫୁଲର ମହକ
ଶ୍ରଦ୍ଧାସିକ୍ତ ସଞ୍ଜବତୀର ଶୋଭାନିର୍ଝର ।

ଦୁଇ ଓଠର ପ୍ରଣୟ ଖୁସି ସେ
ନିର୍ଝରିଣୀ ପରି
ନିସ୍ୱାର୍ଥ ନିନାଦ,
ସିଝୁଥାଏ କଷଣର ତାତିରେ
ବାଣ୍ଟୁଥାଏ ପ୍ରୀତି
ସତେ ଅବା ସେ ଭାବର ଗୋପ ନଗରୀ ।



ସକାଳରୁ ସଞ୍ଜ ଯାଏ ତା ଛାତିରେ ମୁଁ
ଆଶା ଆଉ ଆଶ୍ୱାସନାର ବନ୍ଦାପନା,
ବିଶ୍ୱାସର ଦୀପ,
ସେଇଥିପାଇଁ ତ ସେ ସବୁ ଋତୁରେ ମୋ
ବଧୂବେଶୀ ପ୍ରାଣପ୍ରିୟା
ନିରୁପମା ଅନୁପମା
ଅଶୋକ ବାଟିକାର ତପସ୍ୱିନୀ ଝରଝର ତପ ।

ଆପଣାର ବୋଲି
ତମାମ୍ ଯାତନା ମୋ
କେଇ କ୍ଷଣର ପବନରେ ଉଡୁଥିବା ଧୂଳି,
ମୁଁ ସମର୍ଥ ସ୍ୱପ୍ନର
ହସିଲା କ୍ଷେତ,
ମମତାର ବନବିଥୀ
ସାରା ସଂସାରରେ ଚିହ୍ନାମୁହଁଟେ
ଆଜିକାଲି ।

ସୁଖଦୁଃଖର ପାଣିପାଗରେ ସେ
ଅନୁକୂଳ ମୌସୁମୀ,
ଭୁରୁଭୁରୁ ମାଟିର ବାସ୍ନା ପରି
ସେ ସ୍ନେହ କାଙ୍ଗାଳି,
ଜହ୍ନ ଆଲୁଅ ପରି ପ୍ରତୀକ୍ଷାର କୌମୁଦୀ
କେରା କେରା ବିରହରେ ଝୁରୁଥାଏ
ଝୁମିଝୁମି ।

ପ୍ରତି ଜନ୍ମରେ ତୁମେ ମୋ
ସାଜୁଥାଅ ପତ୍ନୀର ରଙ୍ଗ ରୂପ ନେଇ
ହୃଦୟର ସ୍ୱରଲିପି ହୋଇ
ଅନନ୍ତ ଦିଗନ୍ତ ଚୋରାବାଲିରେ
ଝଟକୁ ଥିବ ତୁମ ସୌମ୍ୟଶ୍ରୀ
ରୂପଶ୍ରୀର ଭାଗ୍ୟବତୀ ଛାଇ ।

*ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨*

## ଶୀତ ଆସିଲେ

**ସାରଦା ପ୍ରସାଦ ଆଚାର୍ଯ୍ୟ**

ଥରି ଉଠେ ଗୋରୀ, ସାବେନୀ, କାଳୀ
ଘୋଡ଼େଇ ଦିଏ କମ୍ବଳ ରୋଟାରୀ କ୍ଲବ ରାତି ଅଧରେ ,
ରାସ୍ତା କଡ଼ରେ ।

ହେ ଆନନ୍ଦମୟ କୋଟି ଭୁବନ ପାଳକକୁ
ସାକ୍ଷୀ ରଖି
ସବୁ ଆଶିଷ ଅଜାଡ଼ି ଦିଏ
ହାତ ପାଉ ନଥିବା ମଣିଷ ଉପରେ ।

ଫି ବରଷ ନୂଆ ନୂଆ ଚାରିଚକିଆ
ଦେଖିବାର ସୁଯୋଗ ମିଳିଯାଏ
ଆମ ବସ୍ତିର ଝୁମ୍ପୁଡି ଘରେ ।

ହାଣ୍ଡିଆ ଦୁଇ ଗିଲାସରେ
ସବୁ ଭୁଲିଯାଏ ହାରି ଯାଇଥିବାର ବାଜି
ପୁନଶ୍ଚ ଆଶା ବାନ୍ଧେ ଜିତିଯିବ ଆସନ୍ତା ବରଷରେ ।

ଖବର ପୃଷ୍ଠା ରେ ଜି.ଡି.ପି ବଢୁଥିବା ବେଳେ,
ବସ୍ତି ସାହି ସବୁ ଶୀତରେ ଥରେ
ବର୍ଷା ଆସିଲେ ନଈ ଘରକୁ ପଶେ ।

ଅନ୍ଧାର ଆସିଲେ ଘରଣୀ ହାତୀକୁ ଡରେ,
ହୋମ ୱାର୍କ ନକରି ଝିଅ କାନ୍ଦେ
ନଳ କୂଅର ନାଳି ପାଣିରେ ରୋଗ ବଢେ
ଅବନିର ସୁଖର ସଂସାର ଭାରି ପଡ଼େ ।

ମାଗଣା ଚାଉଳ
ପାଞ୍ଚ ଟଙ୍କା ଡାଲମା ଭାତରେ
ଆମ ବସ୍ତିର ଅବନି, ସିପୁନି, ଖୁସି ସାଉଁଟି ଚାଲେ,
ଦୁଃଖ କହିଲେ ପୁଅ ଦାଦନ ଖଟିବାକୁ ବାହାରେ,
ସୁଖ କହିଲେ ନେତାଙ୍କୁ ଭୋଟ ବିକିଲେ ।

ରାଜନୀତି ଜମେ ଶୀତ ଆସିଲେ
ବର୍ଷା ବର୍ଷିଲେ ,ଗରମ ବଢ଼ିଲେ
ଇସ୍ତାହାର ପଢିଲେ
ଆମ ବସ୍ତି ସାହିରେ
ଛାତି ଥରେ ମନ ଥରେ
ଆହେ ଦୟାମୟ ବିଶ୍ୱବିହାରୀ
ହାତ ଥାଉ ଆମ ସାଥିରେ ।



*ଯୋଡ଼ା -କେନ୍ଦୁଝର
୮୬୩୭୨୧୩୮୨୫*

## !! ଲଣ୍ଠନର ଆତ୍ମ କଥନ !!

**କୈଳାସ ଚନ୍ଦ୍ର ସାହାଣୀ**

ତିମିର ଚିରି ମୁଁ ଜଳିଛି କେବଳ ତୁମରି ପାଇଁ,
ଲଣ୍ଠନ ବୋଲି ସାଥୀ ଦିନେ ଥିଲି ଛାତି ପତାଇ ।
କେତେ ଭାଙ୍ଗିଅଛି ମୋ ଦେହର କାଚ ପଡିଛି କଳା,
ପବନ ବାତୁଳା ଲିଭାଇଛି କେତେ ସହିଛି ଜ୍ୱାଳା ।।

ଅନ୍ଧାର ରାତିରେ ଦେଖାଇଛି ବାଟ କାହିଁରେ କେତେ,
ଜଗୁଆଳି ସହ ଜଗିଅଛି କ୍ଷେତ ବରଷା ଶୀତେ ।
ଶଗଡ ଗାଡିର ତଳେ ଝୁଲି ଝୁଲି ଦେଖାଏ ବାଟ,
ପାଠ ପିଢିବାକୁ ଅବଧାନ ପାଶେ ନିଅଇ ଚାଟ ।।

ସବାରୀ କାନ୍ଧେଇ ଗଉଡ ଚାଲଇ ଗହୀର ବାଟେ,
ଗୁଡିଆ ସାହୁର ଦୋକାନରେ ଜଳେ କେତେ ମୁଁ ହାଟେ ।
ଜଳି ଜଳି କେବେ ସରିଯାଇଛି ମୁଁ ନିଗାଡି ଲୁହ,
କେମିତି ବଞ୍ଚିଛି କେଉଁମିତି ଥରେ ଫିଟାଇ କୁହ !!

ଲଣ୍ଠନ ଟିଏ ମୁଁ ଇତିହାସ ଆଜି ପଡିଛି ଭାଜି,
ତୁମରି ଆଦର ସରିଗଲା ଦିନୁ ହାରିଲି ବାଜି ।।

*ଲକ୍ଷ୍ମୀନଗର, ବଡବିଲ, କେନ୍ଦୁଝର
ମୋ-୯୪୩୭୮୪୩୨୧୯*

## ତୁମେ...

**ମଞ୍ଜୁଲତା ସାହୁ**

କେବେ ତୁମେ
ଭିଜୁଥାଅ ଲୁହ ଶ୍ରାବନ୍ତୀରେ
ପୁଣି କେବେ ଭିଜାଉଥାଅ
ଅଗ୍ନି ବର୍ଷି ଈର୍ଷାରେ...
କେବେ ଜଳୁଥାଅ
ଅକୁହା ବେଦନାରେ
କେବେ ପୁଣି ଜାଳୁଥାଅ
ସନ୍ଦେହ ନିଆଁରେ...!!


କେବେ କେବେ ଆଘାତ ପାଅ
ଅଦେଖା ଯନ୍ତ୍ରଣାରେ...
କେବେକେବେ କ୍ଷତ ପରେ କ୍ଷତ ଦିଅ
ଡେଣା କାଟିବା ପରେ...!!




କେବେ ଯୋଡ଼ିଦିଅ ତୁମ ସମ୍ବିଧାନର
ଅଲିଖିତ ଧାଡିଟିଏ କରି...
କେବେ ପୁଣି ଚିରି ଦିଅ
ତୁମ ଅଧୁରା କାହାଣୀର
ଅଧା ଲେଖା ପୃଷ୍ଠାଟିଏ ପରି...!!

କେବେ ତୁମେ ହଜି ଯାଅ ହଜାର
ଭିଡ ଭିତରେ
ଆଉ, କେବେ ମୋତେ ହଜାଇ ବି ଦିଅ
ସବୁ କିଛି ଜାଣିଶୁଣି...!!

*ଢେଙ୍କାନାଳ*



କୁନଲତା ତ୍ରିପାଠୀ



## ପ୍ରିୟମ୍ବଦା

ସତରେ ଏମିତି ନାମଟିଏ ନିଶ୍ଚୟ ବାପା ମାଆଙ୍କର ଶ୍ରଦ୍ଧାଶୀଳ, ନହେଲେ ବାଛି ବାଛି ପ୍ରିୟମ୍ବଦା ବୋଲି କାହିଁକି ନାମଟିଏ ଦେଇଥାନ୍ତେ ଯେ ସେମାନେ ଝିଅ'ର । କଥାରେ କୁହନ୍ତି କନ୍ୟା ସୁନା । ଜନ୍ମବେଳେ ଆଉଟା ସୁନା ପରି ଦେହର ଲାବଣ୍ୟ ଫୁଟି ଉଠୁଥିଲା । ବୟସ ବେଳେ ଝଟକି ସୌନ୍ଦର୍ଯ୍ୟର ପସରା ଭାରି ପଡିଥିଲା । ବାପା ପାଠ ପଢ଼ା ସରୁ ସରୁ ଇଞ୍ଜିନିୟର ଜୋଇଁ ଦେଖି ବାହାଘର କରିଦେଲେ । ଲକ୍ଷ୍ମୀ ସରସ୍ୱତୀ ଉଭୟଙ୍କର ବରଦ ହସ୍ତ ମୁଣ୍ଡ ଉପରେ । ଜଣେ ଇଞ୍ଜିନିଅର ହୋଇ ସ୍ୱାମୀ ଗୋବିନ୍ଦ ଯେ ଏତେ ବଡ଼ ସାରସ୍ୱତ ସାଧକ ହୋଇପାରନ୍ତି, ଏହା ଥିଲା କଳ୍ପନାତିତ । ମାତ୍ର ପ୍ରିୟମ୍ବଦା ବାସ୍ତବ ଅନୁଭବରେ ତାହା ଆଣି ଖୁସିରେ ଫାଟି ପଡିଥିଲେ । ମନ ଜାଣି ଫଳ ଦେଇଥାନ୍ତି ପ୍ରଭୁ ।

ମାତା ସାରସ୍ୱତୀଙ୍କର ବରପୁତ୍ରୀ ପ୍ରିୟମ୍ବଦା ସ୍ୱାମୀଙ୍କ ସାଧନା ପଥରେ ସହଧର୍ମିଣୀ ସହକର୍ମୀଣୀ, ସହମର୍ମିଣୀ ହୋଇଯାଇଥିଲେ । ଗଭୀର ଜ୍ଞାନ ପ୍ରତି ଆକର୍ଷଣ ତାଙ୍କ ଭିତରେ ସାଧନାର ଏକ ମାର୍ଗ ପ୍ରସ୍ତୁତ କଲା । ଏକନିଷ୍ଠ ଭାବନା ତାଙ୍କ ଭିତରେ ଏକ ମହତ୍ୱ ଆକାଂକ୍ଷା ସୃଷ୍ଟି କରିଥିଲା, ତାହା ଥିଲା ରଚନାତ୍ମକ କଳା । ଏ କଳାକୁ ସେ କାଗଜ କଲମ ରେ ପ୍ରସ୍ଫୁଟିତ କରିଥିଲେ । ସେଇ ଆକର୍ଷଣୀୟ ରଚନାବଳୀ ନିଜ ସନ୍ତାନ ସନ୍ତତିମାନଙ୍କୁ ମୁଗ୍ଧ କରିଥିଲା । ସେମାନେ ମାଆଙ୍କୁ ଉତ୍ସାହିତ କରିଥିଲେ ଆଗକୁ ବଢିବା ପାଇଁ । ଡ୍ରଇଂ ଟେବୁଲ ଉପରେ ଶୋଭାପାଉଥିବା ସଂଗୀତ ଗାଉଥିବାର ଏକ ଅପରୂପା ନାରୀ ମୂର୍ତ୍ତିର ଆକର୍ଷଣୀୟ ଫଟୋଚିତ୍ରଟି ତାଙ୍କ ନିଜର ବୋଲି ବିଶ୍ୱାସ କରି ପାରନ୍ତିନି ପ୍ରିୟମ୍ବଦା । ହାରମୋନିୟମ୍ ବଜାଇ ସଂଗୀତ ପରିବେଷଣ କରୁଥିବା ଅବସ୍ଥାରେ ପୁଅ ତାଙ୍କର ମାଆଙ୍କ ଅଜାଣତରେ ଉଠାଇଦେଇଥିଲା । ଗାନ୍ଧର୍ବ୍ୟ କଳା ତାଙ୍କ ପ୍ରତି ନିଶ୍ଚୟ ଅନ୍ୟ ଏକ ବିଭୁ କୃପା ବୋଲି ଭାବି ସେ ଆନନ୍ଦିତ ହୁଅନ୍ତି । ବିଭିନ୍ନ ଭୂମିକାରେ ସେ କେମିତି ସାରସ୍ୱତ ସାଧନା ଯୋଗୁଁ ନୀତି ଶତକ, ମୋହମୁଦ୍ଗର ଇତ୍ୟାଦି ସଂସ୍କୃତ ଭାଷାର ରଚନା ଗୁଡିକର ଭାଷ୍ୟକାର ତଥା ଏକ ଉଚ୍ଚମାନର ପତ୍ରିକା ପ୍ରକାଶ କରୁଥିବା ସ୍ୱାମୀଙ୍କର ପ୍ରିୟମ୍ବଦା ଦୃଷ୍ଟି ଆକର୍ଷଣ କରିପାରିଥିଲେ । ତେଲ ଲୁଣ ସଂସାର ତାଙ୍କୁ ଚାରିକାନ୍ଥ ଭିତରେ ଆବଦ୍ଧ କରିଥିଲେ ମଧ୍ୟ ସେ ସୁଚାରୁ ରୂପେ ତାଙ୍କର କର୍ତ୍ତବ୍ୟ ନିଭାଇ ପିଲାମାନଙ୍କୁ ଯଥା ଯୋଗ୍ୟ କରିପାରିଥିଲେ । ଭିତରେ ଭିତରେ ସାହିତ୍ୟ ସମର୍ପିତ ତାଙ୍କ ମନୋବାସନାକୁ ସେବା ଭାବରେ ନେଇ ଲେଖନୀ ଚାଳନା କରୁଥିଲେ । ବର୍ତ୍ତମାନ ଉପରେ ଛିଡା ହୋଇ ସେ ଯେତେବେଳେ ଅତୀତ ଆଡ଼େ ତୀର୍ଯ୍ୟକ ଦୃଷ୍ଟିପାତ କରନ୍ତି, ସେ ଆଶ୍ଚର୍ଯ୍ୟ ହୋଇ ଯାଆନ୍ତି ଏତେ ସ୍ୱୟଂ ସଂପୂର୍ଣ୍ଣା ହୋଇପାରିଲେ କେମିତି ? ଏ ସମାଜର ସରସୀ'ର ସୁଅ କେଉଁ ଆଡକୁ କେତେବେଳେ ଭସାଇ ନିଏ, ଦଇବ ପବନକୁ ତାହା ଜଣା ।

ପ୍ରିୟମ୍ବଦାଙ୍କ ସାରସ୍ୱତ ସାଧନାର ବିଶେଷ ଦିଗଟିଏ ଉନ୍ମୁକ୍ତ ହୋଇଥଲା ତାଙ୍କ ପାଇଁ, ତାହା ଥିଲା ଅନୁବାଦ କ୍ଷେତ୍ରରେ । ପ୍ରଭୁଙ୍କ ଅନନ୍ୟ ବରଦାନ ଥିଲା ତାଙ୍କ ପାଇଁ ଯେତେବେଳ ସେ ଗୁଜୁରାଟରେ ନିଜ କନ୍ୟାଙ୍କ ସରକାରୀ ବାସଭାବନରେ ରହିଥିଲେ । ସଫଳ ମାତୃତ୍ୱ ତାଙ୍କୁ ଆହ୍ଲାଦିତ କରୁଥିଲା । ସେ ଜଣେ ଗୁଜରାଟ କ୍ୟାଡର ଆଇ ଏଫ ଏସ କନ୍ୟାଙ୍କ ଗର୍ଭଧାରିଣୀ । ଜୋଇଁ ମଧ୍ୟ ଆଇ ଏଫ ଏସ, କଣ କମ ସୌଭାଗ୍ୟର କଥା । ଦିନେ ଡ୍ରଇଁ ରୁମରେ ବସି ବସି କେତେକ ଗୁଜୁରାଟି ଗଳ୍ପ ପୁସ୍ତକ ଖେଳାଉଥିଲେ । ମାତ୍ର ଭାଷା ତଥା ଲିପି ଉପରେ ଦକ୍ଷତା ନଥିବାରୁ ସେଗୁଡିକ ପଢି ବୁଝିବା କଷ୍ଟକର ଥିଲା । ତେଣୁ ସେ ଏକ ସେଠିକାର ତ୍ରିଭାଷି ବହିଟିଏ ଆଣି ଅକ୍ଷର ସହିତ ଶବ୍ଦ ବ୍ରହ୍ମଙ୍କ ସହିତ ଆତ୍ମିକ ସମ୍ପର୍କ ଯୋଡିଦେଲେ । ଏଥର ତାଙ୍କ ମନୋବଳ ଓ କଠୋର ସାଧନା ତାଙ୍କୁ ସିଦ୍ଧି ପ୍ରଦାନ କରିଥିଲା । ସେ ଏବେ ଗୁଜୁରାଟୀ ଭାଷାର ବହିଗୁଡିକ ପଢିଲେ ଏବଂ ଆନନ୍ଦ ପାଇଲେ । ଯେତେବେଳେ ଝିଅ ଜୋଇଁ କାର୍ଯ୍ୟକ୍ଷେତ୍ରକୁ ଯାଉଥିଲେ ସେ ଏକୁଟିଆ ହୋଇଯାଉଥିଲେ, ସେ ସମୟରେ ପଢିବା ସହିତ ସେ ଗଳ୍ପଗୁଡିକୁ ଓଡ଼ିଆ ଭାଷାକୁ ରୂପାନ୍ତର କରିବାକୁ ପ୍ରୟାସ କଲେ । ତାଙ୍କ ଦୃଢ ମନୋବଳ ତାଙ୍କୁ ସଫଳତା ପ୍ରଦାନ କଲା । ଏବେ ଅନେକ ପୁସ୍ତକର ଅନୁବାଦିକା ପାଲଟି ଗଲେ ।


ଅନେକ ଲୋକଙ୍କ କଥା ମନେପଡେ ବେଳେ ବେଳେ, ସେମାନେ ପରନିନ୍ଦା ଚର୍ଚ୍ଚାରେ ବହୁତ ଖୁସି ହୁଅନ୍ତି । ମାତ୍ର ପ୍ରିୟମ୍ବଦା ଏହାକୁ ସମୟର ଅପଚୟ ଭାବନ୍ତି । ସାରସ୍ୱତ ରସ ତାଙ୍କୁ ତ ଅମୃତ ତୁଲ୍ୟ ଲାଗେ । ଏମିତି ମନଟେ ଭଗବାନ ତାଙ୍କୁ ଦେଇଛନ୍ତି । ସେ ଖୋଜି ବୁଲନ୍ତି ଭଲ ବହିଟିଏ । ସେ ନିଜେ ପଢନ୍ତେ, ଅନୁବାଦ କରି ଅନ୍ୟ ଭାଷାର ଭାଇ ଭଉଣୀମାନଙ୍କୁ ପଢ଼ିପାରିବାର ସୁଯୋଗଟିଏ ସୃଷ୍ଟି କରନ୍ତେ । ସେ ଜୀବନକୁ ଯଜ୍ଞଟିଏ ଭାବନ୍ତି ଏବଂ ସେଥିରେ କର୍ତ୍ତୀଟିଏ ହୋଇ ନିଜର ସାରସ୍ୱତ ସାଧନାକୁ ଘୃତାହୁତି ରୂପେ ପ୍ରଦାନ କରି କାବ୍ୟ କବିତାର ବିନୋଦନର ଫଳ ପ୍ରାପ୍ତ ହୁଅନ୍ତି । ଦିନକର କଥା, ଝିଅ ତାଙ୍କର ତୀଲକ ନାମକ ଏକ ନେପାଳୀ ପିଲାକୁ ଘର ଓ ବାହାର କାମ କରିବା ପାଇଁ ବ୍ୟକ୍ତିଗତ ନିଯୁକ୍ତି ଦେଇଥାଆନ୍ତି । ପିଲାଟି ମହାରାଷ୍ଟ୍ରର ପୁଣେ ସହରରେ ତାର ପାଠ ପଢା ଆରମ୍ଭ କରି ମାଟ୍ରିକ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥାଏ । ବାପା, ମାଆ କର୍ମ ସଂସ୍ଥାନ ଖୋଜି ନେପାଳରୁ ଭାରତ ଆସି ଏ ରାଜ୍ୟ ସେ ରାଜ୍ୟ ହେଉଥିବା ଯୋଗୁଁ ତୀଲକ ଏବେ ଆସି ଏଠି (ଗୁଜରାଟ) ପହଂଚି ଥାଏ । ତେଣୁ ପରିବାରର ପ୍ରତି ସଦସ୍ୟଙ୍କର ତୀଲକ ପ୍ରତି ଏକ ଦରଦୀ ଭାବ ଥାଏ । ନାତି--- ବୟସ ର ହେବ ପିଲାଟି । ସେ ମଧ୍ୟ ପ୍ରିୟମ୍ବଦାଙ୍କୁ ଆଇ ମା ବୋଲି ଡାକେ । ତିଲକକୁ ଗୁରୁ କରି ସେ ତା ଠାରୁ ମରାଠୀ ଅକ୍ଷର ଶିଖିଲେ ଓ ଭାଷା ଉପରେ ଦକ୍ଷତା ଅର୍ଜ୍ଜନ କଲେ । ସାହିତ୍ୟ ମନସ୍କ ଏ ନାରୀ ଜଣକ ସତରେ ଯେମିତି ସରସ୍ୱତୀଙ୍କର ପ୍ରତିକୃତିଟିଏ । ଭାଷା ଓ ବାଣୀ ପ୍ରତି ଅନନ୍ୟ ଆକର୍ଷଣ । ତିଲକକୁ ସେବକ ନ ଭାବି ସେ ଗୁରୁ'ର ସ୍ଥାନ ଦେଇ ତାଙ୍କ ବିରଳ ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରିଛନ୍ତି । ଗୁରୁ କୃପା, ବିଭୁ କୃପାର ପ୍ରାପ୍ତ ସ୍ୱରୂପ ସେ ଏବେ ମରାଠୀ ଭାଷାରେ ଦକ୍ଷତା ପ୍ରାପ୍ତ କରି ଆନନ୍ଦିତ । ଗୁରୁ ତିଲକ ସହିତ ପ୍ରିୟମ୍ବଦା ଅତି ଆଦରର ସହିତ ଫୋଟୋଟିଏ ଉଠାଇଥାନ୍ତି ।

ମରାଠୀ ଭାଷାର ଉପନ୍ୟାସଟିଏ ଭାଷାନ୍ତର କରିଥିବା ବହିଟିର ପ୍ରଚ୍ଛଦପଟ୍ଟଟିର ଫଟୋ ଉଠାଇ ପ୍ରିୟମ୍ବଦା ଦେବୀ ଝିଅଙ୍କ ପାଖକୁ ପଠାଇଲେ ଏବଂ ତୀଲକକୁ ଦେଖାଇ ଆଇ ମା ଲେଖିଥିବା ବାକ୍ୟଟିକୁ ତାକୁ ବୁଝାଇ ଦେବାକୁ କହିଲେ । ତୀଲକ ଫଟୋ ସହ ଅନୁବାଦିତ ବହିଟି ଦେଖି ବୁଝି ଏତେ ଖୁସି ହୋଇଗଲା ଯେ ସେ ହିଁ ସେ କଥା ଜାଣେ । ତା ପାଟିରୁ ସ୍ୱତଃ ବାହାରିପଡିଲା -' ବହୁତ ବଢିଆ ଆଇ ମା' ହମାରୀ ମେହନତ ରଙ୍ଗ ଲାଇ' । ଅଧା ଓଡିଆ ଅଧା ହିନ୍ଦୀ ଭାଷାର ତା ଉତ୍ତର ପ୍ରିୟମ୍ବଦାଙ୍କୁ ଆତ୍ମବିଭୋର କରିଥିଲା । ସାକ୍ଷାତ ସରସ୍ୱତୀ ସ୍ୱରୂପା, ପ୍ରିୟମ୍ବଦା ନାମକୁ ସାର୍ଥକ କରିଛନ୍ତି ସେ । ତାଙ୍କ ସତ ସଂକଳ୍ପ ଏବଂ ଲକ୍ଷ ସ୍ଥଳରେ ପହଂଚିବାର ନିଷ୍ଠା ଅନ୍ୟତ୍ର ବିରଳ 'ଆଇ ମହିୟସୀ ନାରୀ, ଆଇ ମହିୟସୀ ନାରୀ' । ବହି ଗଲାଣି ସମୟର ସ୍ରୋତ କାହାକୁ ଅପେକ୍ଷା ନକରି ।

ଏବେ ଝିଅ ଜୋଇଁଙ୍କର ଅଲଗା ରାଜ୍ୟକୁ ବଦଳି ହୋଇଗଲାଣି । ତୀଲକ ମଧ୍ୟ କୌଣସି କର୍ମ ସଂସ୍ଥାନରେ ବାହାରେ କୋଉଠି ଥିବ କି ନେପାଳକୁ ପଳାଇଯିବଣି । ତାର ହିସାବ ରଖି ପାରିନାହାନ୍ତି ପ୍ରିୟମ୍ବଦା । ଯେତେବେଳେ ଝିଅଙ୍କ ଘରକୁ ଯାଉଛନ୍ତି ତୀଲକ ପ୍ରିୟମ୍ବଦାଙ୍କ ସ୍ମୃତି ପଟ୍ଟଳରେ ଆଙ୍କି ହୋଇଯାଏ । ଅନ୍ୟ କାମେକା ପିଲାମାନେ ଆସନ୍ତି କିନ୍ତୁ ତିଲକର ସ୍ଥାନ କେହି ନେଇପାରନ୍ତିନି । ଏଇ ଗତାଗତ ସଂସାରରେ ତଥାପି କିଛି ପଦାଙ୍କ ସମୟର ପୃଷ୍ଠାରେ ଆଙ୍କି ହୋଇ ରହିଯାଏ । ଭାବନ୍ତି ପ୍ରିୟମ୍ବଦା ହୁଏତ ସେ ନଥିବେ ତିଲକ ବି ନଥିବ, ଅଥଚ ଥିବ ତାଙ୍କ ସାହିତ୍ୟ କୃତି ବର୍ତ୍ତମାନରୁ ଅତୀତ ହୋଇ ପ୍ରିୟ ପାଠକ ମାନଙ୍କ ନିକଟରେ ଅତି ଆପଣାର ହୋଇ ।

*କଟକ,
ଫୋନ ୮୩୩୯୦୫୧୧୭୩*

# ଅବସରରୁ ୟୁ ଟର୍ଣ୍ଣ ନେଲେ ଭିନେଶ ଫୋଗଟ



**ନୂଆଦିଲ୍ଲୀ**

ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ସେ ଅବସର ଘୋଷଣା କରିଥିବା ବେଳେ ବର୍ତ୍ତମାନ ୟୁ-ଟର୍ଣ୍ଣ କରିଛନ୍ତି । ଚଳିତ ବର୍ଷ ଅଗଷ୍ଟ ମାସରେ ଭିନେଶ ଫୋଗଟ ଖେଳରୁ ଦୂରେଇ ଯାଇ ରାଜନୀତିରେ ପ୍ରବେଶ କରିଥିଲେ । ଏନେଇ ଭିନେଶ ଫୋଗଟ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ତାଙ୍କ ପ୍ରଶଂସକଙ୍କ ସହ ଏହି ଅପଡେଟ୍ ସେୟାର କରିଛନ୍ତି । ତାଙ୍କର ନଜର ଏବେ ଲସ୍ ଆଞ୍ଜେଲସ୍‌ରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ ଗେମ୍ସ ଉପରେ ରହିଥିବା ଜଣାପଡ଼ିଛି । ଭିନେଶ ଫୋଗଟଙ୍କ ପ୍ରତ୍ୟାବର୍ତ୍ତନ ଘୋଷଣା– ଭିନେଶ ଫୋଗଟ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, "ଲୋକମାନେ ପ୍ରାୟତଃ ମୋତେ ପଚାରନ୍ତି ଯେ ପ୍ୟାରିସ ମୋର ଶେଷ ଯାତ୍ରା ଥିଲା କି ? ମୋ ପାଖରେ ବହୁତ ଦିନ ଧରି ଏହି ପ୍ରଶ୍ନର ଉତ୍ତର ନାହିଁ । ବର୍ଷ ବର୍ଷ ପରେ ପ୍ରଥମ ଥର ପାଇଁ, ମୁଁ ଏକ ଗଭୀର ନିଶ୍ୱାସ ନେଇଥିଲି । ମୋର କାର୍ଯ୍ୟଭାର, ଜୀବନର ଉତ୍ଥାନ-ପତନ, ତ୍ୟାଗ, ମୋର ସେହି ଦିଗଗୁଡ଼ିକୁ ବୁଝିବା ପାଇଁ ମୁଁ କିଛି ସମୟ ନେଇଥିଲି ଯାହା ବିଶ୍ୱ କେବେ ଦେଖିନାହିଁ । ମୁଁ ଏବେ ବି ଖେଳକୁ ଭଲ ପାଏ । ମୁଁ ଏବେ ବି ପ୍ରତିଯୋଗିତା କରିବାକୁ ଚାହୁଁଛି ।" ଭିନେଶ ଫୋଗଟ ଆହୁରି ଲେଖିଛନ୍ତି, "ନୀରବତା ମଧ୍ୟରେ, ମୁଁ ଏପରି କିଛି ପାଇଲି ଯାହାକୁ ମୁଁ ଭୁଲି ଯାଇଥିଲି: ନିଆଁ କେବେ ଲିଭିଯାଏ ନାହିଁ । ଏହା କେବଳ କ୍ଳାନ୍ତି ଏବଂ ଶବ୍ଦ ତଳେ ପୋତି ହୋଇଗଲା । ଶୃଙ୍ଖଳା, ନିତ୍ୟକର୍ମ, ଲଢ଼େଇ... ଏହା ମୋ ସିଷ୍ଟମରେ ସ୍ଥାପିତ । ତେଣୁ ମୁଁ ଏଠାରେ ଅଛି, ଏକ ନିର୍ଭୀକ ହୃଦୟ ଏବଂ ଏକ ଆତ୍ମା ସହିତ ଯାହା ମୁଣ୍ଡ ନୁଆଁଇବାକୁ ମନା କରେ, ଖଇ୨୮ ଆଡ଼କୁ ଫେରିଯାଏ । ଏଥର, ମୁଁ ଏକା ଚାଲୁନାହିଁ; ମୋ ପୁଅ ମୋ ଦଳରେ ଯୋଗ ଦେଉଛି, ମୋର ସବୁଠାରୁ ବଡ଼ ପ୍ରେରଣା, ୨୦୨୮ ଅଲିମ୍ପିକ୍ସର ଏହି ପଥରେ ମୋର ଛୋଟ ଚିୟରଲିଡର ।"

# ୨୦ ଛକା, ୩୧ ଚୌକା ବର୍ଷା କରି ଇତିହାସ ରଚିଲା ଭାରତ

**ନୂଆଦିଲ୍ଲୀ**

ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ୧୯ ବର୍ଷରୁ କମ୍ ଏସିଆ କପ୍ । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଭାରତ ଏବଂ ୟୁଏଇ ମଧ୍ୟରେ ଖେଳାଯାଉଛି । ଦୁବାଇରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ଚୌକା ଏବଂ ଛକାର ଏକ ବଡ଼ ଇନିଂସ ସହିତ ବିପର୍ଯ୍ୟୟ ସୃଷ୍ଟି କରିଥିଲେ । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୪୩୩ ରନ୍‌ର ବିଶାଳ ସ୍କୋର କରିଥିଲା । ଭାରତ ପାଇଁ ସୂର୍ଯ୍ୟବଂଶୀଙ୍କ ବ୍ୟତୀତ, ବିହାନ ମାଲହୋତ୍ରା ଏବଂ ଆରନ ଜର୍ଜ ଅର୍ଦ୍ଧଶତକ ହାସଲ କରିଥିଲେ ।

ଭାରତୀୟ ଦଳର ଆରମ୍ଭ ଖରାପ ଥିଲା, ଆୟୁଷ ମହାତ୍ରେ ମାତ୍ର ୪ ରନ କରି ଆଉଟ ହୋଇଥିଲେ । ଏହାପରେ ବୈଭବ ସୂର୍ଯ୍ୟବଂଶୀ ଏବଂ ଆରନ ଜର୍ଜଙ୍କ ମଧ୍ୟରେ ୨୧୨ ରନ୍‌ର ଭାଗୀଦାରି ହୋଇଥିଲା । ଜର୍ଜ ୬୯ ରନ କରି ଆଉଟ ହୋଇଥିଲେ, କିନ୍ତୁ ବୈଭବ ସୂର୍ଯ୍ୟବଂଶୀ ଭିନ୍ନ ମନୋଭାବରେ ଥିଲେ ।



ଭାରତ ୪୩୩ ରନ୍‌ର ଇନିଂସରେ ମୋଟ ୨୦ ଛକା ଏବଂ ୩୧ ଚୌକା ମାରିଥିଲା । ଏହି ୨୦ଟି ଛକା ମଧ୍ୟରୁ ୧୪ଟି କେବଳ ବୈଭବ ସୂର୍ଯ୍ୟବଂଶୀ ମାରିଥିଲେ, ଯିଏ ୧୭୧ ରନ କରି ଆଉଟ ହୋଇଥିଲେ । ବିହାନ ମାଲହୋତ୍ରା ମଧ୍ୟ ୬୯ ରନର ଅବଦାନ ରଖିଥିଲେ । ବେଦାନ୍ତ ତ୍ରିବେଦୀ ୩୮ ରନ କରିଥିଲେ ଏବଂ ଅଭିଜ୍ଞାନ କୁଣ୍ଡୁ ଟିମ ଇଣ୍ଡିଆକୁ ୪୦୦ ପାର କରାଇବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । କୁଣ୍ଡୁ ୧୭ ବଲରେ ୩୨ ରନ କରି ଅପରାଜିତ ରହିଥିଲେ । ଅଭିଜ୍ଞାନ କୁଣ୍ଡୁଙ୍କ ବ୍ୟତୀତ କନିଷ୍କ ଚୌହାନ ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ, ୧୨ ବଲରେ ୨୮ ରନ କରିଥିଲେ ।

ଭାରତ ୧୯ ବର୍ଷରୁ କମ ଦିନିକିଆ କ୍ରିକେଟ ଇତିହାସରେ ତୃତୀୟ ସର୍ବାଧିକ ସ୍କୋର ପଞ୍ଜିକୃତ କରିଛି । ୧୯ ବର୍ଷରୁ କମ୍ ଦିନିକିଆ ମ୍ୟାଚ୍‌ରେ ଭାରତର ପୂର୍ବରୁ ସର୍ବାଧିକ ସ୍କୋର ୪୨୫ ଥିଲା, ଯାହା ଏହା ୨୦୦୪ରେ ସ୍କଟଲାଣ୍ଡ ବିପକ୍ଷରେ କରିଥିଲା । ବର୍ତ୍ତମାନ, ଟିମ ଇଣ୍ଡିଆ ୪୩୩ ରନ କରିଛି । ୧୯ ବର୍ଷରୁ କମ ସ୍ତରରେ ଦିନିକିଆ କ୍ରିକେଟରେ ସର୍ବାଧିକ ସ୍କୋର ୪୮୦, ଯାହା ଅଷ୍ଟ୍ରେଲିଆ ୨୦୦୨ରେ କେନିଆ ବିପକ୍ଷରେ କରିଥିଲା । ଦ୍ୱିତୀୟ ସର୍ବାଧିକ ସ୍କୋର ନ୍ୟୁଜିଲାଣ୍ଡର ଅଟେ, ଯିଏ ୨୦୧୮ରେ କେନିଆ ବିପକ୍ଷରେ ୪୩୬ ରନ କରିଥିଲା ।

# ଭାରତ ଆସିଲେ ଫୁଟବଲ୍ ମହାରଥୀ ଲିଓନେଲ୍ ମେସି

**କୋଲକାତା**

ଫୁଟବଲ୍‌ର ମହାରଥୀ ତଥା ବିଶ୍ୱକପ୍ ବିଜେତା ଅଧିନାୟକ ଲିଓନେଲ ମେସି ଶୁକ୍ରବାର ଭୋର୍ ୧:୩୦ରେ ଭାରତରେ ପହଞ୍ଚିବା ସହ ତାଙ୍କର ତିନି ଦିନିଆ 'ଗୋଟ୍ ଟୁର୍' ଆରମ୍ଭ ହେବ । ଏହା ତାଙ୍କର ଦ୍ୱିତୀୟ ଭାରତ ଗସ୍ତ । ଡିସେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଓ ନୂଆଦିଲ୍ଲୀ ଭଳି ଚାରୋଟି ମହାନଗରରେ ଏହି ଗସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।



# ପୁରୁଷରେ ରାଉରକେଲା ଏକାଦଶ : ମହିଳା ନାଭାଲ ଟାଟା ବିଜେତା

**ରାଉରକେଲା**

ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଓ ପାନପୋଷ କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ଚାଲିଥିବା ସପ୍ତମ ଇଣ୍ଟରସିଟି ଗୋଲ୍ଡ କପ୍ ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତା ତିନିଟି, ଯଥା- ବରିଷ୍ଠ ପୁରୁଷ, ମହିଳା ଓ ଗ୍ରାମାଞ୍ଚଳ ପୁରୁଷ ବର୍ଗରେ ଖେଳାଯାଇ ଥିଲା । ବରିଷ୍ଠ ପୁରୁଷ ବର୍ଗରେ ରାଉରକେଲା ଏକାଦଶ ବିଜେତା ହୋଇଥିବାବେଳେ ମହିଳାରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଓ ଗ୍ରାମାଞ୍ଚଳ ପୁରୁଷ ବର୍ଗରେ ଟପ୍ପୋ ବ୍ରଦର୍ସ୍ (ନୂଆଗାଁ) ଚାମ୍ପିଅନ ହୋଇଛି । ଉଲ୍ଲେଖଯୋଗ୍ୟ, ଉଭୟ ବରିଷ୍ଠ ପୁରୁଷ ଓ ମହିଳା ବର୍ଗରେ ୧୬ଟି ଲେଖାଏଁ ଦଳ ଭାଗନେଇଥିବା ବେଳେ ଗ୍ରାମାଞ୍ଚଳ ବର୍ଗରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଜ୍ୟ କ୍ରୀଡ଼ା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ ।

# ଆଜିଠୁ ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ ଏନୁଏଲ ଆଥ୍‌ଲେଟିକ୍ ମିଟ୍

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଶନିବାର ଠାରୁ ଦୁଇ ଦିନ ଆରମ୍ଭ ହେବାରୁ ଯାଉଛି ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ ଏନୁଏଲ ଏଥଲେଟିକ ମିଟ । ପ୍ରଥମେ ସକାଳ ୭.୩୦ରେ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ଜିଲ୍ଲା କ୍ରୀଡ଼ା ସଙ୍ଘ ଓ ଖେଳାଳିଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଗାନ୍ଧୀ ପଡ଼ିଆକୁ ୯.୩୦ରେ ପହଞ୍ଚିବା ପରେ କ୍ରୀଡ଼ା ସଙ୍ଘ ସଭାପତି ତଥା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଏହାକୁ ଉଦ୍‌ଘାଟନ କରିବେ ଏବଂ ଖେଳ ୧୦.୩୦ରେ ଆରମ୍ଭ ହେବ । ଏ ନେଇ ଗଣମାଧ୍ୟମ ଜରିଆରେ ସବିଶେଷ ସୂଚନା ଦେଇଛନ୍ତି ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ପୀୟୂଷ କୁମାର୍ ପଣ୍ଡା । ଏହି ବାର୍ଷିକ କ୍ରୀଡ଼ା ଉତ୍ସବ ଡିସେମ୍ବର ୧୩ ଓ ୧୪ ଦୁଇ ଦିନ ବ୍ୟାପୀ ହେବାକୁ ଥିବାବେଳେ ବାଳକ ଓ ପୁରୁଷ ଖେଳାଳି ୪୪୯ ଜଣ ଅଂଶଗ୍ରହଣ କରିବାକୁ ଥିବାବେଳେ, ବାଳିକା ଓ ମହିଳା ଖେଳାଳି ୩୦୪ ଜଣ ଅଂଶଗ୍ରହଣ କରିବେ । ସର୍ବମୋଟ ୭୬୫ ଜଣ ଖେଳାଳି ଏହି ବାର୍ଷିକ କ୍ରୀଡ଼ାରେ ନାମ ପଞ୍ଜିକରଣ କରିଥିବା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ପୀୟୂଷ କୁମାର୍ ପଣ୍ଡା ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ସଂଘ ଉପ ସଭାପତି ଚିତ୍ତରଞ୍ଜନ ତରାସିଆ, କାର୍ଯ୍ୟକାରିଣୀ ସଦସ୍ୟ ବି. ସତ୍ୟ ନାରାୟଣ ରାଓ, ଦିଲ୍ଲୀପ ଗୁରୁ, କମଳାକାନ୍ତ ସାହୁ, କ୍ରୀଡ଼ା ସଂଘ କୋଷାଧ୍ୟକ୍ଷ ସୁବାଷ ବିଶ୍ୱାଳ, କୋଚ କଲିମ୍ ମହମ୍ମଦ, ସଦସ୍ୟ ସୁଦର୍ଶନ ପଣ୍ଡା, ବିକାଶ ପଣ୍ଡା, କମଳାକାନ୍ତ ସାହୁ, ସଦା ସାହୁ, ଅନିଲ ସାହୁ, ହୃଷୀକେଶ ପଣ୍ଡା, ଜୟ ନାରାୟଣ ପାଢ଼ୀ, ବୀର ପ୍ରତାପ ଦାଶ, ରାଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ଜିଲ୍ଲା କ୍ରୀଡ଼ା ସଂଘର ବରିଷ୍ଠ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଗାମ୍ବର ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।




## ସର୍ବଭାରତୀୟ ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନ

# ସେମିରେ କୋଲକାତା ଓ ସମ୍ବଲପୁର

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ପ୍ରଫୁଲ୍ଲନଗର ସ୍ଥିତ ଲେଟ କଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିନର ୧ମ ମ୍ୟାଚରେ କୋଲକାତାର ଏଲଆରଏସ ଟିମ୍ ୮ ଉଇକେଟରେ ବିଶାଖାପାଟନମର ଇଷ୍ଟ କୋଷ୍ଟ ରେଲୱେକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଇଷ୍ଟ କୋଷ୍ଟ ରେଲୱେ ୧୮ ଓଭରରେ ୮ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ କିଶୋର କୁମାର ସର୍ବାଧିକ ୩୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅଙ୍କୁର ଚୌଧୁରୀ ଓ ବିଶାଳ ଭଟି ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ କୋଲକାତା ୧୧.୪ ଓଭରରେ ୨ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ବିଶାଳ ଭଟି ଅପରାଜିତ ୬୦ ଓ ରିଶାଭ ଚୌଧୁରୀ ଅପରାଜିତ ୫୨ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଆର ପ୍ରସାଦ ୨ଟି ଉଇକେଟ ଅକ୍ତିଆର କରିଥିଲେ । ବିଶାଳ ଭଟି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବୀ ଦେବାଶିଷ ଦାସ ଏହି ମ୍ୟାଚକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପ ସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ । ୨ୟ ମ୍ୟାଚରେ ଏମଏମସିସି, ସମ୍ବଲପୁର ୬ ଉଇକେଟରେ ଖଡ଼ଗପୁର ସେର୍ସାକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଖଡ଼ଗପୁରର ସେର୍ସା ଟିମ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ତୀର୍ଥ ରାଜ ସିଂହ ୬୦, ପି. ସମେଶ୍ୱର ରାଓ ୩୫ ଓ ରୋହନ ଦାସ ୨୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମନୋଜ କୁମାର ବାରିକ ଓ ରାଜେଶ କୁମାର ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ସମ୍ବଲପୁର ୧୮.୫ ଓଭରରେ ୪ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ବିବେକ କୁମାର ୭୬ ଓ ରୋହିତ ସାଗର ୫୨ ରନ କରିଥିଲେ । ବିବେକ କୁମାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅତିଥି ଭାବେ ଯୋଗଦେଇ ଯୁବ ସମାଜସେବୀ ସୌମ୍ୟରଞ୍ଜନ ମିଶ୍ର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବା ବେଳେ ସୌରଜିତ ସାହୁ ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ସୁରେଶ ସାଣ୍ଡିଲ, ବୁବୁ ସିନ୍‌ହା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ । ଶନିବାର ଦିନ ୧ମ ସେମିଫାଇନାଲ ମ୍ୟାଚ୍ କୋଲକାତା ଓ ଭୁବନେଶ୍ୱର ଏବଂ ୨ୟ ସେମିଫାଇନାଲ ମ୍ୟାଚ୍ ସମ୍ବଲପୁର ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।



## ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ ପ୍ରତିଯୋଗିତା

# ବାଳକ ବିଭାଗରେ ଗଜପତି ଏବଂ ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିଅନ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ପରିସରସ୍ଥ ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମ ଠାରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ, ଭୁବନେଶ୍ୱର ଓ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଜଗତସିଂହପୁର ସୌଜନ୍ୟରୁ ୬୯ତମ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ଉତ୍କଣ୍ଠା ପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ବାଳକ ବିଭାଗରେ ଗଜପତି ଜିଲ୍ଲା ଯାଜପୁରକୁ ହରାଇ ଚାମ୍ପିଅନ ହୋଇଥିଲା ବେଳେ ବାଳିକା ବିଭାଗରେ କଟକକୁ ହରାଇ ଭୁବନେଶ୍ୱର ଚାମ୍ପିଅନ ହୋଇଛି । ଏହା ପୂର୍ବରୁ ଅନୁଷ୍ଠିତ ବାଳକ ବିଭାଗରେ ଦୁଇଟି ସେମିଫାଇନାଲରେ ମାଲକାନଗିରିକୁ ହରାଇ ଯାଜପୁର ଓ ନବରଙ୍ଗପୁରକୁ ହରାଇ ଗଜପତି ଫାଇନାଲକୁ ଉନ୍ନୀତ ହୋଇଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ମାଧ୍ୟମିକ ଶିକ୍ଷା, ଭୁବନେଶ୍ୱରର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଶାରୀରିକ ଶିକ୍ଷାଅଧିକାରୀ ଜୟନ୍ତ କୁମାର ରାୟ, ଜିଲ୍ଲା କ୍ରିକେଟ ସଂଗଠନ ସମ୍ପାଦକ ଅନିଲ କୁମାର ବିଶ୍ୱାଳ, ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ମଣ୍ଡଳ ଶିକ୍ଷା ଅଧିକାରୀ ମିହିର କୁମାର ପାଲ, ମଧୁସ୍ମିତା ପତି, ମନୋଜ କୁମାର ବେହେରା ସନ୍ମାନୀୟ ଅତିଥି ଭାବରେ ଯୋଗଦେଇ ଚାମ୍ପିଅନ ଜିଲ୍ଲା ଏବଂ ରନର୍ସ କପ ବିଜେତା ଜିଲ୍ଲାର କ୍ରୀଡ଼ାବିତ୍ ମାନଙ୍କର ସୁଦୀର୍ଘ ଉବିଷ୍ୟତ କାମନା କରିଥିଲେ । ଶାରୀରିକ ଶିକ୍ଷାର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଅନୁଷ୍ଠିତ ପ୍ରତିଯୋଗିତାର ଆଭିମୁଖ୍ୟ ପ୍ରଦାନ କରିଥିଲେ । ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଏବଂ ଶିକ୍ଷୟିତ୍ରୀ ମନୀଷା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ଉତ୍ସବ ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲାବେଳେ ଉପସ୍ଥିତ ଥିବା ଜିଲ୍ଲାର କ୍ରୀଡ଼ାବିତ୍‌ମାନେ ସୁନ୍ଦର ଢଙ୍ଗରେ ଜମ୍ବଲ ମାର୍ଚ୍ଚପାଷ୍ଟରେ ପ୍ରତିନିଧିତ୍ୱ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ବାଳକ ବିଭାଗରେ ଗଜପତି ଜିଲ୍ଲାକୁ ଚାମ୍ପିଅନ କପ, ଯାଜପୁର ଜିଲ୍ଲାକୁ ରନର୍ସ କପ୍, ବାଳିକା ବିଭାଗରେ ଭୁବନେଶ୍ୱରକୁ ଚାମ୍ପିଅନ କପ୍ ଏବଂ କଟକ ଜିଲ୍ଲାକୁ ରନର୍ସ କପ୍ ପ୍ରଦାନ କରାଯାଇଥିଲା । ଅଭୟ କୁମାର ମହାନ୍ତି, ଧର୍ମେନ୍ଦ୍ର ଦାସ, ଅଜୟ କୁମାର ଭୋଇ, ବିନୀତ ଖୁଣ୍ଟିଆ, ରଞ୍ଜନ କୁମାର ମିଶ୍ର, ରଶ୍ମୀକାନ୍ତ ଦାସ,ସୂଚୀ ସ୍ମିତା ସ୍ୱାଇଁ, ତ୍ରିଲୋଚନ ସାହୁ, ଚନ୍ଦନ କୁମାର ବେହେରା, ଜ୍ଞାନରଞ୍ଜନ ବିଶ୍ୱାଳ, ବିକ୍ରମ ମହାପାତ୍ର ଅବଦୁଲ ହମିଦ, ମିଳନ କୁମାର ଓଝା, ଭୁବନାନନ୍ଦ ଦାସ, ସୁଶାନ୍ତ କୁମାର ଦାସ, ଶୁଭଜ୍ୟୋତି ସ୍ୱାଇଁ, ବିନାୟକ ଉପାଧ୍ୟାୟ ତଥା କମିଟିରେ ସ୍ଥାନୀତ ମଣ୍ଡଳ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ, ଶାରୀରିକ ଶିକ୍ଷା ଶିକ୍ଷକ, ରାଜ୍ୟ ତଥା ଜିଲ୍ଲାର କର୍ମକର୍ତ୍ତାମାନେ ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।




# ରାକେଶ ପଣ୍ଡାଙ୍କ ପୁସ୍ତକ 'ନିରୁଦ୍ଦିଷ୍ଟ ନୀରବତା' ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଶିଷ୍ଟ ଯୁବ କବି, ଗାଳ୍ପିକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କ ପୁସ୍ତକ 'ନିରୁର୍ଦ୍ଦିଷ୍ଟ ନୀରବତା' (ଲଳିତ ନିବନ୍ଧ ସଂକଳନ), ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ, ପ୍ରଭାତୀ ପରିଡାଙ୍କ ଦ୍ୱାରା ଭୁବେନେଶ୍ୱର ସ୍ଥିତ ବାସଭବନ କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି ।

ସୂଚନାଯୋଗ୍ୟ ଯେ, ଶ୍ରୀ ପଣ୍ଡାଙ୍କ ଦ୍ୱାରା ରଚିତ ଏବଂ ସାଧନା ଛପାଛପି ପବ୍ଲିକେସନ୍ସ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ତିରିଶରୁ ଅଧିକ ହୃଦୟ ଛୁଆଁ ନିବନ୍ଧ ସ୍ଥାନିତ ହୋଇଛି । ଯେଉଁ ଆଲେଖ୍ୟ ଗୁଡିକରେ ଆଲୋକପାତ ହୋଇଛି ସାଧାରଣ ମଣିଷଟିଏର ବାସ୍ତବ ଜୀବନ ଜିଇଁବାରେ ଲୁଚିରହିଥିବା ଅନେକ ସାଧାରଣ ତଥା ସାମାଜିକ ସମସ୍ୟା । ଯାହା ପାଠକ, ପାଠିକାଙ୍କ ମନ, ଆଶା, ଆକାଂକ୍ଷା ଏବଂ ପଠନର ଶୂନ୍ୟତାକୁ ଅନେକ ମାତ୍ରାରେ ପୂରଣ କରିବା ସହ ଏକ ସମାଧାନର ରାସ୍ତା ପ୍ରଦାନ କରିବ ବୋଲି ଆଶା କରାଯାଏ । ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ପଣ୍ଡାଙ୍କୁ ଅନେକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଆଗାମୀ ଲେଖକୀୟ ଯାତ୍ରା ନିମନ୍ତେ ଶୁଭକାମନା ପ୍ରଦାନ କରିଛନ୍ତି । ପୁସ୍ତକଟି ରାଜ୍ୟର ବିଭିନ୍ନ ପୁସ୍ତକ ଭଣ୍ଡାର ସହ ଅନଲାଇନ କ୍ରୟ ନିମନ୍ତେ ଆମାଜୋନରେ ବର୍ତ୍ତମାନ ଉପଲବ୍ଧ ଅଟେ ।

ଉଲ୍ଲେଖଯୋଗ୍ୟ, ଶ୍ରୀ ପଣ୍ଡା ହେଉଛନ୍ତି କଟକ ଜିଲ୍ଲାସ୍ଥିତ ବନ୍ଧାଲୋ ଗ୍ରାମର ଦମୟନ୍ତୀ ପଣ୍ଡା ଓ ଗୌରାଙ୍ଗ ଚରଣ ପଣ୍ଡାଙ୍କର ସୁପୁତ୍ର । ସେ ପ୍ରକାଶ କରନ୍ତି, ଗଳ୍ପ, ପ୍ରବନ୍ଧ, ସ୍ତମ୍ଭ ଓ କବିତା ଲେଖିବା ହେଉଛି ତାଙ୍କର ପ୍ରବୃତ୍ତି, ଅନ୍ତରର ଆବେଗ ଏବଂ ବଞ୍ଚିବାର ଏକ ଭିନ୍ନ କାରଣ । ଜୀବନର ଉଭୟ ବୃତ୍ତି ଓ ବ୍ୟକ୍ତିଗତ ବ୍ୟସ୍ତ ବହୁଳ ସମୟ ମଧ୍ୟରୁ ସମୟ ବାହାର କରି ମନ ମଧ୍ୟରେ ସୃଷ୍ଟି ହେଉଥିବା ବ୍ୟଗ୍ରତା ଓ ଭାବନାକୁ ସେ ନିଜ ଲେଖନୀ ସାହାଯ୍ୟରେ ଶବ୍ଦରେ ରୂପାନ୍ତରିତ କରିଥାନ୍ତି ଏବଂ ସେଥିରୁ ଯେଉଁ ଅଜଣା ଅନୁଭବ, ଖୁସି ଓ ଉପଲବ୍ଧି ପ୍ରାପ୍ତ ହୋଇଥାଏ ତାହା ଅବର୍ଣ୍ଣନୀୟ ଅଟେ । ବିଗତ ଦୀର୍ଘ ୧୭ ବର୍ଷର ନିରନ୍ତର ଯାତ୍ରାର ଯାତ୍ରୀଟିଏ ସାଜି, ଗଳ୍ପ, ପ୍ରବନ୍ଧ ଓ କବିତା ରୂପରେ ପ୍ରାୟ ୮୦୦ ରୁ ଅଧିକ ଲେଖା ଲେଖି ସାରିଛନ୍ତି । ତନ୍ମଧ୍ୟରୁ ପାଖାପାଖି ୪୦୦ ଲେଖା ବିଭିନ୍ନ ଅଗ୍ରଣୀ ଦୈନିକ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ।




**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement**

B-830

Bid Identification No. SE DKL (R&B). 30/ 2025-26

Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 1 Nos Civil works & 1 Nos Electrical Works |
| 3. | No. of work | : | 03 Nos. |
| 4. | Bid Cost. | : | ₹ 6,000/- & ₹ 4,000/- |
| 5. | Class of Contractor | : | "C' & 'D' License & 'MV', 'HT' License |
| 6. | Availability of Bid Documents in the website | : | From 10.00 AM of 16.12.2025 to 5.00 PM of 30.12.2025 |
| 7. | Date of Opening of Bid | : | Dt. 31.12.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-34016/11/0062/2526

Sd/- Superintending Engineer
Dhenkanal (R&B) Division

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION No-II.KEONJHAR**
**"e" Procurement Notice for Road Works**
**Identification No Online NCB - 14/2025-26.**

E-mail : eerw_kjr2@yahoo.com

O-1732

1. Name of the Work : Road Works
2. Total Number of Work : 02 Nos.
3. Estimated Cost : Rs. 16.61 Lakhs to Rs. 25.42 Lakhs
4. Class of Contractor : 'D' 'C'&. 'B' Class
5. Period of Completion : As per annex u re of e-Procurement Notice No. 14/2025-26.
6. Other Details

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No. 14 | Dt.15.12.25 at 11.00 A.M. | Dt.23.12.25 up to 5.00 P.M. | Dt.22.12.25 up to 5.00 P.M. | Dt.24.12.2025 at 11.00 A.M. |

Further details can be seen from the Website www.tenderorissa.gov.in

OIPR-25093/11/0029/2526

Sd/- Executive Engineer
R.W.Divn.No-II. Keonjhar


# ଦୀର୍ଘକାଳୀନ ଶକ୍ତି ସୁରକ୍ଷା ହାସଲ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସୌରଶକ୍ତି ସମ୍ପ୍ରସାରଣକୁ ତ୍ୱରାନ୍ୱିତ କରୁଛି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସ୍ୱଚ୍ଛ ଏବଂ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରେଳବାଇର ମିଶନ ସହିତ ପୂର୍ବ ତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ସେବା ଭବନ ଏବଂ ରେଳ ଭିତ୍ତିଭୂମିରେ ଛାତ ଉପରେ ସୌରଶକ୍ତି ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରୁଛି ।

ସୌରଶକ୍ତି କ୍ଷମତା ସ୍ଥାପନରେ ପ୍ରମୁଖ ଅଗ୍ରଗତି ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୪,୪୦୮ କେଡବ୍ଲୁପିର ଦୀର୍ଘକାଳୀନ ଲକ୍ଷ୍ୟ ସହିତ ନିରନ୍ତର ଭାବରେ ଏହାର ସୌରଶକ୍ତି କ୍ଷମତାକୁ ବିସ୍ତାର କରିଆସୁଛି । ଏପର୍ଯ୍ୟନ୍ତ ନିମ୍ନଲିଖିତ ଭାବେ ରେଳମଣ୍ଡଳ ପରିସୀମା ମଧ୍ୟରେ ସୌର ଶକ୍ତି ପ୍ରଗତି କରାଯାଇଅଛି :

୨୦୨୩–୨୪ ପର୍ଯ୍ୟନ୍ତ: ୧,୮୨୬.୦୬ କେଡବ୍ଲୁପି ।୨୦୨୪–୨୫ ପର୍ଯ୍ୟନ୍ତ: ୨,୧୮୬.୨୧ କେଡବ୍ଲୁପି । ୨୦୨୫–୨୬ ପର୍ଯ୍ୟନ୍ତ: ୭,୨୪୭.୭୯ କେଡବ୍ଲୁପି (ଯୋଜନାବଦ୍ଧ)ଫ ଆଜି ସୁଦ୍ଧା ପାଇପଲାଇନରେ : ୩,୧୪୮ କେଡବ୍ଲୁପି



ଏହି ସମ୍ପ୍ରସାରଣ ବିଭିନ୍ନ ସେବା ଭବନଗୁଡ଼ିକର ଛାତ ଉପରେ ସୌରଶକ୍ତି ପ୍ୟାନେଲରେ ସଜ୍ଜିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ଯାହା ଦ୍ୱାରା ସ୍ୱଚ୍ଛ ବିଦ୍ୟୁତ ଉତ୍ପାଦନ କରାଯାଇ ପାରମ୍ପରିକ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରାଯାଇପାରିବ ।

ନେଟ୍ ଶୂନ୍ୟ ପ୍ରମାଣପତ୍ର ପାଇଁ ଆବେଦନ ଦାଖଲ : ନେଟ୍ ଶୂନ୍ୟ ପ୍ରମାଣପତ୍ର ପାଇଁ 'ବିଇଇ ଶୂନ୍ୟ ଲେବେଲିଂ କାର୍ଯ୍ୟକ୍ରମ' ଅଧୀନରେ ପୂର୍ବତଟ ରେଳପଥ ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ)କୁ ଆବେଦନ କରିଛି । ଏହି ପଦକ୍ଷେପ ଅଧୀନରେ ପ୍ରସ୍ତାବିତ ପ୍ରମୁଖ ସ୍ଥାପନଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଅଛି :

ରେଳ କୁଞ୍ଜ ଅଫିସର କ୍ଲବ (ଯେଉଁଥିରେ ବ୍ୟାଙ୍କେଟ୍ ହଲ୍, ଯୋଗ ହଲ୍ ଏବଂ ବ୍ୟାଡ୍‌ମିଣ୍ଟନ୍ ହଲ୍ ଅନ୍ତର୍ଭୁକ୍ତ) – ୧୬୦ କେଡବ୍ଲୁପି

ଟ୍ରିପ୍ ସେଡ୍, ଭୁବନେଶ୍ୱର – ୧୦୦ କେଡବ୍ଲୁପି

ଏମଇଏମୟୁ ସେଡ୍, ଖୋର୍ଦ୍ଧା ରୋଡ୍ – ୧୦୦୦ କେଡବ୍ଲୁପି

ନବୀକରଣ ଶକ୍ତି ଏବଂ କାର୍ବନ ହ୍ରାସ ପ୍ରତି ପ୍ରତିବଦ୍ଧତା : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦୀର୍ଘକାଳୀନ ଶକ୍ତି ଏବଂ ପରିବେଶଗତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୌର ଶକ୍ତିକୁ ପ୍ରୋତ୍ସାହିତ କରିବାକୁ ପ୍ରତିବଦ୍ଧ ଏବଂ କାର୍ବନ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରୁଛି । କାର୍ଯ୍ୟାଳୟ କୋଠା, କର୍ମଶାଳା, ହସ୍ପିଟାଲ ଏବଂ ରେଳ ଷ୍ଟେସନ ଗୁଡ଼ିକରେ ଛାତ ଉପରେ ସୌର ପ୍ଲାଣ୍ଟ ସ୍ଥାପନ କରାଯାଉଛି । ଏହା ସହିତ, ପୂର୍ବତଟ ରେଳପଥ ସର୍ବାଧିକ ସମ୍ଭବ ପରିମାଣରେ ଟ୍ରାକ୍ସନ୍ ଲୋଡ୍ ଆବଶ୍ୟକତା ପୂରଣ କରିବା ପାଇଁ ନବୀକରଣୀୟ ଶକ୍ତି ଉତ୍ପାଦନକୁ ଆହୁରି ବୃଦ୍ଧି କରିବା ପାଇଁ ସୌର ପିଭି ସ୍ଥାପନ ଯୋଜନା କରୁଛି ।

ଆଗାମୀ ସୌର ପ୍ଲାଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ପୂର୍ବତଟ ରେଳପଥର ମୋଟ ସ୍ଥାପିତ ସୌର କ୍ଷମତା ୧୪.୪ ଏମଡବ୍ଲୁପି ହେବ ଯାହା ବାର୍ଷିକ ୧୩୪୧୦ ଟନ୍ କାର୍ବନ ନିର୍ଗମନ ହ୍ରାସ କରିବ ବୋଲି ଆଶା କରାଯାଉଛି ।

ଏହି ପଦକ୍ଷେପ ପୂର୍ବତଟ ରେଳପଥର ନବୀକରଣୀୟ ଶକ୍ତି ଗ୍ରହଣ କରିବା ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ପରିବେଶଗତ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସର ଏକ ଅବିଚ୍ଛେଦ୍ୟ ଅଂଶ ଗଠନ କରୁଅଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଡିସେମ୍ବର ୨୦୨୫ ଶନିବାର





# ଆଦିତ୍ୟ ଆଲୁମିନିୟମ ଆନୁକୂଲ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକମାନଙ୍କ ପାଇଁ ଛତୁ ଚାଷ ଉପରେ ତାଲିମ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଆର.ଆର କୋଲୋନୀ ଲୁଧାପାଲି ଠାରେ, କତରବଗା ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ କୃଷକ ମାନଙ୍କୁ ନେଇ ଛତୁ ଚାଷ ଉପରେ ଏକ ତାଲିମ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ପଚାଶରୁ ଉର୍ଦ୍ଧ୍ୱ ଜଣ ତାଲିମ ନେଇଥିଲେ। ଉକ୍ତ ତାଲିମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଶ୍ରୀମତୀ ମୋନାଲିସା ପଧାନ ଛତୁ ଚାଷ ଉପରେ ତାଲିମ ଦେଇଥିଲେ। ଉକ୍ତ ତାଲିମରେ ଛତୁ ଚାଷରୁ ମିଳୁଥିବା ଅନେକ ଲାଭ ଉପରେ ଅବଗତ କରାଇଥିଲେ। କମ ଖର୍ଚ୍ଚରେ କିପରି ଅଧିକ ଲାଭ ପାଇପାରିବେ ତାହା ବୁଝାଇଥିଲେ। ଛତୁ ଚାଷ ପାଇଁ ଆବଶ୍ୟକୀୟ ସାମଗ୍ରୀ ଓ କେଉଁ ଛତୁ ଚାଷ ପାଇଁ କେଉଁ ସମୟ ସଠିକ ତାହା ବୁଝାଇଥିଲେ। ଆଦିତ୍ୟ ଆଲୁମିନିୟମ୍‌ର ଇ.ଆର. ମୁଖ୍ୟ ଷ୍ଟେଫେନ ଆରୋକିଆରାଜ, ଉପସ୍ଥିତ ଲୋକମାନଙ୍କୁ ଛତୁ ଚାଷ ପାଇଁ ଉତ୍ସାହିତ କରିଥିଲେ। ଉକ୍ତ ତାଲିମ୍ କାର୍ଯ୍ୟକ୍ରମଟିକୁ ସିଏସଆରର ମୁଖ୍ୟ ରବି ନିବାସ ଓ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ ଓ ସିଏସଆର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାହାଯ୍ୟ କରିଥିଲେ। ଏଭଳି ତାଲିମ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଅଧିବାସୀ ଆଦିତ୍ୟ ଆଲୁମିନିୟମ, ଲପଙ୍ଗାକୁ ପ୍ରଶଂସା କରିଥିଲେ ଓ ଧନ୍ୟବାଦ ଜ୍ଞାପନ କରିଥିଲେ।




# ଯାତ୍ରୀ ସୁରକ୍ଷା ପାଇଁ ପୂର୍ବତଟ ରେଳପଥର ସୌରଚାଳିତ ସିସିଟିଭି ଓ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ ଏହାର ଅଧିକାରକ୍ଷେତ୍ରରେ ସୌରଚାଳିତ ସିସିଟିଭି କ୍ୟାମେରା ବ୍ୟାପକ ଭାବରେ ନିୟୋଜିତ କରି ଏବଂ ଉନ୍ନତ ମାନର ନିରୀକ୍ଷଣ ଡ୍ରୋନ୍ ପ୍ରଚଳନ କରି ସୁରକ୍ଷା ଏବଂ ନିରୀକ୍ଷଣ ଢାଞ୍ଚାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ ଯାତ୍ରୀ ସୁରକ୍ଷାକୁ ବୃଦ୍ଧି କରିବା, ଅନଧିକାର ପ୍ରବେଶକୁ ରୋକିବା, ଦୁର୍ଗମ ଅଞ୍ଚଳ ଗୁଡିକରେ ନିରୀକ୍ଷଣରେ ଉନ୍ନତି ଆଣିବା ଏବଂ ରେଳ ସମ୍ପତ୍ତି ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା।

ପୂର୍ବତଟ ରେଳପଥ ଅଧିନସ୍ଥ ମଣ୍ଡଳ ଗୁଡ଼ିକରେ ସୌରଚାଳିତ ସିସିଟିଭି କ୍ୟାମେରା ସଂସ୍ଥାପନ କରାଯାଇଛି।

ଦୁର୍ଗମ ଅଞ୍ଚଳ କିମ୍ୱା କୌଣସି ବିଦ୍ୟୁତ ଯୋଗାଣ ନଥିବା ଅଞ୍ଚଳରେ ନିରବଚ୍ଛିନ୍ନ ନିରୀକ୍ଷଣ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ତିନୋଟି ଡିଭିଜନର ଦୁର୍ଗମ ଏବଂ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସୌରଚାଳିତ ସିସିଟିଭି ବ୍ୟବସ୍ଥା ସ୍ଥାପନ କରାଯାଇଛି :

ୱାଲଟେୟାର ଡିଭିଜନ : ଅନଧିକାର ପ୍ରବେଶ ପ୍ରବଣ ସ୍ଥାନ ଏବଂ ରେଳ ୟାର୍ଡରେ ୧୧୩ଟି ସୌର ଶକ୍ତି ଚାଳିତ ସିସିଟିଭି କ୍ୟାମେରା ଲଗାଯାଇଛି। ଆହୁରିମଧ୍ୟ ୧୧୫ଟି ଅତିରିକ୍ତ କ୍ୟାମେରା କ୍ରୟ କରିବା ପ୍ରକ୍ରିୟାରେ ଅଛି।

ଖୋର୍ଦ୍ଧା ରୋଡ୍ ଡିଭିଜନ : ପ୍ରମୁଖ ସ୍ଥାନ ମାନଙ୍କରେ ୬ ଗୋଟି ସୌର ଶକ୍ତି ଚାଳିତ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରୁଛି। ଆହୁରିମଧ୍ୟ ୧୦୧୭ଟି ଅତିରିକ୍ତ କ୍ୟାମେରା କ୍ରୟ କରିବା ପ୍ରକ୍ରିୟାରେ ଅଛି।

ସମ୍ବଲପୁର ଡିଭିଜନ : ସେହିଭଳି ସମ୍ବଲପୁର ଡିଭିଜନର ଦୁର୍ଗମ ଅଞ୍ଚଳ ଏବଂ ପ୍ରମୁଖ ସ୍ଥାନମାନଙ୍କରେ ୪୬ଟି ସୌର ଶକ୍ତି ଚାଳିତ ସିସିଟିଭି କ୍ୟାମେରା ନିୟୋଜିତ କରାଯାଇଛି।



ସାର୍ବଜନୀନ ଲାଭ : ସୌରଚାଳିତ ସିସିଟିଭି ନିୟୋଜିତ ହେବା ଦ୍ୱାରା ଯାତ୍ରୀ ଏବଂ ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି, ଯଦ୍ୱାରା ଅସୁରକ୍ଷିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ପାଇବ, ଅପରାଧ ରୋକାଯାଇପାରିବ, ଅନଧିକାର ପ୍ରବେଶ ଘଟଣା ହ୍ରାସ ପାଇବ ଏବଂ ଦୁର୍ଗମ ସ୍ଥାନରେ ଅଧିକ ପ୍ରଭାବଶାଳୀ ନଜର ରଖାଯାଇପାରିବ। ଦୁର୍ଘଟଣା ପରବର୍ତ୍ତୀ ବିଶ୍ଳେଷଣରେ ଉନ୍ନତି ଆଣିବା ଏବଂ ରେଳ କର୍ମଚାରୀଙ୍କ ସୁରକ୍ଷା ବୃଦ୍ଧି କରିବାରେ ମଧ୍ୟ ଏହି କ୍ୟାମେରା ସହାୟକ ହୋଇଥାଏ। ଏହି ପଦକ୍ଷେପ ଏକ ନିରାପଦ, ଅଧିକ ସୁରକ୍ଷିତ ଏବଂ ଜନ-ଅନୁକୂଳ ରେଳ ପରିବେଶ ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

ଆକାଶ ମାର୍ଗରୁ ଡ୍ରୋନ୍ ସାହାଯ୍ୟରେ ଉନ୍ନତ ନିରୀକ୍ଷଣ :

ଭୂସ୍ତରୀୟ ନିରୀକ୍ଷଣକୁ ଆହୁରି ମଜବୁତ କରିବା ପାଇଁ ପୂର୍ବତଟ ରେଳପଥ ଡ୍ରୋନ୍ ସାହାଯ୍ୟରେ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିଛି: ବର୍ତ୍ତମାନ ମୋଟ ପାଞ୍ଚଗୋଟି ସର୍ଭିଲେନ୍ସ ଡ୍ରୋନ୍ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ଡିଭିଜନ ଓ ୱାଲଟେୟାର ଡିଭିଜନ ପ୍ରତ୍ୟେକ ଦୁଇଟି ଲେଖାଏଁ ଡ୍ରୋନ୍ ବ୍ୟବହାର କରୁଥିବାବେଳେ ସମ୍ବଲପୁର ଡିଭିଜନ ଗୋଟିଏ ଡ୍ରୋନ୍ ବ୍ୟବହାର କରୁଛି।

ଏହି ଡ୍ରୋନଗୁଡ଼ିକ ଦୀର୍ଘ ରେଳପଥର ପ୍ରକୃତ ସମୟ ନିରୀକ୍ଷଣ, ଦୁର୍ଗମ ଅଞ୍ଚଳରେ ଯାଞ୍ଚ, ରେଳ ୟାର୍ଡର ତଦାରଖ, ବିଶେଷ କାର୍ଯ୍ୟକ୍ରମ ସମୟରେ ଭିଡ଼ ପରିଚାଳନା ଏବଂ ବିଭିନ୍ନ ସୁରକ୍ଷା କାର୍ଯ୍ୟ ପାଇଁ ବ୍ୟବହୃତ କରାଯାଏ। ଯାତ୍ରୀ ସୁରକ୍ଷା ପ୍ରତି ପ୍ରତିବଦ୍ଧତା : ପୂର୍ବତଟ ରେଳପଥ ଜନସାଧାରଣଙ୍କ ପାଇଁ ଏକ ନିରାପଦ ଏବଂ ଅଧିକ ସୁରକ୍ଷିତ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଛି। ସିସିଟିଭି କଭରେଜ୍, ଡ୍ରୋନ୍-ଆଧାରିତ ନିରୀକ୍ଷଣର ପ୍ରସାର ସହିତ, ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ସୁରକ୍ଷା ଏବଂ ସେବା ଉତ୍କର୍ଷତାକୁ ସୁଦୃଢ଼ କରିଚାଲିଛି।

# ପ୍ରଫେସର କିଶୋର ବାସା ଓ ଇଞ୍ଜିନିଅର ଅଶୋକ ବାସାଙ୍କ ସହ ମୁଖ୍ୟ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଗତ ବୁଧବାର ଦିନ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଓଡ଼ିଶାର ସ୍ୱନାମଧନ୍ୟସୁସନ୍ତାନ ତଥା ଯମଜ ଭ୍ରାତା ପ୍ରଫେସର କିଶୋର ବସା, ପୂର୍ବତନ ଅଧ୍ୟକ୍ଷ, ନ୍ୟାସନାଲ୍ ମନୁମେଣ୍ଟଅଥରିଟି ଓ ଇଞ୍ଜିନିୟର ଅଶୋକ ବସା, ଚେୟାର, ଷ୍ଟ୍ରାଟେଜିକ୍ ପ୍ଲାନିଙ୍ଗ କମିଟି, ୱାର୍ଲ୍ଡ ଫେଡେରେସନ୍ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ ଉପସ୍ଥିତ ଥିଲେ। ୧୮ନଭେମ୍ବର ୨୦୨୫ରେ ସେମାନେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନଠାରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମୁଖରେ ଓଡ଼ିଶା ସମ୍ବନ୍ଧୀୟ ନିଜ ନିଜ କ୍ଷେତ୍ର ସମ୍ବନ୍ଧୀୟ ବିସ୍ତୃତ ପ୍ରସ୍ତାବ ପ୍ରଦାନ କରିଥିଲେ। ସେହି ପରିପ୍ରେକ୍ଷୀରେ ଏହି ଉଚ୍ଚସ୍ତରୀୟ ବୈଠକ ଡକାଯାଇଥିଲା।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କମିଶନର ତଥା ଶାସନ ସଚିବ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଗିରୀଶ ଏସ୍.ଏନ୍, କମିଶନର ତଥା ଶାସନ ସଚିବ ପର୍ଯ୍ୟଟନ ବିଭାଗ ବଳବନ୍ତ ସିଂହ, କମିଶନର ତଥା ଶାସନ ସଚିବ ଏସ୍.ଟି. ଓ ଏସ୍.ସି. ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ବି. ପରମେଶ୍ୱରନ୍, କମିଶନର ତଥା ଶାସନ ସଚିବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଜୟ କେତନ ଉପାଧ୍ୟାୟ, ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଏହି ବୈଠକରେ ଉପସ୍ଥିତ ଥିଲେ। ପ୍ରଫେସର କିଶୋର ବସା ମହାମହିମ ରାଷ୍ଟ୍ରପତିଙ୍କୁ ପ୍ରେରିତ ତାଙ୍କ ପତ୍ରରେ ଉଲ୍ଲେଖିତ ପ୍ରସ୍ତାବଗୁଡ଼ିକୁ ବିସ୍ତୃତ ଭାବରେ ପ୍ରସ୍ତୁତ କରିଥିଲେ ଯାହା ମୟୂରଭଞ୍ଜ ଜିଲ୍ଲାର ସାମାଜିକ,ସାଂସ୍କୃତିକ ଓ ଶିକ୍ଷାଗତ ବିକାଶ ଉପରେ କେନ୍ଦ୍ରିତ ଥିଲା। ସେ ରାଇରାଙ୍ଗପୁରଠାରେ ଏକ ଜାତୀୟ ଜନଜାତି ବିକାଶ ସଂସ୍ଥାନସ୍ଥାପନ ପାଇଁ ପ୍ରସ୍ତାବ ରଖିଥିଲେ, ଯାହା ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଜନଜାତିପ୍ରଧାନ ଅଞ୍ଚଳ ସମୀପରେ ଥିବାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣସଂସ୍ଥାନ ଭାବେ ଉଭା ହେବା ସମ୍ଭାବନା ରହିଛି। ଏହା ସହିତ, ସେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଠାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଏକ ନ୍ୟାସନାଲ୍ ସେଣ୍ଟର୍ ଫର୍ ଝୁମର ସ୍ଥାପନା ପାଇଁ ସେ ପ୍ରସ୍ତାବ ରଖିଥିଲେ। ତାହା ସହ ଖିଚିଙ୍ଗ ସ୍ଥିତ ପ୍ରତ୍ନତତ୍ୱ ସଂଗ୍ରହାଳୟକୁ ଭାରତ ସରକାରଙ୍କ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ବିଭାଗ (ଏ.ଏସ.ଆଇ.) ଅଧୀନକୁ ଆଣିବା ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ, ଯାହା ମାଧ୍ୟମରେ ଉତ୍ତମ ସଂରକ୍ଷଣ, ପ୍ରଦର୍ଶନୀକରଣ ଓ ପ୍ରଚାର ସମ୍ଭବ ହେବ। ବର୍ତ୍ତମାନ ଏହି ସଂଗ୍ରହାଳୟଟି ଓଡିଶା ସରକାରଙ୍କ ଅଧୀନରେ ରହିଛି। ପ୍ରଫେସର ବସା ଆଦିବାସୀ ସଶକ୍ତିକରଣ, ଐତିହ୍ୟ ସଂରକ୍ଷଣ ଏବଂ ଆଞ୍ଚଳିକ ବିକାଶକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ଗୁଡ଼ିକର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଇଞ୍ଜିନିୟର ଅଶୋକ ବସା ଓଡ଼ିଶାରେ ଜଳସମ୍ପଦ ପ୍ରବନ୍ଧନରେ ଯଥୋଚିତ ଶାସନ ବ୍ୟବସ୍ଥା ସ୍ଥାପନାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ଭାରତ ବର୍ତ୍ତମାନ ଗଭୀର ଜଳ ସଂକଟ ମଧ୍ୟରେ ଗତି କରୁଛି ଏବଂ ୨୦୫୦ ସୁଦ୍ଧା ଏହା ଦେଶର ଜି.ଡ଼ି.ପି.ରେ ୬% ଅବନତି ଘଟାଇପାରେ। ଏହି ପରିପ୍ରେକ୍ଷୀରେ, ସେ ଓଡ଼ିଶାରେ ଜଳ ସମ୍ପଦ ପରିଚାଳନା ଏବଂ ଜଳନୀତିର ପୁନର୍ଗଠନ ପାଇଁ ଏକ ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ, ଯାହା ବିଭିନ୍ନ ବିଭାଗର ଆବଶ୍ୟକତା ପୂରଣ-ଯୋଗାଣ ସମନ୍ୱୟ ପାଇଁ ଏକ ନୋଡାଲ୍ ସଂସ୍ଥା ଭାବରେ କାମ କରିବ। ସେ ଆହୁରି ମଧ୍ୟ କହିଥିଲେ ଯେ, ଗୋଟିଏ ପଟେ ମୋଟ ଚାହିଦା ଏବଂ ଅନ୍ୟ ପଟେ ଯୋଗାଣ କିମ୍ୱା ଉତ୍ସଗୁଡ଼ିକୁ ଗଣନା କରି ଜଳ ପାଇଁ ଏକ ଜିଲ୍ଲାୱାରୀ ଚାହିଦା ଏବଂ ଯୋଗାଣ ବାଲାନ୍ସ ସିଟ୍ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ରାଜ୍ୟର ଜଳ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସମୟୋଚିତ ଏବଂ ସାମୂହିକ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣଏବଂ ଓଡ଼ିଶା ଜାତୀୟ ସ୍ତରୀୟ ଜଳ ଶାସନ ସଂସ୍କାର ପାଇଁ ଏକ ମଡେଲ ରାଜ୍ୟ ଭାବରେ କାର୍ଯ୍ୟ କରିପାରିବ ଏବଂ ୨୦୩୬ ସୁଦ୍ଧା ଓଡ଼ିଶାକୁ 'ଜଳ ଉଦବୃତ୍ତ ରାଜ୍ୟ'ରେ ପରିଣତ ହେବାର ଦୀର୍ଘକାଳୀନ ଦୃଷ୍ଟିକୋଣ ହାସଲ କରିପାରିବ। ମୁଖ୍ୟ ଶାସନସଚିବ ଓ ବରିଷ୍ଠ ଅଧିକାରୀଗଣ ପ୍ରଫେସର କିଶୋର ବସା ଓ ଇଞ୍ଜିନିୟର ଅଶୋକ ବସାଙ୍କ ପ୍ରତିପାଦନରେ ଥିବା ଗଭୀର ଗବେଷଣା, ବିଶ୍ଳେଷଣ ଓ ଓଡ଼ିଶା ରାଜ୍ୟର ଉନ୍ନତି ପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ସ୍ୱାଗତ କରିଥିଲେ। ଏହି ପ୍ରସ୍ତାବଗୁଡ଼ିକ ରାଜ୍ୟର ସାଂସ୍କୃତିକ ସୁରକ୍ଷା, ଜନଜାତି ବିକାଶ ଓ ଦୀର୍ଘମିଆଦି ଜଳ ସୁରକ୍ଷା ପାଇଁ ମୂଲ୍ୟବାନ ଅବଦାନ ବୋଲି ସର୍ବସମ୍ମତି ପ୍ରକାଶ ପାଇଥିଲା। ମୁଖ୍ୟ ଶାସନ ସଚିବ ବିଭାଗମାନଙ୍କୁ ପ୍ରସ୍ତାବଗୁଡ଼ିକୁ ତଥ୍ୟାନୁସାରେ ପରୀକ୍ଷା କରି ଉଚିତ ପଦକ୍ଷେପ ନେବାକୁ ଦିଶାନିର୍ଦ୍ଦେଶ ଦେଇଥିଲେ।

# ପୁସ୍ତକ ଉନ୍ମୋଚନ ଓ ସାରସ୍ୱତ ଆଲୋଚନା



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ସନ୍ଧ୍ୟାରେ ରାଜ୍ୟ ପୁସ୍ତକ ମେଳାରେ ତୀରତରଙ୍ଗ ପ୍ରକାଶନୀ ତରଫରୁ ଲୋକାର୍ପଣ ହୋଇଯାଇଛି ୫ଟି ପୁସ୍ତକ। ଏହି ପୁସ୍ତକମାନଙ୍କ ମଧ୍ୟରେ ରହିଛି ଲକ୍ଷ୍ମୀ ଚାନ୍ଦଙ୍କ ଗଳ୍ପ ସଙ୍କଳନ 'ଭ୍ରମ', ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ଉପନ୍ୟାସ 'ଭୂମି ଓ ଭୂମା', ବନ୍ଦନା ମିଶ୍ରଙ୍କ ଗଳ୍ପ ସଙ୍କଳନ 'ହାସିନାର ହସ', ଚିନ୍ମୟୀ ପଣ୍ଡାଙ୍କ କବିତା ସଙ୍କଳନ 'ନିଜ ନିଜର ଆକାଶ' ଏବଂ ଲଳିତ ସ୍ୱାଇଁଙ୍କ କବିତା ସଙ୍କଳନ 'ବତୁରା କାନି'। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ତୀରତରଙ୍ଗର ଅଧ୍ୟକ୍ଷା ବନ୍ଦନା ମିଶ୍ର। ଏହି ମନୋରମ ଉତ୍ସବରେ ଅତିଥି ହିସାବରେ ଯୋଗ ଦେଇଥିଲେ ଅରୁଣ କୁମାର ଷଡ଼ଙ୍ଗୀ- ଅଧ୍ୟକ୍ଷ ଓଡ଼ିଶା ଲୋକସେବା ଆୟୋଗ, ପ୍ରଫେସର ଅଜିତ ମହାନ୍ତି- ଖ୍ୟାତିସମ୍ପନ୍ନ ଭାଷା ମନୋବିଜ୍ଞାନୀ, ବୈଷ୍ଣବ ଚରଣ ମହାନ୍ତି-ଖ୍ୟାତିସମ୍ପନ୍ନ ପ୍ରାବନ୍ଧିକ ଓ ଭାଷାବିତ୍, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର- ସ୍ୱନାମଧନ୍ୟ ସାହିତ୍ୟିକ। ସମୁଦାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ ଏବଂ ପରିଚାଳନା କରିଥିଲେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ପଣ୍ଡା।

## ସିନ୍ଧେକେଲା ବନାଞ୍ଚଳ ପକ୍ଷରୁ ଦଶ ଲକ୍ଷ ଟଙ୍କାର ଖଇର ଓ କେନ୍ଦୁ କାଠ ଜବତ

**ସିନ୍ଧେକେଲା, ନ୍ୟୁଜ୍ ବ୍ୟୁରୋ**


ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ବନାଞ୍ଚଳ ମହଗାଁ ସିଲଣ୍ଡା କେନାଲ ନିକଟରେ ଥିବା ଦେବଦାରୁ ବଗିଚାରେ ଚଢ଼ଉ। ଦଶ ଲକ୍ଷ ଟଙ୍କାର ଖଇର ଓ କେନ୍ଦୁ କାଠ ଜବତ। ସନ୍ଦେହରେ ଇଟା ଭାଟି ମାଲିକ। ସୂଚନାନୁଯାୟୀ, ମହଗାଁ ସିଲଣ୍ଡା କେନାଲ ନିକଟରେ ଥିବା ଦେବଦାରୁ ବଗିଚା ନିକଟରେ କାଠ ମାଫିଆମାନେ କେନ୍ଦୁ ଓ ଖଇର ଗଛ ଗଣ୍ଡି ଗଚ୍ଛିତ ରଖିଥିବା ନେଇ ବନ ବିଭାଗ ଖବର ପାଇଥିଲା। ବଙ୍ଗୋମୁଣ୍ଡା ରେଞ୍ଜର ପଦ୍ମନାଭ କୁମ୍ଭାର, ସିନ୍ଧେକେଲା ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ କରା ଯାଇଥିଲା। ଚଢାଉ ବେଳେ ଦଶ ଲକ୍ଷ ଟଙ୍କାର ଖଇର ଓ କେନ୍ଦୁ କାଠ ଜବତ ହୋଇଛି। ବଗିଚା ନିକଟରେ ଏକ ବେଆଇନ ଇଟା ଭାଟି ତିଆରି ହେଉଥିବା ଦେଖିବାକୁ ମିଳିଛି। ଇଟା ଭାଟି ମାଲିକ ସନ୍ଦେହ ଘେରରେ ରହିଛି।

# ୭ମ ରାଜ୍ୟ ପୁସ୍ତକ ମହୋତ୍ସବ: ୧୦୦ରୁ ଅଧିକ ବହି କିଣିଲେ ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଛି ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ। ଚଳିତ ବର୍ଷ ୫୫୦ଟି ଷ୍ଟଲ ରହିଥିବା ବେଳେ ପୁସ୍ତକ ମହୋତ୍ସବରେ ୨୦୦ରୁ ଉର୍ଦ୍ଧ୍ୱ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଭାଗ ନେଇଛନ୍ତି।

ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁସ୍ତକ ମହୋତ୍ସବ ପରିଦର୍ଶନରେ ଯାଇ ୧୦୦ରୁ ଅଧିକ ବହି କିଣିଛନ୍ତି। ଏଥିସହ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଷ୍ଟଲ ବୁଲି ଦେଖିଛନ୍ତି। ବିଭିନ୍ନ ଷ୍ଟଲମାନଙ୍କରେ ପ୍ରକାଶକ ଓ ପାଠକ ବନ୍ଧୁମାନଙ୍କ ସହ ବାର୍ତ୍ତାଳାପ କରିବା ସହ ପୁସ୍ତକ ମହୋତ୍ସବରେ ପାଠକମାନଙ୍କ ଅନୁଭୂତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସୂରଜ ପଚାରି ବୁଝିଥିଲେ। ବିଶେଷ ଭାବରେ ପୁସ୍ତକ ମହୋତ୍ସବରେ ଶିଶୁ ପାଠକମାନଙ୍କର ଭିଡ଼କୁ ଦେଖି ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ଶିଶୁ ପାଠକମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ।



'ଭୀମଭୋଇ ଗ୍ରନ୍ଥାବଳୀ', 'ସମୁଦ୍ର ସ୍ନାନ', 'ଯନ୍ତ୍ରାରୂଢ', 'ଓଡ଼ିଶାର ଇତିହାସ', 'ମନୋଜ ଦାସଙ୍କ କଥା ଓ କାହାଣୀ', 'ଫକୀରମୋହନଙ୍କ ଉପନ୍ୟାସ ଓ ଗଳ୍ପ ସମୂହ', 'ସ୍ରୋତସ୍ୱତୀ' ଆଦି ପୁସ୍ତକ ସହ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ସୁରେନ୍ଦ୍ର ମହାନ୍ତି, ଅଖିଳ ମୋହନ ପଟ୍ଟନାୟକ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ ପୁସ୍ତକ ସମୂହକୁ ମନ୍ତ୍ରୀ ପୁସ୍ତକ ମହୋତ୍ସବରୁ କିଣିଥିଲେ।

ଏଥିସହ ମନ୍ତ୍ରୀ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଅକାଦେମି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ପୁସ୍ତକ ଷ୍ଟଲକୁ ବୁଲି ଦେଖିଥିଲେ। ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀକୁ ଉର୍ଦ୍ଦୁ ଭାଷାରେ ଅନୁବାଦ କରି ପୁସ୍ତକ ପ୍ରକାଶନ କରିବା, ଓଡ଼ିଶୀ ଗବେଷଣା କେନ୍ଦ୍ର ତରଫରୁ ପ୍ରସ୍ତୁତ ହୋଇଥିବା ଗୀତ, ଛନ୍ଦ, ଚମ୍ପୂ ଆଦିକୁ ଶ୍ରୋତା ଓ ଦର୍ଶକମାନଙ୍କ ପାଇଁ ପେନ୍ ଡ୍ରାଇଭରେ ଉପଲବ୍ଧ କରାଇବା, ଓଡ଼ିଆ ଭାଷା ପ୍ରତିଷ୍ଠାନର ପତ୍ରିକା 'ଶିଶୁଲେଖା'ରେ ସୁନ୍ଦର ଚିତ୍ର ସମୂହକୁ ସ୍ଥାନିତ କରିବା ଏବଂ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ପ୍ରକାଶ ପାଉଥିବା ଗବେଷଣାତ୍ମକ ପୁସ୍ତକକୁ ଲୋକାଭିମୁଖୀ କରିବା ପାଇଁ ମନ୍ତ୍ରୀ ଶ୍ରୀ ସୂରଜ ଉପଦେଶ ଦେଇଥିଲେ। ପରିଶେଷରେ ଖାଦ୍ୟ ଷ୍ଟଲ ବୁଲିବା ଦେଖିବା, କୋରାପୁଟ କଫି ଷ୍ଟଲରେ କଫି ପିଇବା ସହ ପାଠକମାନଙ୍କ ସହ ବିଭିନ୍ନ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ତରଫରୁ ପଢ଼ିଥିବା ଲାଇଭ ସ୍କେଚିଙ୍ଗ ଷ୍ଟଲକୁ ପରିଦର୍ଶନରେ ଯାଇ ମନ୍ତ୍ରୀ ଶ୍ରୀ ସୂରଜ ଛାତ୍ରଛାତ୍ରୀ ମାନଙ୍କର ଦ୍ୱାରା ପ୍ରସ୍ତୁତ ହୋଇଥିବା ଚିତ୍ରକଳା ଗୁଡ଼ିକର ପ୍ରଶଂସା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଚିତ୍ରକଳା ବିଭାଗର ଛାତ୍ର ମନ୍ତ୍ରୀଙ୍କ ଲାଇଭ ସ୍କେଚିଙ୍ଗ ଚିତ୍ର ଆଙ୍କି ତାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜନଗଣନା ପାଇଁ ...

( ଶାନ୍ତି ବିଲ୍ )କୁ ଅନୁମୋଦନ କରିଛନ୍ତି। ଶାନ୍ତି ବିଲ୍ ମାଧ୍ୟମରେ ଘରେଇ କମ୍ପାନୀମାନଙ୍କୁ ପରମାଣୁ ଶକ୍ତି କ୍ଷେତ୍ରରେ ଅନୁମତି ମିଳିବ।କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'କେନ୍ଦ୍ର କ୍ୟାବିନେଟ୍ ୨୦୨୬ ପାଇଁ ମିଲ୍ ହୋଇଥିବା କୋପ୍ରା (ଶୁଖିଲା ନଡ଼ିଆ) ପାଇଁ ପ୍ରତି କ୍ୱିଣ୍ଟାଲ୍ ୧୨,୦୨୭ ଟଙ୍କା ଏବଂ ଗୋଲ କୋପ୍ରା ପାଇଁ ପ୍ରତି କ୍ୱିଣ୍ଟାଲ୍ ୧୨,୫୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟକୁ ଅନୁମୋଦନ କରିଛି। ଏଥିପାଇଁ ନାଫେଡ ଏବଂ ଏନ୍‌ସିସିଏଫ ନୋଡାଲ୍ ଏଜେନ୍ସି ହେବେ।'

## ମାଲକାନଗିରି ହିଂସା...

ଉଭୟ ସଂପ୍ରଦାୟ ସହ ଆଲୋଚନା ହୋଇଛି। ସେହି ଅନୁସାରେ ରିପୋର୍ଟ ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଯାହା ଉଚିତ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବେ। ଉଭୟ ସଂପ୍ରଦାୟ ଶାନ୍ତି ଚାହୁଁଛନ୍ତି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ଅଛି। ଅନେକ କାରଣ ରହିଛି। ସରଜମିନି ତଦନ୍ତ କରାଯାଇଛି। ଦୁଇ ସମ୍ପ୍ରଦାୟ ସହ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହିତ ଆଲୋଚନା ହୋଇଛି। ସମସ୍ତେ ଶାନ୍ତି ଚାହୁଁଛନ୍ତି। ଅନ୍ୟପକ୍ଷରେ ଏମ୍‌ଭି-୨୬ ଏବଂ ରଖାଲଗୁଡା ଗ୍ରାମ ମଧ୍ୟରେ ଉପୁଜିଥିବା ପରିସ୍ଥିତି ଉପରେ ଜିଲ୍ଲା ଓ ପୋଲିସ୍ ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇଛି। ଏହି ଜିଲ୍ଲାରେ ସ୍ଥିତିକୁ ନେଇ ଆହୁରି ୨୪ ଘଣ୍ଟା ପର୍ଯ୍ୟନ୍ତ ଅର୍ଥାତ୍ ରବିବାର ରାତି ୧୨ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ କଟକଣା ବୃଦ୍ଧି କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି।

## ଓଡ଼ିଶା ୱାଟରମ୍ୟାନସିପ୍ ...

ପାଇଁ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ତାଲିମ ପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ଓ ଜୀବନ ରକ୍ଷା କୌଶଳ, ଏବଂ ଉପକୂଳବର୍ତ୍ତୀ ଜରୁରୀକାଳୀନ ପ୍ରସ୍ତୁତି ଉପରେ ଆଧାରିତ ଏକ ଚମତ୍କାର ୱାଟରମ୍ୟାନସିପ୍ ସୋ ପ୍ରଦର୍ଶନ କରାଯାଇଥିଲା।ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ନିଜ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ କାଳଜୟୀ କବିତା 'ରାମଚଣ୍ଡୀରେ ସନ୍ଧ୍ୟା' ବିଷୟ ଉଲ୍ଲେଖ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଳ ସୁରକ୍ଷା, ଲାଇଫ ଗାର୍ଡ ତାଲିମ ଏବଂ ଉପକୂଳବର୍ତ୍ତୀ ସହନଶୀଳତା ପାଇଁ ଓଏସଡବ୍ଲୁଏଲଆଇ ପ୍ରତିଷ୍ଠାନ ଏକ ଉତ୍ସର୍ଗୀକୃତ ଜାତୀୟ ତଥା ଅନ୍ତର୍ଜାତୀୟ କେନ୍ଦ୍ର ଭାବରେ ଉଭା ହେବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ତଥା ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହେଉଥିବା ବର୍ଦ୍ଧିତ ବିପଦକୁ ମୁକାବିଲା କରିବା ପାଇଁ ଓଡ଼ିଶାର କ୍ଷମତାକୁ ବୃଦ୍ଧି କରିବ। ସେ ଗୁରୁତ୍ୱ ଦେଇ କହିଥିଲେ ଯେ ସରକାର ଅଗ୍ନିଶମ ସେବାକୁ ସୁଦୃଢ଼ କରିବା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାରେ ଉନ୍ନତି ଆଣିବା ଏବଂ ଅଧିକାରୀ ତଥା ଯୁବକମାନଙ୍କ ପାଇଁ ତାଲିମ ସୁଯୋଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ ଅଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାର ଅଗ୍ନିଶମ ବିଭାଗ ନେତୃତ୍ୱାଧୀନ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥା ଗତ କିଛି ବର୍ଷ ମଧ୍ୟରେ ସାରା ଦେଶରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ଦେଢ ବର୍ଷ ମଧ୍ୟରେ ଆମ ସରକାର ଅମଳରେ ଦୁଇଟି ବୃହତ୍ ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଥିଲେ। କିନ୍ତୁ, ଆମେ ତାହାର ସଫଳ ମୁକାବିଲା କରିବାରେ ସମର୍ଥ ହୋଇଛୁ। ଆଜି ଏଠାରେ ଯେଉଁ ପ୍ରଶିକ୍ଷଣ କେନ୍ଦ୍ରଟି ଆରମ୍ଭ ହୋଇଛି ତାହା ଦେଶର ଅଗ୍ନିଶମବାହିନୀ, କେନ୍ଦ୍ରୀୟ ଅର୍ଦ୍ଧସାମରିକବାହିନୀ, ଏନ.ଡି.ଆର.ଏଫ୍ ଓ ବିଭିନ୍ନ ରାଜ୍ୟରେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାମରେ ନିଯୁକ୍ତ ପୋଲିସ, ଗୃହରକ୍ଷୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ ଦେବ। ନୌସେନା ବାହାରେ, ଏ କ୍ଷେତ୍ରରେ ଏହା ଦେଶର ପ୍ରଥମ ପ୍ରତିଷ୍ଠାନ। ତେଣୁ ଏହାକୁ ଆମେ ଏକ ଜାତୀୟ ସ୍ତରର ପ୍ରଶିକ୍ଷଣ କେନ୍ଦ୍ର ଭାବେ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସେ କହିଥିଲେ। ଆମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଯେଉଁ ଉତ୍କର୍ଷ ହାସଲ କରିଛି ତାହାକୁ ବ୍ୟବହାର କରି ଆମେ ଅନ୍ୟ ରାଜ୍ୟ ଓ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀଙ୍କୁ ଏହି ପ୍ରତିଷ୍ଠାନ ମାଧ୍ୟମରେ ପ୍ରଶିକ୍ଷଣ ଦେବୁ। ଏହି ପ୍ରତିଷ୍ଠାନର ମୂଳ ଉଦ୍ଦେଶ୍ୟ ହେଲା, ବିଭିନ୍ନ ବିପର୍ଯ୍ୟୟରେ ଧନ ଜୀବନ ବଞ୍ଚାଇବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ ୧୨ କୋଟି ଟଙ୍କା ଖର୍ଚ୍ଚରେ ଏହି 'ସନ୍ତରଣ ଶିକ୍ଷା ଓ ଲାଇଫ୍ ଗାର୍ଡ' ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଚଳିତ ବଜେଟରେ ବୁଡାଳି ପ୍ରଶିକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ଆଉ ଅଧିକ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମାଧ୍ୟମରେ ଶୁକ୍ରବାର ଏହି ବୁଡାଳି ପ୍ରଶିକ୍ଷଣ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ଦିଆଗଲା। ଏହି ନୂଆ ପ୍ରକଳ୍ପର କାମ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନ କୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ପୂରା ଦେଶପାଇଁ ଏହି ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରୁଛୁ। ତେଣୁ ଏହାକୁ ପୂର୍ଣ୍ଣାଙ୍ଗ କରିବା ଓ ଏହାର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପ୍ରତି ଆପଣମାନେ ଯତ୍ନବାନ ହେବେ। ଏହି ପ୍ରଶିକ୍ଷଣ କେନ୍ଦ୍ର ଆମ ରାଜ୍ୟର ସମ୍ମାନ ବୃଦ୍ଧି କରିବ। ଆମ ରାଜ୍ୟକୁ ଦେଶରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କ୍ଷେତ୍ରରେ ଏକ ଉଦାହରଣ ଭାବେ ନୂଆ ପରିଚୟ ଦେବ। ଅନ୍ୟ ରାଜ୍ୟର କର୍ମଚାରୀମାନେ ଏଠାକୁ ଆସିବେ ଓ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍‌ରୁ ଶିଖିବେ। ସେ ଆହୁରି କହିଥିଲେ ଯେ ବର୍ତ୍ତମାନ ମଧ୍ୟ ଆମ ଗହଣରେ ନାଗାଲାଣ୍ଡ, ଉତ୍ତରାଖଣ୍ଡ, ବିହାର, ଉତ୍ତରପ୍ରଦେଶ ଇତ୍ୟାଦି ରାଜ୍ୟରୁ ଆସିଥିବା ପ୍ରଶିକ୍ଷାର୍ଥୀ ଅଛନ୍ତି।

ନିକଟରେ ଆମ ପ୍ରତିଷ୍ଠାନ ଏନଡିଆରଏଫ୍ କର୍ମଚାରୀଙ୍କୁ ବୁଡାଳି ପ୍ରଶିକ୍ଷଣ ଓ ନେଭି କର୍ମଚାରୀଙ୍କୁ ନିଆଁ ଲିଭାଇବା ପ୍ରଶିକ୍ଷଣ ଦେଇଛନ୍ତି। ଆପଣମାନେ ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଓଡ଼ିଶାରେ ଅନ୍ୟ ରାଜ୍ୟର ଓ ରାଷ୍ଟ୍ରୀୟ ସଂସ୍ଥା ମାନଙ୍କର କର୍ମଚାରୀ ପ୍ରଶିକ୍ଷଣ ନେବା ନିଶ୍ଚିତ ରୂପେ ଏକ ଗର୍ବର କଥା। ଯେହେତୁ ଏହି ପ୍ରତିଷ୍ଠାନ ଗୁଡିକ ଜାତୀୟ ମାନ୍ୟତା ପାଇଛନ୍ତି, ସେଗୁଡିକୁ ଯତ୍ନର ସହ ଆଗକୁ ବଢେଇବା ଆମ ସମସ୍ତଙ୍କର ଦାୟିତ୍ୱ। ଆଜିର ଦିନଟି ଆଉ ଗୋଟିଏ ଦିଗରୁ ମଧ୍ୟ ଐତିହାସିକ। ସମଗ୍ର ଦେଶରେ ପ୍ରଥମଥର ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଅଗ୍ନିଶମ ବିଭାଗ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ପର୍ଯ୍ୟଟନ ବିଭାଗ ଏହି କେନ୍ଦ୍ରଟିକୁ ଦୁଇଟି ଉପାୟରେ ବ୍ୟବହାର କରିବ। ପ୍ରଥମ, ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ହୋଟେଲ ଇତ୍ୟାଦିରେ ନିଯୁକ୍ତ ଲାଇଫ ଗାର୍ଡ ମାନଙ୍କର ପ୍ରଶିକ୍ଷଣ କରାଇବେ। ଦ୍ୱିତୀୟରେ ଏଠାରେ ଦୁଃସାହସିକ ଜଳକ୍ରୀଡାର ସୁବିଧା ଯୋଗାଇବା। ନିକଟରେ ଆମ ସରକାର ଆଡ଼ଭେନ୍‌ଚର ସ୍ପୋର୍ଟ୍‌ସ ନୀତି ଗ୍ରହଣ କରିଛନ୍ତି। ଏଠି ଥିବା ସ୍କୁବା ପ୍ରଶିକ୍ଷଣ ବ୍ୟବସ୍ଥାଟିକୁ ବ୍ୟବହାର କରି ପର୍ଯ୍ୟଟକଙ୍କୁ ସ୍କୁବା ଅନୁଭୂତି ମିଳିବ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପର୍ଯ୍ୟଟନ ସଚିବ ଡଃ ବଲୱନ୍ତ ସିଂହ, ପୋଲିସ ଡିଆଇଜି ଡ. ଉମା ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୋଲିସ୍ ହାଉସିଂ କର୍ପୋରେସନ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଧନ୍ୟବାଦ ଦେଇଥିଲେ।

## ତୃତୀୟ ବିଶ୍ୱ ...

ପୂର୍ବରୁ ରୁଷ୍ ଏବଂ ୟୁକ୍ରେନର ଯୁଦ୍ଧ ବନ୍ଦ କରିଦେବେ ବୋଲି ଟ୍ରମ୍ପ କହୁଥିଲେ। ଏବେ ତାଙ୍କ ମଧ୍ୟରେ ହତାଶା ଦେଖିବା ପାଇଁ ମିଳିଛି। ପୂର୍ବରୁ, ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ ଦୁଇ ଦେଶ ମଧ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ଆମେରିକା ଚେଷ୍ଟା କରୁଥିବା କଥା ସୂଚନା ଦେଇଥିଲେ। ଚାରି ବର୍ଷ ଧରି ଚାଲିଥିବା ଯୁଦ୍ଧର ଅନ୍ତ ହେବ। ଏ ବିଷୟରେ ବିଭିନ୍ନ ୟୁରୋପୀୟ ନେତାଙ୍କ ସହ ଆଲୋଚନା ଚାଲିଥିବା କଥା ସେ କହିଛନ୍ତି।

# ଜଖପୁରାରେ ରେଳ ସାଇଡିଂ ଯାଞ୍ଚ ସହ ଭିତ୍ତିଭୂମି କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଗୁରୁବାର ଯଖପୁରା ଗସ୍ତକରି ଏହି ଅଞ୍ଚଳରେ ରେଳବାଇର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଭିତ୍ତିଭୂମି ପ୍ରସ୍ତୁତିର ସମୀକ୍ଷା କରିବା ସହ ସାଇଡିଂଗୁଡ଼ିକର ଏକ ବ୍ୟାପକ ଯାଞ୍ଚ କରିଛନ୍ତି। ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ଏବଂ ବରିଷ୍ଠ ପରିଚାଳନା ପ୍ରବନ୍ଧକ ଆଶିଷ କୁମାର ସେନାପତିଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଯାଞ୍ଚ ସମୟରେ ଡିଆରଏମଙ୍କ ସହିତ ନୀରିକ୍ଷଣର ସହାୟତା କରିଥିଲେ।

ମଣ୍ଡଳ ରେଳ ପ୍ରବନ୍ଧକ ଖୋର୍ଦ୍ଧା ରୋଡ୍‌ରୁ ଜଖପୁରା ପର୍ଯ୍ୟନ୍ତ ଏକ ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରି ଟ୍ରାକ୍ ଅବସ୍ଥା, ସାଙ୍କେତିକ ପ୍ରଣାଳୀ, ଷ୍ଟେସନ ଗୁଡିକର ଭିତ୍ତିଭୂମି ଓ ସୁବିଧା ଏବଂ ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକରେ ଚାଲୁରହିଥିବା ଭିତ୍ତିଭୂମି ଉନ୍ନତିକୁ ନିକଟରୁ ପର୍ଯ୍ୟବେକ୍ଷଣ କରିଥିଲେ। ଏହି ନିରୀକ୍ଷଣର ଲକ୍ଷ୍ୟ ଥିଲା ନିରାପତ୍ତା, ସମୟାନୁବର୍ତ୍ତିତା ଏବଂ ଯାତ୍ରୀ ସୁବିଧାର ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା।

ନିରୀକ୍ଷଣ ସମୟରେ ଶ୍ରୀ ତ୍ରିପାଠୀ ଷ୍ଟେସନ ଭିତ୍ତିଭୂମି ଏବଂ ରକ୍ଷଣାବେକ୍ଷଣ, ମଧ୍ୟବର୍ତ୍ତୀ ଷ୍ଟେସନ ଗୁଡ଼ିକରେ ଯାତ୍ରୀ ସୁବିଧା, ଚାଲୁଥିବା ଟ୍ରାଫିକ ସୁବିଧା କାର୍ଯ୍ୟ ଏବଂ ସୁଗମ ଏଓ ବାଧାମୁକ୍ତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କରାଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତାକୁ ସୁଦୃଢ଼ କରିବା ଏବଂ ରେଳ ସେକ୍ସନ ସାରା ସେବା ଗୁଣବତ୍ତା ବୃଦ୍ଧି କରିବା ଉପରେ ଧ୍ୟାନ ଦିଆଯାଇଥିଲା। ନୁ ଭିଷ୍ଟା ଲିମିଟେଡ୍ ସାଇଡିଂରେ ଏକ ବିସ୍ତୃତ ଯାଞ୍ଚ ମଧ୍ୟ କରାଯାଇଥିଲା ଯେଉଁଥିରେ ଶ୍ରୀ ତ୍ରିପାଠୀ ସାଇଡିଂ କାର୍ଯ୍ୟକ୍ଷମ ଦକ୍ଷତା, ଲୋଡିଂ ଏବଂ ଅନଲୋଡିଂ ବ୍ୟବସ୍ଥା, ନିରାପତ୍ତା ମାର୍ଗଦର୍ଶିକା ଏବଂ ରେଳ ପରିଚାଳନା ଓ ସାଇଡିଂ ପରିଚାଳନା ମଧ୍ୟରେ ସମନ୍ୱୟର ସମୀକ୍ଷା କରିଥିଲେ। ଏହି ସମୀକ୍ଷାର ଉଦ୍ଦେଶ୍ୟ ଥିଲା ପଣ୍ୟ ପରିବହନ କ୍ଷମତା ବୃଦ୍ଧି କରିବା ଏବଂ ଶିଳ୍ପ ଗ୍ରାହକମାନଙ୍କ ପାଇଁ ନିର୍ବିଘ୍ନ ସଂଯୋଗୀକରଣ ସୁନିଶ୍ଚିତ କରିବା।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଭିତ୍ତିଭୂମିର ଉନ୍ନତିକରଣ, ଷ୍ଟେସନ ସୁବିଧାରେ ଉନ୍ନତି ଏବଂ କାର୍ଯ୍ୟକ୍ଷମ ପ୍ରକ୍ରିୟାକୁ ବୃଦ୍ଧି କରି ଯାତ୍ରୀ ଏବଂ ପଣ୍ୟ ପରିବହନ ସେବା ଉଭୟକୁ ପ୍ରାଥମିକତା ଦେଇ ଆସୁଅଛି। ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ନିୟମିତ ଯାଞ୍ଚ ନିରାପତ୍ତା, ସମୟାନୁବର୍ତ୍ତିତା ଏବଂ ଗ୍ରାହକ ସନ୍ତୋଷର ଉଚ୍ଚ ମାନଦଣ୍ଡ ବଜାୟ ରଖିବାରେ ସାହାଯ୍ୟ କରିବାକୁ ଆସ କରାଯାଉଅଛି।

ଭୁବନେଶ୍ୱର
୧୩ ଡିସେମ୍ବର,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ମାଲକାନଗିରି ହିଂସା ଘଟଣା : ସ୍ଥିତି ଅନୁଧ୍ୟାନ ପାଇଁ ଗ୍ରାଉଣ୍ଡ ଜିରୋକୁ ଯିବ ବିଜେଡି ଟିମ୍

ଭୁବନେଶ୍ୱର, ୧୨।୧୨
ନ୍ୟୁଜ୍‌ବ୍ୟୁରୋ

ମାଲକାନଗିରିରେ ଦେଖାଦେଇ ଥିବା ହିଂସାତ୍ମକ ଘଟଣାର ଅନୁଧ୍ୟାନ ପାଇଁ ଯିବ ବିଜେଡି ପ୍ରତିନିଧିଦଳ। ଏହି ପ୍ରତିନିଧି ଦଳରେ ଜିଲ୍ଲା ସଭାପତି ମାନସ ମାଡ଼କାମୀ, ବରିଷ୍ଠ ନେତା ରବି ନନ୍ଦ, ପ୍ରଦୀପ ମାଝୀ, ରମେଶ ମାଝୀ, ମନୋହର ରାନ୍ଧାରି, ଈଶ୍ୱର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ନାଏକ ପ୍ରମୁଖ ରହିଛନ୍ତି। ମାନସ ମାଡ଼କାମୀ ଏହି ପ୍ରତିନିଧି ଦଳର କାର୍ଯ୍ୟକ୍ରମକୁ ସଂଯୋଜନା କରିବେ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଏହି ପ୍ରତିନିଧି ଦଳ ଗଠନ କରାଯାଇଛି। ବିଜେଡି ପକ୍ଷରୁ କୁହାଯାଇଛି, ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ପରେ ମାଲକାନଗିରିର ଦୁଇଟି ଗାଁରେ ଭୟାନକ ହିଂସା ବ୍ୟାପୀ ଥିଲା। ୫୦ଟି ଘର ଜଳିଥିବାବେଳେ ୧୬୦ରୁ ଅଧିକ ଘର ନଷ୍ଟ ହୋଇଛି। ଶତାଧିକ ପରିବାର ଘର ଛାଡ଼ି ପଳାଇଛନ୍ତି। ଅନେକ ଲୋକେ ପାଖ ଗାଁରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ସରକାର ଜିଲ୍ଲାରେ ଶାନ୍ତି ଫେରାଇ ଆଣିବାକୁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଶାସନ ସୁରକ୍ଷା ଯୋଗାଇବା ସହ ଉଚିତ ନ୍ୟାୟ ପ୍ରଦାନ କରିବାକୁ ବିଜେଡି ଦାବି କରିଛି।

# ଶିକ୍ଷକ ଚାକିରିକୁ ନିୟମିତ ମାନ୍ୟତା ଦେବା ପାଇଁ ଓଟିଇଟି ଯୋଗ୍ୟତା ବାଧ୍ୟତାମୂଳକ ନୁହେଁ



କଟକ, ୧୨।୧୨
ନ୍ୟୁଜ୍‌ବ୍ୟୁରୋ

ଚାକିରିକୁ ନିୟମିତ ମାନ୍ୟତା ଦେବା ପାଇଁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଯୋଗ୍ୟତା ବାଧ୍ୟତାମୂଳକ ନୁହେଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ଓଟିଇଟି କେବଳ ଦରମା ବୃଦ୍ଧି ପାଇଁ ଆବଶ୍ୟକ। ଜଣେ ଗଣଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ରଙ୍କ ଚାକିରିକୁ ରାଜ୍ୟ ସରକାର ଓଟିଇଟି ଯୋଗ୍ୟତା ନ ଥିବା ଦର୍ଶାଇ ନିୟମିତ କରିବାକୁ ମନା କରିଦେଇଥିଲେ। ଏହା ବିରୁଦ୍ଧରେ ସନ୍ଧ୍ୟାରାଣୀ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଆବେଦନକାରିଣୀଙ୍କୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ଦର୍ଶାଇଛନ୍ତି ଯେ, ନିଯୁକ୍ତି ନିୟମିତ ପାଇଁ ଓଟିଇଟି ବାଧ୍ୟତାମୂଳକ ନୁହେଁ। ଅଧିକାରୀମାନଙ୍କ ତ୍ରୁଟି ଯୋଗୁଁ ଆବେଦନକାରିଣୀଙ୍କୁ ୮ ବର୍ଷର ସେବା ସୁବିଧା ନ ଦେବା ଅସାମ୍ବିଧାନିକ। ଜିଲ୍ଲାପାଳଙ୍କ ଯାଞ୍ଚ ରିପୋର୍ଟକୁ ଅଣଦେଖା କରିବା ଭୁଲ ଥିଲା। ଏଥିସହ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆବେଦନକାରିଣୀଙ୍କୁ ୨୦୦୮ ମସିହା ଫେବୃୟାରୀ ୨ ତାରିଖରୁ ନିୟମିତ ବୋଲି ଧରାଯାଉ ଏବଂ ସମସ୍ତ ଆର୍ଥିକ ଲାଭ ତିନି ମାସ ମଧ୍ୟରେ ପ୍ରଦାନ କରାଯାଉ।

# ଓଡ଼ିଶା ଆସୁଛନ୍ତି ଦେଶର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ



କଟକ, ୧୨।୧୨
ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୧୪ ତାରିଖରେ କଟକ ଆସୁଛନ୍ତି ଦେଶର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ। ଶହୀଦ ଭବନ ପରିସରରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରର ଆଲୋଚନାଚକ୍ରରେ ସାମିଲ ହେବେ ଜଷ୍ଟିସ ସୂର୍ଯ୍ୟକାନ୍ତ। ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି ସନ୍ଦର୍ଭରେ ପ୍ରଧାନ ବିଚାରପତି ତାଙ୍କର ମତ ପୋଷଣ କରିବେ। ଆଲୋଚନା ଚକ୍ରରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏବଂ ଷ୍ଟେଟ ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେବେ। ଉକ୍ତ ଦିନ ରାଜ୍ୟର ବରିଷ୍ଠ ଆଇନଜୀବୀ ଯେଉଁମାନେ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଓକିଲାତି ପେସାରେ ନିୟୋଜିତ ଅଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ।

# ଏମଭି-୨୬ ଗାଁକୁ ଫେରୁଛି ଶାନ୍ତି : ସ୍ଥିତି ସମୀକ୍ଷା କଲେ ଦକ୍ଷିଣାଞ୍ଚଳ ଆରଡିସି

ମାଲକାନଗିରି, ୧୨।୧୨
ନ୍ୟୁଜ୍‌ବ୍ୟୁରୋ



ମାଲକାନଗିରି ଜିଲ୍ଲା ଏମଭି-୨୬ ଗାଁକୁ ଫେରିଛି ଶାନ୍ତି। ଗୁରୁବାର ରାତିରେ ଗାଁରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତ ପଦକ୍ଷେପ ବିଷୟରେ ଆରଡିସିଙ୍କୁ ଅବଗତ କରାଇଛନ୍ତି। ଆରଡିସି ଏବଂ ଜିଲ୍ଲାପାଳ ଏମଭି-୨୬ର ପୀଡ଼ିତମାନଙ୍କ ସହ ଆଲୋଚନା କରିଛନ୍ତି। ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ହୋଇଯିବ ବୋଲି ଆରଡିସି ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଜିଲ୍ଲାପାଳ ଯେଉଁଭଳି ଭାବେ ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ତଦାରଖ କରିଛନ୍ତି ତାହା ପ୍ରଶଂସନୀୟ ବୋଲି ଆରଡିସି କହିଛନ୍ତି। ଆରଡିସି କହିଛନ୍ତି ଯେ, ଏପରି ସ୍ଥିତିରେ ରାତିରେ ସମଗ୍ର ପ୍ରଶାସନ ଉପସ୍ଥିତ ରହି ଥଇଥାନ ବ୍ୟବସ୍ଥାକୁ ଯେଉଁଭଳି ଯତ୍ନ ସହକାରେ ତଦାରଖ କରୁଛନ୍ତି ତାହା ଏକ ବିରାଟ ଉପଲବ୍ଧି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସେ ଏମଭି-୨୬ ଗାଁକୁ ଗସ୍ତ କରିଛନ୍ତି ଏବଂ ସମସ୍ତଙ୍କର ଯତ୍ନ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଶୁକ୍ରବାର ୨୦୬ ଜଣଙ୍କୁ ଟାରପଲିନ୍ ଓ କମ୍ବଳ ବଣ୍ଟନ କରାଯାଇଛି। ତା ସହିତ ପୀଡ଼ିତ ଗ୍ରାମବାସୀଙ୍କୁ ଦୁଇ ଗୋଟି ଖଟ ସାଙ୍ଗକୁ ଦୁଇ ଗୋଟି ବିଛଣା ଯୋଗାଇ ଦିଆଯାଇଛି। ଏମଭି-୨୬ ଗ୍ରାମର ପୁରୁଷ ସଦସ୍ୟମାନେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିବା କଥା ଜିଲ୍ଲାପାଳ ଆରଡିସିଙ୍କୁ ଜଣାଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇଛି। ବିଦ୍ୟୁତ୍ ସଂଯୋଗୀକରଣ ନିମନ୍ତେ ବିଦ୍ୟୁତ୍ ବିଭାଗ ତତ୍ପରତାର ସହ ଅହରହ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଘରକୁ ସୁରକ୍ଷିତ ଭାବେ ବିଦ୍ୟୁତ୍ ସଂଯୋଗୀକରଣ କରାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଏମଭି-୨୬ ଗ୍ରାମରେ ଉପସ୍ଥିତ ରହି ରିଲିଫ୍ କାର୍ଯ୍ୟ ତଦାରଖ କରିଛନ୍ତି। ରିଲିଫ୍ ସାମଗ୍ରୀ ବଣ୍ଟନ ନିମନ୍ତେ ରେଡ୍ କ୍ରସ୍ ସୋସାଇଟିକୁ ଅବଗତ କରାଯାଇଛି। ସେହିପରି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଗ୍ୟାସ୍ ସିଲିଣ୍ଡରଗୁଡିକର ସୁରକ୍ଷା ଦିଗରେ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ୍ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଶୁଖିଲା ଖାଦ୍ୟ ଗ୍ରାମର ପୁରୁଷମାନଙ୍କ ମାଧ୍ୟମରେ ପଠାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନୁରୂପ ଭାବେ ଶିଶୁଙ୍କ ଖାଦ୍ୟ ମଧ୍ୟ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଘରର ପୁରୁଷମାନଙ୍କ ପାଖରେ ପହଞ୍ଚାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ଫଳରେ ତାହା ଶିଶୁମାନଙ୍କ ପାଖରେ ପହଞ୍ଚି ପାରିବ ବୋଲି ଆରଡିସି କହିଥିଲେ। ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କଥା ମଧ୍ୟ ପଚାରି ବୁଝିଥିଲେ ଆରଡିସି। ପୀଡ଼ିତଙ୍କୁ ଉତ୍ତମ ଖାଦ୍ୟ ବ୍ୟବସ୍ଥାର ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ। ରାତ୍ରୀରେ ଫେରିଥିବା ଗ୍ରାମବାସୀଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଏମଭି-୨୬ ଗ୍ରାମରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିଛି। ସମଗ୍ର ଗ୍ରାମରେ ବିଏସଏଫ, ସିଆରପିଏଫ୍, ଆରଏଏଫ୍ ଓ ପୁଲିସ ବାହିନୀକୁ ମୁତୟନ କରାଯାଇଛି। ଧୀରେ ଧୀରେ ଏମଭି-୨୬ ଗ୍ରାମର ପରିସ୍ଥିତି ସୁଧୁରିଛି। ସୂଚନା ଥାଉକି ସମଗ୍ର ଜିଲ୍ଲାରେ ଆଉ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି।

## ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନେଇ ମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

ଭୁବନେଶ୍ୱର, ୧୨।୧୨
ନ୍ୟୁଜ୍‌ବ୍ୟୁରୋ

ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ମନରେଗା ସମ୍ମିଳନୀ କକ୍ଷରେ ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ରାଜ୍ୟସ୍ତରୀୟ ତ୍ରିଦିବସୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଡିସେମ୍ବର ୧୦ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୨ ତାରିଖ ଯାଏଁ ତିନି ରାଜସ୍ୱ ଡିଭିଜନ ଅନ୍ତର୍ଗତ ସମସ୍ତ ୩୫ଟି ପାନୀୟ ଜଳ ଡିଭିଜନର ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କଠୋର ଆଭିମୁଖ୍ୟ ଗ୍ରହଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ନହେଲେ କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହ ତାଙ୍କ ବିରୋଧରେ ଏଫଆଇଆର ଦାୟର କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକର ପ୍ରଥମ ଦିନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୨ଟି ପାନୀୟ ଜଳ ଡିଭିଜନ ଯଥା : ଆଠଗଡ଼, ବାଲେଶ୍ୱର, ବାରିପଦା, ଭଦ୍ରକ, ଭୁବନେଶ୍ୱର, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ପୁରୀ ଓ ରାଇରଙ୍ଗପୁରର ୬୮ ଗୋଟି ବୃହତ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଥିଲା। ଏହା ମଧ୍ୟରୁ ୮ ଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଥିବାବେଳେ ମନ୍ତ୍ରୀଙ୍କ ଦ୍ୱାରା ଅବଶିଷ୍ଟ ୬୦ ଗୋଟି ନିର୍ମାଣଧୀନ ପ୍ରକଳ୍ପର ସବିଶେଷ ସମୀକ୍ଷା ହୋଇଥିଲା।

ଦ୍ୱିତୀୟ ଦିନରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୪ଟି ପାନୀୟ ଜଳ ଡିଭିଜନର ୭୭ ଗୋଟି ବୃହତ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଥିଲା। ତୃତୀୟ ଦିନରେ ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୯ ଟି ପାନୀୟ ଜଳ ଡିଭିଜନର ୬୨ ଗୋଟି ବୃହତ ପାଇପ୍ ପାନୀୟ ଜଳଯୋଗାଣ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଥିଲା।

ଏହି ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ନିକଟରେ ବିଭାଗୀୟ ସଚିବ ଏସଏନ୍ ଗିରୀଶ ଡିଭିଜନୱାରୀ ତଥ୍ୟ ରଖିଥିଲେ। ପାନୀୟଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ପ୍ରତିଟି ପ୍ରକଳ୍ପ ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ଶିଆଳ, ପାନୀୟ ଜଳ ଡିଭିଜନର ବିଭାଗୀୟ ଅଧିକାରୀବୃନ୍ଦ, ନିର୍ମାଣକାରୀ ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

## ରେଳଯାତ୍ରୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା

# ୨୦୨୪-୨୫ରେ ରେଳ ଦୁର୍ଘଟଣା ରେକର୍ଡ ସଂଖ୍ୟକ ହ୍ରାସ

ଭୁବନେଶ୍ୱର, ୧୨।୧୨
ନ୍ୟୁଜ୍‌ବ୍ୟୁରୋ



ରେଳ ଦୁର୍ଘଟଣାରେ ରେକର୍ଡ ସଂଖ୍ୟକ ହ୍ରାସ। ଏକ ଦଶନ୍ଧିରେ ୯୦ ପ୍ରତିଶତରୁ ଅଧିକ ହୋଇଛି କମ୍ ଦୁର୍ଘଟଣା। ଟ୍ରେନ୍ ଅପରେସନର ଭବିଷ୍ୟ ବଦଳାଇଦେଲା କବଚ ୪.୦। ଭାରତୀୟ ରେଲୱେରେ ଦୁର୍ଘଟଣା ସଂଖ୍ୟାରେ ଐତିହାସିକ ହ୍ରାସ ଘଟିଛି। ୨୦୧୪-୧୫ ରେ ୧୩୫ ଦୁର୍ଘଟଣା ଘଟିଥିବା ବେଳେ ୨୦୨୪-୨୫ରେ ୩୧ ଓ ୨୦୨୫-୨୬ରେ କେବଳ ୧୧ ଦୁର୍ଘଟଣା ଘଟିଛି। ଅତ୍ୟାଧୁନିକ ଟେକନିକ୍ ଓ କବଚ ୪.୦ ଭଳି ସ୍ୱଦେଶୀ ସୁରକ୍ଷା ସିଷ୍ଟମ୍ କାରଣରୁ ଦୁର୍ଘଟଣା ଦ୍ରୁତ ଗତିରେ ହ୍ରାସ ପାଇଛି। ଦିଲ୍ଲୀ- ମୁମ୍ବାଇ ଏବଂ ଦିଲ୍ଲୀ-ହାୱଡା ରୁଟ୍‌ରେ କବଚ ସଫଳତାପୂର୍ବକ ଦିଲ୍ଲୀ-ମୁମ୍ବାଇ ଏବଂ ଦିଲ୍ଲୀ-ହାୱଡା ରୁଟରେ କବଚକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ପରେ, ଏହାକୁ ଏବେ ୧୫,୫୧୨ ଆରକେଏମକୁ ବିସ୍ତାର କରାଯାଉଛି। କବଚ ୪.୦ ନିର୍ଦ୍ଦିଷ୍ଟକରଣକୁ ଆରଡିଏସଓ ମଞ୍ଜୁରୀ ପ୍ରଦାନ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ କବଚ ୩.୨କୁ ଦକ୍ଷିଣ ମଧ୍ୟ ରେଲୱେର ୧୪୬୫ ଆରକେଏମ୍ ଏବଂ ଉତ୍ତର ମଧ୍ୟ ରେଲୱେରେ ୮୦ ଆରକେଏମ୍ ପର୍ଯ୍ୟନ୍ତ ଖଞ୍ଜା ଯାଇଥିଲା। ମାତ୍ର ଏହାକୁ ଅପଗ୍ରେଡ୍ କରି କବଚ ୪.୦କୁ ଆରଡିଏସଓ ୧୬ ଜୁଲାଇ ୨୦୨୪ରୁ ମଞ୍ଜୁରି ମିଳିଥିଲା। ଏହାର ଲମ୍ବା ଟ୍ରାଏଲ ପ୍ରକ୍ରିୟା ପରେ କବଚ ୪.୦କୁ ପାଲୱଲ-ମଥୁରା-କୋଟା-ନାଗାଦା (୬୩୩ ଆରକେଏମ) ଏବଂ ହାୱଡ଼ା-ବର୍ଦ୍ଧମାନ (୧୦୫ ଆରକେଏମ) ସେକ୍ସନରେ ସଫଳତାପୂର୍ବକ ଲାଗୁ କରାଯାଇଛି। ଏହି ଦୁଇ କରିଡୋର ଦିଲ୍ଲୀ-ମୁମ୍ବାଇ ଏବଂ ଦିଲ୍ଲୀ-ହାୱଡ଼ା ମୁଖ୍ୟ ମାର୍ଗର ଅଂଶ।

ଏବେ ଏହି ଦୁଇ ପ୍ରମୁଖ ଉଚ୍ଚ-ଘନତ୍ୱ ମାର୍ଗର ଶେଷ ଅଂଶରେ କବଚ ଲଗାଇବା କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ଏହା ସହିତ ଭାରତୀୟ ରେଲୱେ ୧୫, ୫୧୨ ଆରକେଏମରେ କବଚ ଲଗାଇବା ପାଇଁ ପ୍ରକ୍ରିୟା କରଣ ଆରମ୍ଭ କରିଦେଇଛି।

ରେଳ ମନ୍ତ୍ରଣାଳୟ ଅନୁଯାୟୀ, କବଚ ଟେକ୍ନୋଲୋଜି ଟ୍ରେନରେ ସ୍ୱୟଂଚାଳିତ ବ୍ରେକିଂ, ସିଗନାଲ୍ ସିଷ୍ଟମ ଏବଂ ଦୁର୍ଘଟଣା ରୋକିବାରେ ବଡ଼ ଭୂମିକା ଗ୍ରହଣ କରୁଛି। ଏହା ଭବିଷ୍ୟତରେ ରେଳ ଦୁର୍ଘଟଣା ହ୍ରାସ ପାଇବ ବୋଲି ଆଶା ରଖିଛି ଭାରତୀୟ ରେଳ ବିଭାଗ।

# ଶ୍ରୀଲିଙ୍ଗରାଜଙ୍କ କଣ୍ଠରେ ଫାଟ : ବିନା କରାଳରେ ବିତିଲାଣି ୩୦ବର୍ଷ

ଭୁବନେଶ୍ୱର, ୧୨।୧୨
ନ୍ୟୁଜ୍‌ବ୍ୟୁରୋ




ଶ୍ରୀଲିଙ୍ଗରାଜ ମନ୍ଦିରରେ ପୂଜା ପାଉଥିବା ଶ୍ରୀଲିଙ୍ଗ ଓ ଶକ୍ତି ମଧ୍ୟରେ ଥିବା ସଂଯୋଗ ସ୍ଥାନକୁ କଣ୍ଠ କୁହାଯାଏ। ଉଦ୍‌ବେଗର ବିଷୟ ଯତ୍ନ ଅଭାବରୁ ଏହି କଣ୍ଠରେ ଫାଟ ସୃଷ୍ଟି ହୋଇଛି। ଦୀର୍ଘ ୩୦ ବର୍ଷ ହେଲା ଏଥିରେ କରାଳ ଦିଆଯାଇ ନଥିବାରୁ ଏହି ଫାଟ ଦେଖାଯାଇଛି। ପ୍ରାୟ ୧୪ ଇଞ୍ଚ ପର୍ଯ୍ୟନ୍ତ ଫାଟ ହୋଇଥିବା ଦେଖାଗଲାଣି। ଏପରିକି ଏହି ଫାଟରେ ପ୍ରାୟ ୪ ଆଙ୍ଗୁଳି ଗଳିଯିବା ଭଳି ଅବସ୍ଥା ହୋଇଥିବାରୁ ସେବାୟତମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ଫାଟ ମରାମତି ନ ହେଲେ ମୁଖ୍ୟଲିଙ୍ଗ କ୍ଷୟ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଜଳଲାଗି କରିବାଠାରୁ ଆରମ୍ଭ କରି କ୍ଷୀର ଢାଳିବା, ରୁଦ୍ରାଭିଷେକ କରିବା, ମାଜଣା କରିବା ସହ ଶ୍ରୀଲିଙ୍ଗରେ ଘର୍ଷଣ କରିଥା'ନ୍ତି। ମାନସିକ ପୂରଣ ପାଇଁ ଭକ୍ତମାନେ ଶ୍ରୀଲିଙ୍ଗ ଓ ଶକ୍ତିରେ ନୈବେଦ୍ୟ ଅର୍ପଣ କରନ୍ତି। ଫଳରେ ଶ୍ରୀଲିଙ୍ଗ ଓ ଶକ୍ତି ମଧ୍ୟରେ ଥିବା ସଂଯୋଗସ୍ଥଳ କଣ୍ଠରେ ବିଭିନ୍ନ ଭୋଗସାମଗ୍ରୀ ଲାଗିରହିଯାଏ। ଶକ୍ତିର ସୁରକ୍ଷା ପାଇଁ ରୁପା ଆବରଣ ଦିଆଯାଇଛି। କିନ୍ତୁ ଏହା ମଝିରେ ଥିବା ଖାଲି ସ୍ଥାନରେ ଲହୁଣି, ନବାତ ଭଳି ଭୋଗ ପଦାର୍ଥ ଜମି ରହୁଛି। ଶକ୍ତି ଓ ଶ୍ରୀଲିଙ୍ଗର ଏହି ସଂଯୋଗସ୍ଥାନରେ ଏହି ଫାଟ ବହୁ ପୁରୁଣା କାଳରୁ ରହିଛି ବୋଲି ମନ୍ଦିର ଟ୍ରଷ୍ଟି ଅଗାଧୁ ପୂଜାପଣ୍ଡା କହିଛନ୍ତି। ତେବେ ଏହି ଫାଟକୁ କରାଳ ଲଗାଯାଇ ବନ୍ଦ କରାଯାଏ। ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ କରାଳ ଯୋଗାଇଦିଆଯାଏ ଏବଂ ସେବାୟତମାନେ କରାଳ ଲେପ ଦେଇ ଫାଟକୁ ବନ୍ଦ କରିଦିଅନ୍ତି। କରାଳ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ପଦ୍ଧତି ଓ ବିଧିବିଧାନ ରହିଛି। ନୂଆ ଗାମୁଛା, ଝୁଣା, ଲାଖ, ଗୁଡ଼, ରାଶି ତେଲ, କର୍ପୂର ମିଶ୍ରଣରେ କରାଳ ପ୍ରସ୍ତୁତ କରାଯାଇଥାଏ। ମାତ୍ର ପ୍ରାୟ ୩୦ ବର୍ଷ ହେଲା କରାଳ ଦିଆଯାଉନାହିଁ। ଫଳରେ କଣ୍ଠରେ ଫାଙ୍କା ବା ଫାଟ ଦେଖାଯାଉଛି ବୋଲି ଶ୍ରୀ ପୂଜାପଣ୍ଡା କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଏହି ଫାଙ୍କରେ ବେଳେବେଳେ ପାଦୁକ ଜମି ରହି ଦୁର୍ଗନ୍ଧ ସୃଷ୍ଟି ହେଉଛି। ଫଳମୂଳ, ପଞ୍ଚାମୃତ, ଘିଅ, କ୍ଷୀର ଆଦି ଭୋଗ ସେଠାରେ ଜମି ରହିବା ଦ୍ୱାରା ଫାଟ ଦିନକୁ ଦିନ ବୃଦ୍ଧିପାଉଛି। ଏହାର ସୁରକ୍ଷା ପ୍ରତି ଧ୍ୟାନ ଦିଆ ନଗଲେ, ଆଗକୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶ୍ରୀଲିଙ୍ଗରାଜଙ୍କ ଶ୍ରୀଲିଙ୍ଗ ଦର୍ଶନରୁ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏନେଇ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କୁହନ୍ତି ଯେ ସେମାନେ ପିଲାବେଳୁ ଦେଖିଆସିଛନ୍ତି ଯେ ବରିଷ୍ଠ ବଡୁ ସେବାୟତମାନେ ଶ୍ରୀଲିଙ୍ଗରାଜଙ୍କ କଣ୍ଠରେ କରାଳ ଦେଇଥାନ୍ତି। ମାତ୍ର ବହୁ ବର୍ଷ ହେଲା ଶ୍ରୀଲିଙ୍ଗର କଣ୍ଠ ବିନା କରାଳରେ ରହିଛି। ଫଳରେ ପ୍ରାୟ ଏକ ଫୁଟ୍‌ରୁ ଉର୍ଦ୍ଧ୍ୱ ଫାଟ ସୃଷ୍ଟି ହେଲାଣି। ଏଥିପାଇଁ ଶକ୍ତି ଅସୁରକ୍ଷିତ ହୋଇପଡୁଛି। ପ୍ରଶାସନ ଏଥିପାଇଁ ତୁରନ୍ତ ପଦକ୍ଷେପ ନେବା ଉଚିତ। ବଡୁ ସେବାୟତମାନେ ଏହାକୁ ଶୀଘ୍ର ଅଭିଜ୍ଞ ସେବାୟତଙ୍କ ମତ ନେଇ କରାଳ କରିବା ଆବଶ୍ୟକ ହୋଇପଡ଼ିଛି। ସୂଚନାଯୋଗ୍ୟ ଯେ କରାଳ ଲଗାଇବା ପାଇଁ ଏଏସ୍‌ଆଇ ଓ ମନ୍ଦିର ପ୍ରାଶସନ ପକ୍ଷରୁ ବର୍ଷେ ହେଲା ଅନୁମତି ଦିଆଯାଇଛି ଏବଂ ଏହା ଟ୍ରଷ୍ଟ ବୋର୍ଡର ଅନୁମୋଦନ ଲାଭ କରିଛି। ଏହା ପୂର୍ବରୁ ୧୯୯୮ ମସିହାରେ କରାଳ ଦିଆଯାଇଥିଲା। ଏହାପରଠୁ ଆଉ କରାଳ ଦିଆଯାଇନାହିଁ। ଖୁବ୍ ଶୀଘ୍ର ଶ୍ରୀଲିଙ୍ଗଙ୍କ କଣ୍ଠରେ କରାଳ ଦିଆଯିବ ଏବଂ ମନ୍ଦିର ପ୍ରଶାସନ ସବୁ ଯୋଗାଇବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ପ୍ରସାଦ ମହାନ୍ତି କହିଛନ୍ତି। ଘୋଡ଼ଣି ଉଠାଇ ଶକ୍ତିଙ୍କ ଦର୍ଶନ ଅଭିଯୋଗ ଶ୍ରୀଲିଙ୍ଗରାଜଙ୍କ ଶକ୍ତି ଉପରେ ରୁପା ଘୋଡ଼ଣି ଲାଗିଛି। ଶକ୍ତିର ସୁରକ୍ଷା ଓ କଣ୍ଠର ସୁରକ୍ଷା ପାଇଁ ରୁପା ଘୋଡ଼ଣି ଲାଗିଛି। ପରିତାପର ବିଷୟ କିଛି ବଡୁ ସେବାୟତମାନେ ତାଙ୍କ ଯଜମାନଙ୍କୁ ଶକ୍ତି ଦର୍ଶନ କରାଇବା ପାଇଁ ଘୋଡ଼ଣିକୁ ଉଠାଇବା ଅଭିଯୋଗ ହେଉଛି। ବ୍ରାହ୍ମଣ କିମ୍ବା ପୂଜାପଣ୍ଡା ସେବାୟତମାନେ ତାଙ୍କ ଯଜମାନଙ୍କୁ ଶକ୍ତି ଦର୍ଶନ କରାଇବା ପାଇଁ ଘୋଡ଼ଣି ଉଠାଇବା ଲାଗି ପାଳିଆ ବଡୁମାନେ ୫ଶହ ଟଙ୍କା ଦାବି କରୁଛନ୍ତି। ଏପରି ବାରମ୍ବାର ଘୋଡ଼ଣି ଉଠାଇବା ନେଇ କୌଣସି ନିୟମ ନାହିଁ। ମାତ୍ର ବଡୁ ସେବାୟତମାନେ ଏପରି କରୁଥିବା ନେଇ ବ୍ରାହ୍ମଣ ନିଯୋଗ ଓ ପୂଜାପଣ୍ଡା ନିଯୋଗ ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ହେଲେ ଶକ୍ତି ଅସୁରକ୍ଷିତ ହୋଇପଡ଼ିବ ବୋଲି ଆଶଙ୍କା କରାଯାଉଛି। ଏହି ଅଭିଯୋଗକୁ ନେଇ ଟ୍ରଷ୍ଟ ବୋର୍ଡରେ ଆଲୋଚନା କରାଯିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ପ୍ରସାଦ ମହାନ୍ତି କହିଛନ୍ତି।

## ଜାନୁଆରୀ ୨୩ରୁ ଖଣ୍ଡଗିରି କୁମ୍ଭମେଳା

# ଅବହେଳିତ ଐତିହ୍ୟ ସମ୍ବଳିତ ୫ ପବିତ୍ର କୁଣ୍ଡ, ସଫେଇରେ ସୀମିତ ଏଏସ୍‌ଆଇ

ଭୁବନେଶ୍ୱର, ୧୨।୧୨
ନ୍ୟୁଜ୍‌ବ୍ୟୁରୋ



ପଚିଗଲାଣି ପଞ୍ଚତୀର୍ଥ ଜଳ। ଐତିହ୍ୟ ସମ୍ବଳିତ ଖଣ୍ଡଗିରି-ଉଦୟଗିରିରେ ଅବସ୍ଥିତ ପଞ୍ଚତୀର୍ଥ କୁଣ୍ଡ। ନଜର ଆଢୁଆଳରେ ରହିଛି ଏହି ୫ ଐତିହ୍ୟ କୁଣ୍ଡ। ଯାହା ସହିତ ଯୋଡ଼ି ହୋଇ ରହିଛି ଅନେକ ଇତିହାସ, ଲୋକକଥା ଓ କିମ୍ବଦନ୍ତୀ। ମାତ୍ର ଦୁଃଖ, ଏକଥା କେହି ଜାଣନ୍ତି ନାହିଁ। ମାଘ ମେଳା ବା କୁମ୍ଭମେଳା ଆସିଲେ ଏଠି ପ୍ରବଳ ଭିଡ଼ ହୁଏ। ଟିଭି, ଖବର କାଗଜରେ ଚର୍ଚ୍ଚା ହୁଏ। ନାନା ଲୋକ ନାନା ମତ ଦିଅନ୍ତି। ପର୍ଯ୍ୟଟକ ଜାଣନ୍ତି କମ୍, ଫଟୋ ଉଠାଇବାକୁ ବେଶି ଆସନ୍ତି। ବାକି ବର୍ଷସାରା କାହାରି ଦେଖା ମିଳେନି। ନା ଲୋକେ ଯାଆନ୍ତି ନା ସଂରକ୍ଷଣ, ସୁରକ୍ଷା ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ଅଧିକାରୀଙ୍କ ପାଦ ପଡ଼େ। କୁଣ୍ଡସବୁ ଦିନେ ଇତିହାସ ପାଲଟିଯିବ! ଗୁପ୍ତଗଙ୍ଗା, ଆକାଶଗଙ୍ଗା, ରାଧାକୁଣ୍ଡ, ଶ୍ୟାମକୁଣ୍ଡ ଓ ଲଳିତାକୁଣ୍ଡ ନାମରେ ନାମିତ ଏହି ପଞ୍ଚକୁଣ୍ଡ। ଖଣ୍ଡଗିରି ଉପରେ ଗୁପ୍ତଗଙ୍ଗା, ଆକାଶଗଙ୍ଗା, ରାଧାକୁଣ୍ଡ ଓ ଶ୍ୟାମକୁଣ୍ଡ ଥିଲା ବେଳେ ଉଦୟଗିରିରେ ରହିଛି ଲଳିତା କୁଣ୍ଡ। ଯେଉଁଠି କୁମ୍ଭମେଳାରେ ବୁଡ଼ ପକାଇଲେ ତ୍ରିବେଣୀ ସଙ୍ଗମ ବୁଡ଼ ସହ ସମାନ ବୋଲି ବିଶ୍ୱାସ ରହିଛି। ୫ଟି କୁଣ୍ଡ ପାଇଁ ଏହାକୁ ପଞ୍ଚତୀର୍ଥ ଭାବରେ ମଧ୍ୟ ବିବେଚନା କରାଯାଏ। ଏଠାରେ ବୁଡ଼ ପକାଇଲେ ଅନେକ ରୋଗ, ଶୋକରୁ ମୁକ୍ତି ସହ ମୋକ୍ଷପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ। ହେଲେ ଏବେ ଏହି କୁଣ୍ଡଗୁଡ଼ିକର ହାଲ୍ ପୂରା ବେହାଲ। କାଚକେନ୍ଦୁ ପାଣି ବଦଳରେ ପୂରା ପଚା କଳା ପାଣି। ପାଣିରୁ ଦୁର୍ଗନ୍ଧ ବାହାରୁଛି। ସ୍ଥାନୀୟ ଲୋକଙ୍କ କହିବା କଥା, ଆସନ୍ତା ଜାନୁଆରୀ ୨୩ରୁ ଆରମ୍ଭ ହେବ ପ୍ରସିଦ୍ଧ ଖଣ୍ଡିଗିରି ମାଘ ମେଳା। ଆଉ ମାତ୍ର ମାସେ। ସେ ଭିତରେ ଯଦି କୁଣ୍ଡଗୁଡ଼ିକ ସଫା ନହୁଏ ତେବେ ସାଧୁମାନେ ସେହି ପଚାପାଣିରେ ପଞ୍ଚତୀର୍ଥ ସ୍ନାନ କରିବେ।

ଗବେଷକଙ୍କ କହିବା କଥା, ଆକାଶଗଙ୍ଗା ଓ ଗୁପ୍ତଗଙ୍ଗା ଦ୍ୱୟ ପ୍ରାକୃତିକ ସୁଡ଼ଙ୍ଗ, ଯାହା ସମ୍ପୂର୍ଣ୍ଣ ଅବହେଳିତ। ଅନ୍ୟ ୩ଟି ରାଧାକୁଣ୍ଡ, ଶ୍ୟାମକୁଣ୍ଡ ଓ ଲଳିତାକୁଣ୍ଡ ମଣିଷକୃତ ଜଳାଶୟ। ସେଥିରୁ ପ୍ରତିବର୍ଷ କୁମ୍ଭମେଳାରେ ରାଧାକୁଣ୍ଡରେ ସାଧୁସନ୍ଥ ସ୍ନାନ ଓ ଜଳ ତର୍ପଣ କରନ୍ତି। ମୁନିଋଷିଙ୍କ ବ୍ୟବହାର ପାଇଁ ସମ୍ରାଟ ଖାରବେଳଙ୍କ ସମୟରେ ଏହି କୁଣ୍ଡ ସବୁ ଖୋଳା ହୋଇଥିଲା। ଆଜି ଏହାର ବ୍ୟବହାର ହେଉନଥିଲେ ବି କେବଳ ମୂକସାକ୍ଷୀ ହୋଇ ଐତିହାସିକ ସ୍ୱାକ୍ଷର ବହନ କରୁଛି। ଗୁପ୍ତଗଙ୍ଗାରେ ପାଣି ନାହିଁ କି ପହଞ୍ଚିବାକୁ ବାଟ ନାହିଁ। ସେହିପରି ମାଘସପ୍ତମୀ ରାତିରେ ପ୍ରଭୁ ଅନନ୍ତ କେଶରୀ ଲଳିତାକୁଣ୍ଡରେ ଚାପ ଖେଳିବାର ବିଧି ଥିଲା। କିନ୍ତୁ ସେଠାରେ ମଇଳା ପାଣି ସାଙ୍ଗକୁ ରାସ୍ତା ବନ୍ଦ ଯୋଗୁ ପ୍ରଭୁଙ୍କ ନୀତି ବି ସବୁଦିନ ଲାଗି ବନ୍ଦ ହୋଇଗଲା। ଦିନ ଆସିବ, ଏ କୁଣ୍ଡ କଥା କେବଳ ଫଟୋଚିତ୍ରରେ ଥିବ। କିନ୍ତୁ କୁଣ୍ଡ ନଥିବ।

ସ୍ଥାନୀୟ ଅଞ୍ଚଳର ପୂର୍ବତନ କର୍ପୋରେଟର୍ ରଘୁ ମହାନ୍ତି କହିଛନ୍ତି, ବର୍ଷ ତମାମ ହଜାର ହଜାର ପର୍ଯ୍ୟଟକ ଓ ଗବେଷକ ଆସୁଛନ୍ତି। କିନ୍ତୁ ସ୍ଥାନର ବିକାଶ ନାହିଁ। କୁଣ୍ଡଗୁଡ଼ିକ ଚାରିପାଖରେ ବ୍ୟାରିକେଡ୍ ସହ ପୁନରୁଦ୍ଧାର ପାଇଁ ଭୁବନେଶ୍ୱର ମହାନଗର ନିଗମଠୁ ନେଇ ଏଏସ୍‌ଆଇ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଦାବି ହୋଇ ଆସୁଥିଲେ ବି କେହି ଶୁଣୁ ନାହାନ୍ତି।

ଖଣ୍ଡଗିରି କୁମ୍ଭମେଳାର ଆବାହକ ବାବା ପଞ୍ଚଦେବ କହିଛନ୍ତି, ପବିତ୍ର କୁଣ୍ଡର ପବିତ୍ରତାକୁ ନଷ୍ଟ କରିଦେଲେ। ସରକାର ଯତ୍ନ ନେଲେ ଏହା ପର୍ଯ୍ୟଟକ ଆକର୍ଷଣର କେନ୍ଦ୍ର ପାଲଟି ପାରନ୍ତା। ଦୁଃଖ ଲାଗୁଛି, ଏତେ ନିବେଦନ ପରେ ବି କେହି ଧ୍ୟାନ ଦେଉ ନାହାନ୍ତି। ଏଏସ୍‌ଆଇ ଭୁବନେଶ୍ୱର ସର୍କଲ୍‌ର ଅଧୀକ୍ଷକ ଡ. ନନ୍ଦ କିଶୋର କହିଛନ୍ତି, କୁଣ୍ଡଗୁଡ଼ିକର ସଫେଇ ପ୍ରତି ସଜାଗ ଅଛୁ। ବିଭିନ୍ନ ସମୟରେ ସଫା କରୁଛୁ। ବାକି କାମ ପର୍ଯ୍ୟାୟକ୍ରମେ ହେବ।

## ପ୍ରଧାନମନ୍ତ୍ରୀ ଗତି ଶକ୍ତି ଅଧୀନରେ ପ୍ରସ୍ତୁତ ହେବ ଓଡ଼ିଶା ମାଷ୍ଟର ପ୍ଲାନ, ବିଆଇଏସଏଜି-ଏନ ସହିତ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, ୧୨।୧୨
ନ୍ୟୁଜ୍‌ବ୍ୟୁରୋ

ପ୍ରଧାନମନ୍ତ୍ରୀ ଗତି ଶକ୍ତି ଅଧୀନରେ ପ୍ରସ୍ତୁତ ହେବ ଓଡ଼ିଶା ମାଷ୍ଟର ପ୍ଲାନ। ବିଆଇଏସଏଜି-ଏନ ସହିତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ବାଣିଜ୍ୟ ଏବଂ ପରିବହନ ବିଭାଗ ମାଧ୍ୟମରେ ରାଜ୍ୟ ସରକାର ଭାସ୍କରାଚାର୍ଯ୍ୟ ନ୍ୟାସନାଲ୍ ଇନଷ୍ଟିଟ୍ୟୁଟ୍ ଫର୍ ସ୍ପେସ୍ ଆପ୍ଲିକେସନ୍ସ ଆଣ୍ଡ୍ ଜିଓ-ଇନଫର୍ମେଟିକ୍ସ (ବିଆଇଏସଏଜି-ଏନ) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

ଏହି ବୁଝାମଣାପତ୍ର ସ୍ୱାକ୍ଷର ଉତ୍ସବରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର୍ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର, ପ୍ରମୁଖ ସଚିବ ଉଷା ପାଢୀ ଏବଂ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଆଇଏସଏଜି-ଏନର ମହାନିର୍ଦ୍ଦେଶକ ଟି.ପି. ସିଂହ ଏବଂ ତାଙ୍କ ଟିମ୍ ଉପସ୍ଥିତ ଥିଲେ। ଏହି ସହଯୋଗ ଭବିଷ୍ୟତରେ ଓଡ଼ିଶା ପାଇଁ ସମନ୍ୱିତ ଭିତ୍ତିଭୂମି ଯୋଜନା ଏବଂ ଉନ୍ନତ ଡିଜିଟାଲ୍ ଶାସନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଜୈବିକ ଚାଷକୁ ରାଜ୍ୟ ସରକାରଙ୍କ ପ୍ରାଥମିକତା

ଭୁବନେଶ୍ୱର, ୧୨।୧୨
ନ୍ୟୁଜ୍‌ବ୍ୟୁରୋ

କୃଷି ଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ବିହନ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥାର ୫୧ତମ ଓ ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥାର ପଞ୍ଚମ ପରିଚାଳନାମଣ୍ଡଳୀ ବୈଠକ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟରେ ଜୈବିକ କୃଷି, ଜୈବିକ ପ୍ରମାଣନ ତଥା ପ୍ରମାଣିତ ବିହନ ଚାଷୀମାନଙ୍କ ପାଇଁ ଏକ ନୂତନ ସୁଯୋଗ ସୃଷ୍ଟି କରୁଛି। ରାଜ୍ୟ ସରକାରଙ୍କ ତରଫରୁ ଜୈବିକ ଚାଷକୁ ଅଧିକରୁ ଅଧିକ ପ୍ରୋତ୍ସାହନ ଦେବା ସହ ଆଗାମୀ ଦିନରେ ବଳଭଦ୍ର ଜୈବିକ ଚାଷ ମିଶନ ଅଧୀନରେ ଅଧିକ ଚାଷଜମି ସାମିଲ ହେବାକୁ ଯାଉଛି। ବର୍ତ୍ତମାନ ସମୟରେ ଅମୃତ ଅନ୍ନ ପ୍ରକଳ୍ପ ଜରିଆରେ ଶ୍ରୀମନ୍ଦିରରେ ମଧ୍ୟ ପ୍ରମାଣିତ ଜୈବିକ ଚାଉଳକୁ କୋଠଭୋଗରେ ବ୍ୟବହାର କରାଯାଉଛି। ତେବେ ରାଜ୍ୟରେ ଜୈବିକ କୃଷି କ୍ଷେତ୍ର ସଂଖ୍ୟା ବୃଦ୍ଧି କରିବା ସହ ଅଧିକ ଚାଷୀଙ୍କୁ ଏହି ପ୍ରମାଣନ ପ୍ରକ୍ରିୟାରେ ସାମିଲ କରିବାକୁ କୃଷି ସଚିବ ଏହି ବୈଠକରେ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ କୁଲାଙ୍ଗେ ଗୋରଖ ୱାମନ ଉପସ୍ଥିତ ଥିଲେ। ଏହା ସହ ଓଡ଼ିଶା ରାଜ୍ୟ ବିହନ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା ଓ ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥାର କୃଷି ଅଧିକାରୀ, ପରିଚାଳନା ମଣ୍ଡଳୀ ସଦସ୍ୟ ତଥା ଚାଷୀ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା ତରଫରୁ ସଫଳ କୃଷକଙ୍କ କାହାଣୀ ସମ୍ବଳିତ ପୁସ୍ତିକା, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା ଓ ଓଡ଼ିଶା ରାଜ୍ୟ ବିହନ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥାର ବାର୍ଷିକ ବିବରଣୀ ପୁସ୍ତିକା ମଧ୍ୟ ଉନ୍ମୋଚନ ହୋଇଥିଲା। ଚାଷୀ ମାନଙ୍କୁ ସଠିକ୍ ବିହନ ଓ ପ୍ରମାଣନ କିପରି ପ୍ରଦାନ କରିହେବ ସେ ଦିଗରେ ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ଗୁରୁତ୍ୱ ଦେଇଥିଲେ। ସମ୍ପୂର୍ଣ୍ଣ ବୈଠକରେ ଓଡ଼ିଶା ରାଜ୍ୟ ବିହନ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥାର ନିର୍ଦ୍ଦେଶକ ରବି ନାରାୟଣ ପଣ୍ଡା ବିଷୟବସ୍ତୁ ଆଲୋଚନା କରିଥିଲେ।